ପ୍ରଥମ ବର୍ଷ ● ଚତୁର୍ଥ ସଂଖ୍ୟା
ମଇ - ଜୁନ୍, ୨୦୧୬



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



ଓଡ଼ିଶାରେ ବେଦପ୍ରଚାର କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କୁ
ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା ପକ୍ଷରୁ 'ବ୍ରହ୍ମଚାରୀ ରାଜସିଂହ ଆର୍ଯ୍ୟ ସ୍ମୃତି ସମ୍ମାନ' ପ୍ରଦାନ



ମହାଶୟ ଧର୍ମପାଳଙ୍କ ୯୩ତମ ଜନ୍ମୋତ୍ସବରେ ଶୁଭାଶିଷ ପ୍ରଦାନ ପାଇଁ ସମବେତ ସାଧୁ-ସନ୍ଥ ସ୍ୱାମୀ ସୁଧାନନ୍ଦ, ସ୍ୱାମୀ ସମ୍ପୂର୍ଣ୍ଣାନନ୍ଦ(ହରିଆନା), ସ୍ୱାମୀ ଦେବବ୍ରତ (ଅଧ୍ୟକ୍ଷ, ଆର୍ଯ୍ୟ ବୀରଦଳ), ସ୍ୱାମୀ ପ୍ରଣବାନନ୍ଦ(ଆଚାର୍ଯ୍ୟ, ଗୁରୁକୁଳ ଗୌତମନଗର, ଦିଲ୍ଲୀ), ସ୍ୱାମୀ ଧର୍ମେଶ୍ୱରାନନ୍ଦ(ସମ୍ପାଦକ, ଉତ୍ତରପ୍ରଦେଶ ଆର୍ଯ୍ୟ ପ୍ରତିନିଧି ସଭା)



ସ୍ୱାମୀ ସୁଧାନନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଆନନ୍ଦ ଚୌହାନ୍ ଓ ବିଦ୍ୟାମିତ୍ର ଠୁକରାଲ



ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ଆର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



ଚତୁର୍ଥ ପୀଢ଼ୀ ମଧ୍ୟ ଆର୍ଯ୍ୟ ସମାଜର କାର୍ଯ୍ୟରେ ସଂଲଗ୍ନ ଥିବାରୁ ଲାଲା ଲଜପତ୍ ରାୟଙ୍କ ପୌତ୍ରବଧୂ ମାତା ରବିଭୂଷଣ ରାୟଙ୍କୁ ସମ୍ବର୍ଦ୍ଧନା



ଦଶପଲ୍ଲାର ମହାବୀର କ୍ଷେତ୍ରରେ ସ୍ୱାମୀଜୀଙ୍କ ବେଦପ୍ରବଚନ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଶୈଳଶ୍ରୀ ବିହାର**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧**
ଦୂଭା.: ୯୩୩୭୧୦୩୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org

**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-1, Issue-4, May-June 2016


## ସୂଚୀପତ୍ର


୦୧. ଈଶ୍ୱରଙ୍କୁ ପାଇବା କିପରି ? ୦୨
୦୨. ସତ୍ୟାର୍ଥ ପ୍ରକାଶ ୧୩


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଈଶ୍ୱରଙ୍କୁ ପାଇବା କିପରି ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ.** — ଆମେ ଆଲୋଚନା କରିବା ଯେ — 'ଈଶ୍ୱରଙ୍କୁ ପାଇବା କିପରି ?' ଏ କଥା ତ ଆମେ ଜାଣିଛେ ଯେ, ଯେଉଁ ପଦାର୍ଥକୁ ଆମେ ପାଇବାକୁ ଚାହୁଁ ସେଇଟା କ'ଣ ତାହା ପ୍ରଥମେ ଜାଣିବା ଦରକାର । ଏ ପରିପ୍ରେକ୍ଷୀରେ ପ୍ରଥମେ ଆପଣ କହନ୍ତୁ ଯେ ଈଶ୍ୱର କିଏ ?

**ସ୍ୱାମୀଜୀ** — ଯୋଗଦର୍ଶନରେ ଈଶ୍ୱରଙ୍କର ଗୋଟିଏ ସୁନ୍ଦର ପରିଭାଷା ଦିଆଯାଇଛି —

**କ୍ଲେଶକର୍ମବିପାକାଶୟୈରପରାମୃଷ୍ଟଃ ପୁରୁଷବିଶେଷ ଈଶ୍ୱର ।** (ଯୋଗ.୧:୨୪)

ଈଶ୍ୱର ଗୋଟିଏ ସତ୍ତା, ଯିଏ କି କ୍ଲେଶରୁ, କର୍ମରୁ, ବିପାକରୁ ଏବଂ ଆଶୟରୁ – ଏ ଚାରୋଟିରୁ ପୃଥକ୍ ଅଟନ୍ତି, ଏ ଚାରୋଟିରେ ସଂସ୍ପୃଷ୍ଟ ନୁହନ୍ତି । ପ୍ରଥମ ବିନ୍ଦୁ 'କ୍ଲେଶ' ଉପରେ ଆଲୋଚନା କରିବା । 'କ୍ଲେଶ' ମାନେ କ'ଣ ? **'କ୍ଲିଶୂ ବିବାଧନେ'** ଧାତୁରୁ କ୍ଲେଶ ଶବ୍ଦର ଉତ୍ପତ୍ତି । **'କ୍ଲିଶ୍ନନ୍ତୀତି କ୍ଲେଶାଃ'**— ଯାହା-ଯାହା ଆମକୁ ଦୁଃଖ ଦିଅନ୍ତି, ଆମ ଦୁଃଖର କାରଣ ସେଗୁଡ଼ିକୁ ଏଠାରେ କ୍ଲେଶ ବୋଲି କୁହାଯାଇଛି । ସେ କ୍ଲେଶ କ'ଣ କ'ଣ ?—

**ଅବିଦ୍ୟାସ୍ମିତାରାଗଦ୍ୱେଷାଭିନିବେଶାଃ ପଞ୍ଚ କ୍ଲେଶାଃ ।** (ଯୋଗ. ୨:୩)

ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ- ଇଏ ହେଲା ପାଞ୍ଚୋଟି କ୍ଲେଶ । ଅତଃ —

**କ. ଅବିଦ୍ୟା** — ଅବିଦ୍ୟା ଅର୍ଥାତ୍ ଅଜ୍ଞାନ, ଯେଉଁ ବସ୍ତୁ ବା ଘଟଣା ଯେପରି ଅଟେ ତାକୁ ସେପରି ଭାବେ ନ ଜାଣିବା । ଯାହା ଭିତରେ ଅବିଦ୍ୟା ନଥାଏ ଅର୍ଥାତ୍ ଅଜ୍ଞାନ ନଥାଏ, ଯିଏ ପ୍ରତ୍ୟେକ ବସ୍ତୁ ଓ ଘଟଣାକୁ ଠିକ୍-ଠିକ୍ ଭାବେ ଜାଣନ୍ତି ତାଙ୍କୁ ଈଶ୍ୱର କୁହାଯାଏ । କୌଣସି ସତ୍ତାକୁ ଈଶ୍ୱର ବୋଲି କୁହାଯିବା ପାଇଁ ଏହା ଅତି ଜରୁରୀ ବିଷୟ ।

**ଖ. ଅସ୍ମିତା** — ଅସ୍ମିତା ମାନେ ଅହଙ୍କାର । ଈଶ୍ୱର ହେବା ପାଇଁ ଏହା ଆଉ ଏକ ଆବଶ୍ୟକତା । ଅତଃ ଯାହା ଭିତରେ ଅହଙ୍କାର ନାହିଁ ସେ ଈଶ୍ୱର । ପୁରାଣମାନଙ୍କରେ ଆମେ ଯେଉଁ ପଢୁଛେ-ଶୁଣୁଛେ ଯେ— ଅମୁକ ଦେବତା କହିଲେ, 'ମୁଁ ସବୁଠୁ ବଡ଼', ସମୁକ ଦେବତା କହିଲେ, 'ମୁଁ ସବୁଠୁ ବଡ଼' । ଫେରେ ସେମାନେ ପରସ୍ପର ମଧ୍ୟରେ ଟଣା-ଓଟରା ହେଲେ, ଶକ୍ତି-ପ୍ରଦର୍ଶନ ଓ ପ୍ରୟୋଗ କଲେ, ଜଣେ ଅନ୍ୟଜଣଙ୍କ ଭକ୍ତକୁ ହଇରାଣ-ହରକତ କଲେ ଇତ୍ୟାଦି । ଏଥିରୁ ଜଣାଯାଏ ଯେ, ଏମାନେ କେହି ମଧ୍ୟ ଈଶ୍ୱର ନୁହଁନ୍ତି । ଆଉ ଗୋଟିଏ କଥା ଯେ ଆମେ ରାମାୟଣରେ ପଢୁଛେ-ଶୁଣୁଛେ ଯେ ରାମ ବାହା ହୋଇ ଅଯୋଧ୍ୟା ଫେରିବା ରାସ୍ତାରେ ପରଶୁରାମ ଭେଟିଲେ । ସେ କେତେ କ'ଣ କହିଲେ— 'ମୁଁ ଏକବିଂଶ ବାର ପୃଥିବୀକୁ ନିଃକ୍ଷତ୍ରିୟ କରିଛି । ତୁମେ ଗୋଟିଏ ପୁରୁଣା ଧନୁକୁ ଭାଙ୍ଗି ଦେଇ କ'ଣ ବଡ଼ିମା ଦେଖାଉଛ ?... ଶକ୍ତି ଅଛି ତ ମୋର ଏ ଧନୁରୁ ତୀର ସନ୍ଧାନ କର । ସେ ରାମଙ୍କୁ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ମଧ୍ୟ ଆହ୍ୱାନ କଲେ ।' ଏଇଠି ପର୍ଶୁରାମଙ୍କ ଭିତରର ଅହଙ୍କାର ପ୍ରକଟିତ ହେଲା । ଉପର ସୂତ୍ରରେ କୁହାଯାଇଛି ପରମାତ୍ମା ସିଏ, ଯାହା ଭିତରେ ଅହଙ୍କାର ନଥାଏ । ଏପଟେ କୁହାଯାଉଛି ଦଶ ଅବତାର ଭିତରେ ପର୍ଶୁରାମ ବି ଏକ ଅବତାର ଏବଂ ରାମ ମଧ୍ୟ ଅବତାର । ପରମାତ୍ମାଙ୍କ ଗୋଟିଏ ଅବତାର ଯଦି ଅନ୍ୟ ଅବତାରକୁ ଚିହ୍ନିପାରୁନାହାନ୍ତି, ପରମାତ୍ମା ଗୋଟିଏ ଖୋଳ ଭିତରେ ରହି ଅନ୍ୟ ଗୋଟିଏ ଖୋଳ ଭିତରେ ଥିବା ନିଜକୁ ହିଁ ଯଦି ଜାଣିପାରୁନାହାନ୍ତି ଏବଂ 'ଯୁଦ୍ଧଂ ଦେହି' ଡାକରା, ଆହ୍ୱାନ (Challage) ଦେଉଛନ୍ତି, ତେବେ ପରମାତ୍ମାଙ୍କ ଭିତରେ ଏ କ୍ଷେତ୍ରରେ ଅବିଦ୍ୟା ଓ ଅସ୍ମିତା ଉଭୟ ପ୍ରକଟିତ ହେଉଛି ।

କିନ୍ତୁ ବାସ୍ତବିକତା ହେଲା ଯେ ଈଶ୍ୱରଙ୍କ ଭିତରେ ଅଜ୍ଞାନ ନାହିଁ କି ଅହଂକାର ନାହିଁ । ଏଣୁ ପରଶୁରାମଙ୍କୁ ଈଶ୍ୱର କି ଈଶ୍ୱରଙ୍କ ଅବତାର କହିବା ସମୀଚୀନ ନୁହେଁ । ବୁଦ୍ଧିକୁ ଜଳାଞ୍ଜଳି ନ ଦେଲେ ପରଶୁରାମଙ୍କୁ ପରମାତ୍ମାଙ୍କ ଅବତାର ରୂପେ କିପରି ସ୍ୱୀକାର କରାଯାଇପାରିବ ? ବାସ୍ତବରେ 'ଅବତାରବାଦ'ଟି 'ଅବାନ୍ତରବାଦ' ।

**ଗ. ରାଗ** — ରାଗ ଅର୍ଥାତ୍ ଆସକ୍ତି । ଯାହା ଭିତରେ କୌଣସି ବସ୍ତୁ ପ୍ରତି ଆସକ୍ତି ନାହିଁ, ସେ ଈଶ୍ୱର । ଈଶ୍ୱର ଆସକ୍ତି-ରହିତ ସତ୍ତା । ଯାହାର ଚମ୍ପା-କନିଅର-ମନ୍ଦାର-ମଲ୍ଲୀ ପ୍ରଭୃତି ଫୁଲ, ତୁଳସୀ-ବେଲପତ୍ର-ଦୟଣା ଆଦି ପତ୍ର, ନଡ଼ିଆ-କଦଳୀ ଆଦି ଫଳ, ମଣ୍ଡା-କାକରା-ଲଡୁ ପ୍ରଭୃତି ଭୋଗ-ରାଗ ପ୍ରତି ଅଭିରୁଚି ଥାଏ ସେମାନେ କେହି ମଧ୍ୟ ଈଶ୍ୱର ନୁହନ୍ତି ।

**ଘ. ଦ୍ୱେଷ** — ଈଶ୍ୱର ସିଏ, ଯାହାର କାହା ପ୍ରତି ଦ୍ୱେଷ ନଥାଏ ।

**ଙ. ଅଭିନିବେଶ** — ଏଠାରେ ଅଭିନିବେଶର ଅର୍ଥ ମୃତ୍ୟୁଭୟ । ଏ କଥା ଯୋଗଦର୍ଶନକାର ହିଁ ସ୍ପଷ୍ଟ କରିଛନ୍ତି— **'ସ୍ୱରସବାହୀ ବିଦୁଷୋଽପି ତଥା ରୂଢୋଽଭିନିବେଶଃ'** । (ଯୋଗ. ୨:୨) — ପୂର୍ବଜନ୍ମାନୁଭୂତ ମୃତ୍ୟୁଭୟ ରୂପକ ସଂସ୍କାର 'ଅଭିନିବେଶ' ନାମକ କ୍ଳେଶ । ଈଶ୍ୱରଙ୍କ ଭିତରେ ମରିଯିବାର ଭୟ ନଥାଏ, ସେ ପ୍ରାଣ-ଭୟରେ କେଉଁଠି କେବେ ଆତ୍ମଗୋପନ କରନ୍ତି ନାହିଁ କି ପଳାୟନ କରନ୍ତି ନାହିଁ । ଶିବ ଭସ୍ମାସୁରକୁ ବର ଦେଲା ପରେ ଯେତେବେଳେ ଭସ୍ମାସୁର ଶିବଙ୍କ ମୁଣ୍ଡରେ ହିଁ ହାତ ରଖିବାକୁ ଉଦ୍ୟମ କଲା ଶିବ ପ୍ରାଣଭୟରେ ଦୌଡ଼ିଲେ । ଏଣୁ ଶିବଙ୍କୁ କେମିତି ଈଶ୍ୱର ରୂପେ ଗ୍ରହଣ କରାଯାଇପାରିବ ?

ଅତଏବ ଈଶ୍ୱର ସିଏ ହିଁ ଅଟନ୍ତି, ଯିଏ କି ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ- ଏ ପାଞ୍ଚୋଟି ଯାକ କ୍ଳେଶରୁ ପୂର୍ଣ୍ଣତଃ ପୃଥକ୍ ଅଟନ୍ତି, ଅତୀତ-ବର୍ତ୍ତମାନ-ଭବିଷ୍ୟତ କେବେ ହେଲେ ଏସବୁରେ ସଂସ୍ପୃଷ୍ଟ ନୁହଁନ୍ତି ।

**୨. କର୍ମ** — ଯାହା କରାଯାଏ ତାହା କର୍ମ । ଫଳ ଦୃଷ୍ଟିରୁ କର୍ମ ମୁଖ୍ୟତଃ ଦୁଇ ପ୍ରକାରର— ସକାମ ଓ ନିଷ୍କାମ । ସକାମ କର୍ମ ତାହା, ଯାହା କି ଧନ-ଜନ-ମାନ ପ୍ରାପ୍ତି ଉଦ୍ଦେଶ୍ୟରେ କରାଯାଏ । ସକାମ କର୍ମ ୩ ପ୍ରକାର— ଶୁଭ, ଅଶୁଭ ଓ ମିଶ୍ରିତ । ଈଶ୍ୱର ତ ସକାମ କର୍ମ କରନ୍ତି ନାହିଁ । ଜୀବାତ୍ମା ପାଇଁ ନିଷ୍କାମ କର୍ମ ହେଲା ଈଶ୍ୱରୀୟ ଆନନ୍ଦ ବା ମୋକ୍ଷପ୍ରାପ୍ତି ଉଦ୍ଦେଶ୍ୟରେ କରାଯାଉଥିବା କର୍ମ । ଯେହେତୁ ଈଶ୍ୱରଙ୍କୁ କିଛି ଅପ୍ରାପ୍ତ ନୁହେଁ, ତେଣୁ କୌଣସି ପ୍ରାପ୍ତି ପାଇଁ ସେ କିଛି କରନ୍ତି ନାହିଁ । ସଂସାର କଲ୍ୟାଣ ପାଇଁ କେବଳ ସ୍ୱାଭାବିକ ରୂପେ ନିଷ୍କାମ କର୍ମ କରନ୍ତି । ସେ କେବଳ ଜୀବଗଣଙ୍କ କଲ୍ୟାଣ ପାଇଁ ସୃଷ୍ଟି ତିଆରି କରିଛନ୍ତି, ପଶୁ-ପକ୍ଷୀ-କୀଟ-ପତଙ୍ଗ ସ୍ଥାବର-ଜଙ୍ଗମ ସବୁ ତିଆରି କରିଛନ୍ତି, ସମସ୍ତଙ୍କୁ ପାଳନ-ପୋଷଣ କରୁଛନ୍ତି । ତାଙ୍କର କାହାଠୁ କିଛି ପାଇବାର ଇଚ୍ଛା ନାହିଁ । ଅତଏବ ଯିଏ କିଛି ପାଇବା ପାଇଁ କର୍ମ କରନ୍ତି, ସିଏ ଈଶ୍ୱର ନୁହଁନ୍ତି । ଆମେ ଯେଉଁ ପଢୁ-ଶୁଣୁ ଯେ ଅମୁକ ଭୋଗ-ରାଗ ଦେଲେ, ଅମୁକ ଦେବତା ସନ୍ତୁଷ୍ଟ ହୋଇ ଅମୁକ ପଦାର୍ଥ ଦିଅନ୍ତି ଏମାନେ କେହି ଈଶ୍ୱର ନୁହନ୍ତି । ସେସବୁ ନକଲି, ମିଥ୍ୟା ।

**୩. ବିପାକ — 'ବିପଚ୍ୟତ ଇତି ବିପାକଃ'**— କର୍ମ ପରିପାକ ହୋଇଗଲେ ତାହାକୁ ବିପାକ କହନ୍ତି । ବିପାକ ଅର୍ଥାତ୍ କର୍ମଫଳ । ଯାହାର କର୍ମଫଳ ନାହିଁ, ଯିଏ କୌଣସି ଫଳ ପ୍ରାପ୍ତି ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ, ସିଏ ଈଶ୍ୱର । କର୍ମଫଳ କେମିତି ମିଳେ । ଗୋଟିଏ ଆତ୍ମା ମନୁଷ୍ୟ ଶରୀର ଧାରଣ କରି କର୍ମ କରିଥାଏ । ଯେତେବେଳେ ସେ କର୍ମର ଫଳ ମିଳିବା ସ୍ଥିର ହୋଇଯାଏ ତାକୁ ବିପାକ କହନ୍ତି । ସବୁ କର୍ମର ଫଳ ଗୋଟିଏ ଜନ୍ମରେ ମିଳିପାରିନଥାଏ । ଯେଉଁ କର୍ମର ଫଳ ସେ ଜନ୍ମରେ ମିଳିନଥାଏ ପରଜନ୍ମରେ ସେ ଫଳ ମିଳେ ।

ଆମେ ଶୁଣିଛେ, ଲୋକମାନେ କହନ୍ତି କି ଶ୍ରୀକୃଷ୍ଣ ଶିଆଳି ଲତା ମୂଳେ ଶୋଇଥିବା ବେଳେ ଶ୍ରୀକୃଷ୍ଣଙ୍କ ପାଦରେ ତୀର ବାଜିଲା । ଫଳରେ ତାଙ୍କ ଦେହାନ୍ତ ହୋଇଗଲା । ସେ ତୀର ଜଣେ ଶବର ମାରିଥିଲା । ସେ ତୀର କାହିଁକି ବାଜିଲା ତା'ର କାରଣ ସ୍ୱରୂପ ଶୁଣାଯାଏ ଯେ— ଶ୍ରୀକୃଷ୍ଣ ପୂର୍ବଜନ୍ମରେ ଶ୍ରୀରାମ ହୋଇ ଜନ୍ମଗ୍ରହଣ କରିଥିଲେ । ଶ୍ରୀରାମ ବାଳୀକୁ ବଧ କରିଥିଲେ । ବାଳୀର ପୁତ୍ରର ନାମ ଥିଲା ଅଙ୍ଗଦ । ପିତୃହତ୍ୟାର ପ୍ରତିଶୋଧ ନେଇ ହତ୍ୟାକାରୀ ରାମଙ୍କୁ ମାରିବାର ଭାବନା

ଅଙ୍ଗଦ ଭିତରେ ଜାଗ୍ରତ ହେଲା । ଶ୍ରୀରାମ ତାହା ଜାଣିପାରି କୁଆଡ଼େ ପ୍ରତିଶ୍ରୁତି ଦେଇଥିଲେ ଯେ, 'ଏ ଜନ୍ମରେ ତ ତୁମ ଇଚ୍ଛା ପୂର୍ଣ୍ଣ ହୋଇପାରିବ ନାହିଁ । ପରଜନ୍ମରେ ମୁଁ କୃଷ୍ଣ ହୋଇ ଜନ୍ମ ନେବି । ସେତେବେଳେ ତୁମେ ମୋତେ ମାରି ତୁମ ବାପାଙ୍କ ମୃତ୍ୟୁର ପ୍ରତିଶୋଧ ନେବ ।' ରାମ ପରଜନ୍ମରେ କୃଷ୍ଣ ହେଲେ ଏବଂ ଅଙ୍ଗଦ ପରଜନ୍ମରେ ସେ ଶବର ହେଲା ଓ ଶ୍ରୀକୃଷ୍ଣଙ୍କ ପାଦକୁ ତୀର ମାରିଲା । ଅର୍ଥାତ୍ ଶ୍ରୀରାମଙ୍କୁ ପରଜନ୍ମରେ ବି କର୍ମଫଳ ଭୋଗିବାକୁ ପଡ଼ିଲା । ଇଏ ତ ହେଲା ଗୋଟିଏ ଦିଗରୁ ।

ଅନ୍ୟ ଏକ ଦିଗ ବିଷୟରେ ବି ବିଚାର କରିବା । ବାଲ୍ମୀକି ରାମାୟଣରେ ଲେଖାହୋଇଛି—

**ପୂର୍ବଂ ମୟା ନୂନମଭୀପ୍‌ସିତାନି ପାପାନି କର୍ମାଣ୍ୟସକୃତ୍ କୃତାନି ।**
**ତତ୍ରାୟମଦ୍ୟଂ ପତିତୋ <u>ବିପାକୋ</u> ଦୁଃଖେନ ଦୁଃଖଂ ଯଦହଂ ବିଶାମି ॥** (ଅରଣ୍ୟ. ୬୩:୪)

ରାମ ଲକ୍ଷ୍ମଣଙ୍କୁ କହୁଛନ୍ତି, 'ନିଶ୍ଚିତ ଭାବରେ ମୁଁ ପୂର୍ବଜନ୍ମରେ ଅନେକ ପାପ କାମ କରିଛି, ଯେଉଁଥି ପାଇଁ ମୋତେ ଦୁଃଖ ଉପରେ ଦୁଃଖ ଭୋଗିବାକୁ ପଡୁଛି । ରାମ କ'ଣ କହିଲେ ? ରାମ କହିଲେ ଯେ- 'ମୋର ପୂର୍ବଜନ୍ମର ଖରାପ କର୍ମର ବିପାକ(ଫଳ) ସ୍ୱରୂପ ମୋତେ ଦୁଃଖ ଭୋଗିବାକୁ ପଡୁଛି । ଯାହାର କର୍ମଫଳ ଭୋଗ କରିବାର ଥାଏ, ବିପାକ ଥାଏ, ସେ ଈଶ୍ୱର ନୁହନ୍ତି । ଏଥିରୁ ନିଷ୍କର୍ଷ ବାହାରିଲା ଯେ ରାମ ପରମାତ୍ମା ନୁହନ୍ତି ।

ସେପଟେ କୃଷ୍ଣଙ୍କ କ୍ଷେତ୍ରରେ ଆମେ ଦେଖିଲେ ଯେ ସେ ପୂର୍ବଜନ୍ମରେ ରାମ ହୋଇ ବାଳୀକୁ ମାରିଥିବା କାରଣରୁ ତାଙ୍କୁ ଶରବିଦ୍ଧ ହୋଇ ପ୍ରାଣତ୍ୟାଗ କରିବାକୁ ପଡ଼ିଲା । ଏଣୁ କୃଷ୍ଣ ବି ଈଶ୍ୱର ନୁହଁନ୍ତି ।

**୪. ଆଶୟ— 'ଆଫଲବିପାକାତ୍ ଚିତ୍ତଭୂମୌ ଶେରତ ଇତ୍ୟାଶୟାଃ'**— କର୍ମ ପରିପାକ ହେବା ଯାଏ ଚିତ୍ତ ଭୂମିରେ ଯେଉଁ ବାସନାଗୁଡ଼ିକ ପଡ଼ି ବା ଶୋଇ ରହିଥାନ୍ତି ସେଗୁଡ଼ିକୁ 'ଆଶୟ' କୁହାଯାଏ । ବ୍ୟାସଭ୍ୟାଷ୍ୟରେ କୁହାଯାଇଛି— **'ତଦନୁଗୁଣା ବାସନା ଆଶୟାଃ'** ।

ଈଶ୍ୱରଙ୍କ ସକାମ କର୍ମ ନ ଥିବାରୁ କର୍ମଫଳ(ବିପାକ) ନାହିଁ କି ବାସନା (ଆଶୟ) ନାହିଁ ।

ଅତଃ ଯାହାର ଅବିଦ୍ୟାଦି କ୍ଳେଶ ନାହିଁ, ସକାମ କର୍ମ ନାହିଁ, ବିପାକ ନାହିଁ ଅର୍ଥାତ୍ ଯାହାକୁ କର୍ମଫଳ ଭୋଗ କରିବାକୁ ପଡ଼େନି, ଯାହାର ଆଶୟ ନାହିଁ ଅର୍ଥାତ୍ ଜନ୍ମ-ଜନ୍ମର କର୍ମ, ବାସନା ଯାହାର ସଞ୍ଚିତ ହୋଇ ରହେନି, ସେ ହେଉଛନ୍ତି **'ଈଶ୍ୱର'** ।

**ପ୍ର.କ.** — ଆମେ ଜାଣିଛେ ଯେ ଗୋଟିଏ ଧାତୁ ହେଉ କି ପଦାର୍ଥ ହେଉ, ସବୁର ଗୁଣ ଅଛି । ମଣିଷର ବି କିଛି ଗୁଣ ଅଛି, ପଶୁ-ପକ୍ଷୀଙ୍କର ବି ଗୁଣ ଅଛି । ସେମିତି ଆପଣ କହିପାରିବେ କି ଈଶ୍ୱର ସଗୁଣ ନା ନିର୍ଗୁଣ ?

**ସ୍ୱାମୀଜୀ** — ବୈଶେଷିକ ଦର୍ଶନରେ ପଦାର୍ଥର ପରିଭାଷାରେ କୁହାଯାଇଛି—

**କ୍ରିୟାଗୁଣବତ୍ ସମବାୟିକାରଣମିତି ଦ୍ରବ୍ୟଲକ୍ଷଣମ୍ ।**
(ବୈଶେ. ୧:୧:୧୫)

ଯାହା କ୍ରିୟା ଓ ଗୁଣରେ ସଦା ସଂଯୁକ୍ତ ଅର୍ଥାତ୍ ଯାହା କ୍ରିୟା ଓ ଗୁଣର ଆଶ୍ରୟ ତାହା ଦ୍ରବ୍ୟ ବା ପଦାର୍ଥ । ଅର୍ଥାତ୍ ଯଦି କୌଣସି ପଦାର୍ଥ ଅଛି, ତା' ଭିତରେ ଗୁଣ ନିଶ୍ଚିତ ଭାବେ ରହିବ । ଗୁଣରୁ ଯଦି ପୂର୍ଣ୍ଣତଃ ରହିତ ଅର୍ଥାତ୍ କୌଣସି ଗୁଣ ଯଦି ନାହିଁ ତେବେ ତାହା କୌଣସି ସତ୍ତାବାନ୍ ଦ୍ରବ୍ୟ ବା ଅସ୍ତିତ୍ୱବାନ୍ ସତ୍ତା ହୋଇପାରିବ ନାହିଁ । ତେଣୁ ପଦାର୍ଥଟିଏ ଯଦି ଅଛି, ଗୋଟିଏ ସତ୍ତା ଯଦି ଅଛି ତେବେ ତା'ର ଗୁଣ ନିଶ୍ଚିତ ଭାବେ ରହିବ । ବର୍ତ୍ତମାନ ଆପଣ ଯେଉଁ ପ୍ରଶ୍ନ ପଚାରିଛନ୍ତି ଯେ 'ଈଶ୍ୱର ସଗୁଣ ନା ନିର୍ଗୁଣ ?' ତା'ର ଉତ୍ତର ହେଲା— ଶାସ୍ତ୍ରରେ କୁହାଯାଇଛି କି ଈଶ୍ୱର ସଗୁଣ ବି ଏବଂ ନିର୍ଗୁଣ ମଧ୍ୟ ।

**ପ୍ର.କ.** — ଇଏ ତ ଗୋଟିଏ ବିଚିତ୍ର ଉତ୍ତର ଆପଣ ଦେଲେ । ଯା' ତ ଈଶ୍ୱର ସଗୁଣ ହୋଇଥିବେ ଅର୍ଥାତ୍ ତାଙ୍କ ପାଖରେ ଗୁଣ ଥିବ, ଅଥବା ଈଶ୍ୱର ନିର୍ଗୁଣ ହୋଇଥିବେ ଅର୍ଥାତ୍ ତାଙ୍କ ପାଖରେ ଗୁଣ ନ ଥିବ । 'ସେ ସଗୁଣ ବି ଓ ନିର୍ଗୁଣ ମଧ୍ୟ' ଏଇଟା କେମିତି ସମ୍ଭବ ?

**ସ୍ୱାମୀଜୀ** — ଯଦି ସଂସାରରେ ଗୋଟିଏ ମାତ୍ର ଗୁଣ ଥାଆନ୍ତା, ତେବେ ସେ ଗୁଣଟି ଈଶ୍ୱରଙ୍କ ଭିତରେ ଥିଲେ ଈଶ୍ୱର ସଗୁଣ ହୋଇଥାଆନ୍ତେ ଏବଂ ସେ ଗୁଣଟି ଈଶ୍ୱରଙ୍କ ଭିତରେ ନ ଥିଲେ ସେ ନିର୍ଗୁଣ ହୋଇଥାଆନ୍ତେ । କିନ୍ତୁ ସଂସାରରେ ବହୁତ ଗୁଣ ଅଛି । ମନେକରନ୍ତୁ ୫୦୦ଟା ଗୁଣ ଅଛି, ସେ ଭିତରୁ ୩୦୦ଟା ଈଶ୍ୱରଙ୍କ ପାଖରେ ଅଛି, ଆଉ ୨୦୦ଟା ନାହିଁ । ଯେଉଁ ୩୦୦ଟା ଗୁଣ ଈଶ୍ୱରଙ୍କ ଭିତରେ ଅଛି, ସେ ଗୁଣଗୁଡ଼ିକ ଦୃଷ୍ଟିରୁ ଈଶ୍ୱର ହେଉଛନ୍ତି ସଗୁଣ । ଆଉ ଯେଉଁ ୨୦୦ଟି ଈଶ୍ୱରଙ୍କ ପାଖରେ ନାହିଁ, ସେ ଗୁଣଗୁଡ଼ିକ ଦୃଷ୍ଟିରୁ ଈଶ୍ୱର ନିର୍ଗୁଣ । ଯଥା- ଆନନ୍ଦ ଗୋଟିଏ ଗୁଣ । ଈଶ୍ୱରଙ୍କ ପାଖରେ ଆନନ୍ଦ ଅଛି । ତେଣୁ 'ଆନନ୍ଦ' ଦୃଷ୍ଟିରୁ ଈଶ୍ୱର ସଗୁଣ । 'ରୂପ' ଆଉ ଗୋଟିଏ ଗୁଣ । ଈଶ୍ୱରଙ୍କର 'ରୂପ' ନାହିଁ । ଅତଃ 'ରୂପ' ଗୁଣ ଦୃଷ୍ଟିରୁ ଈଶ୍ୱର ନିର୍ଗୁଣ । ସେ ଅରୂପ ।

**ପ୍ର.କ.** — ଆପଣ କହୁଛନ୍ତି ଯେ- 'ଈଶ୍ୱରଙ୍କର ରୂପ ନାହିଁ ।' କିନ୍ତୁ ସଂସାରରେ ସମସ୍ତେ ଜାଣିଛନ୍ତି 'ହନୁମାନ' ଅର୍ଥାତ୍ ଜଣେ ଗଦାଧାରୀ ହୋଇଥିବେ, 'ରାମଚନ୍ଦ୍ର' ମାନେ ତାଙ୍କ ହାତରେ ଧନୁ-ତୀର ଥିବ, 'କୃଷ୍ଣ' ମାନେ ଚକ୍ର ଧରିଥିବେ ଇତ୍ୟାଦି । ଯଦି ଈଶ୍ୱରଙ୍କୁ କେହି ଦେଖିନାହାନ୍ତି, ଈଶ୍ୱରଙ୍କର ଯଦି ରୂପ ନାହିଁ, ତା' ହେଲେ ଆମେ କେମିତି ଏମିତି ଫୋଟୋସବୁ ପୂଜା କରୁଛୁ ?

**ସ୍ୱାମୀଜୀ** — ଆମେ ଆଗରୁ ଆଲୋଚନା କରିସାରିଛେ ଯେ ରାମ ଓ କୃଷ୍ଣ ଈଶ୍ୱର ନୁହନ୍ତି । ସେହିଭଳି ହନୁମାନ ମଧ୍ୟ ଈଶ୍ୱର ନୁହନ୍ତି । ରାମ ଜଣେ ମହାପୁରୁଷ, କୃଷ୍ଣ ଜଣେ ମହାପୁରୁଷ, ହନୁମାନ ମଧ୍ୟ ଜଣେ ମହାପୁରୁଷ । ମହାପୁରୁଷ ମାନେ ସମସ୍ତେ ମଣିଷ । ମଣିଷର ଆକାର ଅଛି । ତେଣୁ ରାମ, କୃଷ୍ଣ ଓ ହନୁମାନଙ୍କର ରୂପ ଅଛି । ଏମାନେ କେହି ଈଶ୍ୱର ନୁହଁନ୍ତି ଏକଥା ଆମେ ଅନ୍ୟ ଆଧାରରେ ମଧ୍ୟ ନିରୂପଣ କରିପାରିବା ।।

**ପ୍ର.କ.** — କେଉଁ ଆଧାରରେ ?

**ସ୍ୱାମୀଜୀ** — ରାମ ପ୍ରତ୍ୟହ ଈଶ୍ୱରଙ୍କ ଉପାସନା କରୁଥିଲେ । କୃଷ୍ଣ ମଧ୍ୟ ନିୟମିତ ପରମାତ୍ମାଙ୍କ ଉପାସନା କରୁଥିଲେ । ହନୁମାନ ମଧ୍ୟ ଈଶ୍ୱରଙ୍କ ଉପାସନା କରୁଥିଲେ । ଏମାନେ ଯଦି ନିଜେ ପରମେଶ୍ୱର ଥିଲେ, ତେବେ ପୁଣି କେଉଁ ଈଶ୍ୱରଙ୍କ ଉପାସନା କରୁଥିଲେ ? ଅତଃ ଏମାନେ କେହି ମଧ୍ୟ ଈଶ୍ୱର ନଥିଲେ ।

ଦ୍ୱିତୀୟ କଥା ହେଲା— ଆମେ ପୂର୍ବରୁ ଆଲୋଚନା କରିଛେ ଯେ ଯାହା ଭିତରେ ଅଜ୍ଞାନ ଅଛି, ଅବିଦ୍ୟା ଅଛି, ସେ ଈଶ୍ୱର ନୁହନ୍ତି । ଯାହା ପାଖରେ ଜ୍ଞାନ ନଥାଏ ତାକୁ ଜ୍ଞାନ ପ୍ରାପ୍ତ କରିବାର ଆବଶ୍ୟକତା ପଡ଼େ । ଯାହାର ଯେଉଁ ବିଷୟରେ ଜ୍ଞାନ ପୂର୍ଣ୍ଣ ଥାଏ ତାକୁ ସେ ବିଷୟକ ଜ୍ଞାନ ଶିଖିବାର ଆବଶ୍ୟକତା ପଡ଼େନି । ଯେମିତିକି ଜଣେ ପେଟପୂରା ଖାଇସାରିଛି, ତାକୁ ସେତେବେଳେ ଆଉ ଖାଦ୍ୟ ଦରକାର ପଡ଼େ କି ?

**ପ୍ର.କ.** — ନା, ତାକୁ ସେତେବେଳେ ଖାଦ୍ୟ ଆଉ ଦରକାର ନାହିଁ ।

**ସ୍ୱାମୀଜୀ** — ଠିକ୍, ଦରକାର ନାହିଁ । କାରଣ ତା'ର ଆବଶ୍ୟକତା ନାହିଁ । ଆଚ୍ଛା ! ଈଶ୍ୱର ସର୍ବଜ୍ଞ ନା ଅଜ୍ଞ ?
**ପ୍ର.କ.** — ସର୍ବଜ୍ଞ । **ସ୍ୱାମୀଜୀ** — ଯଦି ଈଶ୍ୱର ସର୍ବଜ୍ଞ, ତାଙ୍କୁ ଆଉ ଜ୍ଞାନ ଆହରଣର ଆବଶ୍ୟକତା ଅଛି କି ? ପାଠ ପଢ଼ିବାର ଆବଶ୍ୟକତା ଅଛି କି ? **ପ୍ର.କ.** — ନା ।

**ସ୍ୱାମୀଜୀ** — ରାମଚନ୍ଦ୍ର ତ ବଶିଷ୍ଠଙ୍କ ଗୁରୁକୁଳକୁ ଯାଇ ବେଦ-ଶାସ୍ତ୍ର ପଢ଼ିଲେ । କୃଷ୍ଣ ତ ସାନ୍ଦିପନୀଙ୍କ ଗୁରୁକୁଳକୁ ଯାଇ ବେଦ-ଶାସ୍ତ୍ର ପଢ଼ିଲେ । ଏଥିରୁ କ'ଣ ଜଣାପଡୁଛି ?

**ପ୍ର.କ.** — ଏମାନେ ଈଶ୍ୱର ନୁହନ୍ତି । ଏମାନେ ବି ଆମମାନଙ୍କ ଭଳି ମଣିଷ । ଈଶ୍ୱର ବା ପରଂବ୍ରହ୍ମ ଆଉ ଜଣେ ଅଛନ୍ତି ।

**ସ୍ୱାମୀଜୀ** —ଏକଦମ୍ ଠିକ୍ । ଈଶ୍ୱର ଅନ୍ୟ ଏକ ସତ୍ତା । ରାମ, କୃଷ୍ଣ ଆଦି ଈଶ୍ୱର କି ଈଶ୍ୱରଙ୍କ ଅବତାର ନୁହନ୍ତି । ଏମାନେ ଆମର ମହାପୁରୁଷ, ଆମର ଆଦର୍ଶ ପୁରୁଷ । ସେମାନେ ସେମାନଙ୍କ ଜୀବନରେ ସତ୍ୟ-ନ୍ୟାୟ-ଧର୍ମ ପୂର୍ବକ ଯାହା କରିଯାଇଛନ୍ତି, ତାହା ଆମ ପାଇଁ

ଅନୁକରଣୀୟ । ଏହି ବିଷୟରେ ଜଣେ ମନୀଷୀଙ୍କ ବକ୍ତବ୍ୟ ଉପରେ ଆମେ ଦୃଷ୍ଟିପାତ କରିବା । ସେ ହେଲେ ଡଃ. କେଶବ ବଳିରାମ ହେଡ୍‌ଗେୱାର୍ । ହିନ୍ଦୁସମାଜର ଅଧଃପତନ, ଦୁର୍ଦ୍ଦଶା, ହିନ୍ଦୁସମାଜରେ ବ୍ୟାପ୍ତ ଅକର୍ମଣ୍ୟତା, ଅନ୍ୟାୟକୁ ସହନ କରିଯିବାର ପ୍ରବୃତ୍ତି, ପ୍ରତିରୋଧ କରିବାର ସଂଘବଦ୍ଧ ପ୍ରଚେଷ୍ଟାର ଅଭାବର ପ୍ରବୃତ୍ତି ଉପରେ ଗଭୀର ମନନ-ଚିନ୍ତନ କରି ସେ ଅତି ଗୁରୁତ୍ୱପୂର୍ଣ୍ଣ ବିଚାର ଉପସ୍ଥାପନ କରିଛନ୍ତି । ଡକ୍ଟରଜୀ କହିଲେ, 'ଯେଉଁଦିନଠୁ ହିନ୍ଦୁମାନେ ରାମ ଓ କୃଷ୍ଣଙ୍କୁ ଭଗବାନ କରିଦେଲେ, ସେହି ଦିନଠୁ ସେମାନଙ୍କ ଜୀବନରୁ ଶିଖିବା, ପ୍ରେରଣା ନେବା ଛାଡ଼ି ଦେଲେ ।'

**ପ୍ର.କ.** — କେମିତି ?

**ସ୍ୱାମୀଜୀ** — ରାମ ସାମାନ୍ୟ ଜନତାଙ୍କୁ ସଂଗଠିତ କରି ବହୁତ ବଡ଼-ବଡ଼ ଅନ୍ୟାୟକାରୀ ଶକ୍ତିଙ୍କ ବିରୁଦ୍ଧରେ ସଂଘର୍ଷ କରିଥିଲେ । 'ରାମଙ୍କ ଜୀବନରୁ ଏଇ କଥା ଆମେ ଶିଖିବା, ଆମେ ସଂଗଠିତ ହୋଇ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷ କରିବା' ବୋଲି ଆଜି କୁହାଯିବା ବେଳକୁ ଆମ ସମାଜରୁ ତୁରନ୍ତ ଉତ୍ତର ମିଳୁଛି— 'ସେ ତ ଭଗବାନ ଥିଲେ, ସେଇଥି ପାଇଁ ସେ କରିଦେଲେ । ଆମେ ତ ଭଗବାନ ନୋହୁଁ, ଆମେ ସାମାନ୍ୟ ମଣିଷ, ଆମେ କୁଆଡ଼େ କରିପାରିବୁ ? ସଂସାରରୁ ପାପର ଭାର ହରଣ କରିବା କାମ ତ ଭଗବାନଙ୍କର । ସେ ଆସି ତାଙ୍କ କାମ କରିବେ । ଆମେ କାହିଁକି ଏସବୁରେ ମୁଣ୍ଡ ପୂରେଇବା ?' ଇତ୍ୟାଦି । ଗୀତାର ଏ ଶ୍ଳୋକ — **'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ.....'**— 'ଯେତେବେଳେ-ଯେତେବେଳେ ସଂସାରରେ ଧର୍ମର ଗ୍ଳାନି ଓ ଅଧର୍ମର ଉତ୍‌ଥାନ ହୁଏ ମୁଁ ଧରାପୃଷ୍ଠକୁ ଆସି ପାପ ଭାର ହରଣ କରେ'- ଏହା ହିନ୍ଦୁ ସମାଜକୁ ଭୀରୁ, କାପୁରୁଷ, ଅକର୍ମଣ୍ୟ, କର୍ତ୍ତବ୍ୟବିମୁଖ, ଅନ୍ୟାୟ-ପ୍ରଶ୍ରୟକାରୀ କରିଦେଲା, ହିନ୍ଦୁସମାଜର ସତ୍ୟାନାଶ କରିଦେଲା । ସମସ୍ତ ସ୍ଥିତିକୁ ଭଗବାନଙ୍କ ଭରସାରେ ଛାଡ଼ି ହାତବାନ୍ଧି ଅକର୍ମଣ୍ୟ ହୋଇ ବସିରହିବାର ଖୋରାକ ହିନ୍ଦୁମାନଙ୍କୁ ଯୋଗାଇଲା । ଆମେ ଯଦି ରାମଙ୍କୁ, କୃଷ୍ଣଙ୍କୁ ଆମ ଆଦର୍ଶ ପୁରୁଷ ଭାବରେ ଗ୍ରହଣ କରିବା, ତେବେ ଆମେ ସେମାନଙ୍କ ଜୀବନରୁ ବହୁତ କିଛି ଶିଖିପାରିବା, ଆମେ ବି ସେଭଳି ହେବା ପାଇଁ ପ୍ରେରଣା ପାଇବା ।

**ପ୍ର.କ.**— ଆପଣ କହିଲେ ଯେ, 'ଈଶ୍ୱରଙ୍କର ରୂପ ନାହିଁ' । ଆଚ୍ଛା ! ସେ ରହନ୍ତି କେଉଁଠି ?

**ସ୍ୱାମୀଜୀ** — ଆପଣଙ୍କ ପ୍ରଥମ କଥା ଉପରେ ପ୍ରଥମେ ମୁଁ ଟିକିଏ ସ୍ପଷ୍ଟୀକରଣ ରଖୁଛି ଯେ, 'ଈଶ୍ୱରଙ୍କର ରୂପ ନାହିଁ'— ଏହା ମୋର ନିଜସ୍ୱ ମନ୍ତବ୍ୟ ନୁହେଁ । ଏ କଥା ବେଦରେ କୁହାଯାଇଛି—

**ନ ତସ୍ୟ ପ୍ରତିମାଃ ଅସ୍ତି ।** (ଯଜୁଃ. ୪୦:୮)

ପରମପିତା ପରମାତ୍ମାଙ୍କର କୌଣସି ପ୍ରତିମା ନାହିଁ । ଏହା ଯଜୁର୍ବେଦ ୩୨ ଅଧ୍ୟାୟର ୩ୟ ମନ୍ତ୍ରରେ ଅଛି । ଯଜୁର୍ବେଦର ୪୦ ଅଧ୍ୟାୟର ୮ମ ମନ୍ତ୍ରରେ ଅଛି—

**ସ ପର୍ଯ୍ୟଗାଚ୍ଛୁକ୍ରମକାୟମ୍ ।** (ଯଜୁଃ. ୪୦:୮)

**'ସ ପର୍ଯଗାତ୍'**— ଈଶ୍ୱର ସର୍ବବ୍ୟାପକ ଅଟନ୍ତି । **'ଅକାୟମ୍'** । 'କାୟ' ମାନେ ଶରୀର । **'ଅକାୟମ୍'** ମାନେ କ'ଣ ? **ପ୍ର.କ.**— **'ଅକାୟମ୍'** ମାନେ ଯାହାର ଶରୀର ନାହିଁ । **ସ୍ୱାମୀଜୀ** — ଅତଃ ଈଶ୍ୱର **'ଅକାୟମ୍'** ଅର୍ଥାତ୍ ପରମପିତା ଶରୀରରହିତ ଅଟନ୍ତି । ସେ କେବେ ବି ଶରୀର ଧାରଣ କରନ୍ତି ନାହିଁ । ଅତଏବ 'ଈଶ୍ୱରଙ୍କ ରୂପ ନାହିଁ' ଏହା ବୈଦିକ ସିଦ୍ଧାନ୍ତ, ମୋର ନିଜସ୍ୱ ମତ ନୁହେଁ । ଉପନିଷଦରେ ବି କୁହାଯାଇଛି ଯେ ଈଶ୍ୱର ରୂପରହିତ, ରସରହିତ, ଗନ୍ଧରହିତ ଇତ୍ୟାଦି । ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ- ଏସବୁ ପ୍ରକୃତିର ଗୁଣ । ଏହା ଈଶ୍ୱରଙ୍କ ଗୁଣ ନୁହେଁ ।

ଦ୍ୱିତୀୟ କଥା ଆପଣ ଯେଉଁ ପଚାରିଲେ ଯେ— 'ଈଶ୍ୱର ରହନ୍ତି କେଉଁଠି ?' ମୁଁ ପୂର୍ବରୁ ହିଁ କହିସାରିଛି — **'ସ ପର୍ଯଗାତ୍'**— ପରମପିତା ପରମାତ୍ମା ସର୍ବବ୍ୟାପକ ଅଟନ୍ତି, ସେ ସବୁଠି ଅଛନ୍ତି । ଶ୍ୱେତାଶ୍ୱେତର ଉପନିଷଦରେ କୁହାଯାଇଛି— **'ସର୍ବବ୍ୟାପିନମାତ୍ମନଂ କ୍ଷୀରେ ସର୍ପିରିବାର୍ପିତମ୍ ।'** (ଶ୍ୱେତା.୧:୧୬)— କ୍ଷୀର ଭିତରେ ଯେମିତି ଘିଅ ବ୍ୟାପକ ହୋଇ ରହିଥାଏ, ସେହିଭଳି ଭାବରେ ସମଗ୍ର ବ୍ରହ୍ମାଣ୍ଡରେ ପରମାତ୍ମା ବ୍ୟାପକ ହୋଇ ରହିଛନ୍ତି । ଈଶୋପନିଷଦରେ କୁହାଯାଇଛି—

**'ଈଶାବାସ୍ୟମିଦଂ ସର୍ବଂ ଯକ୍ତିଞ୍ଚ ଜଗତ୍ୟାଂ ଜଗତ୍ ।'**
(ଈଶ. ୧:୧)

ପରମପିତା ପରମାତ୍ମା ସାରା ସଂସାରରେ, ସମସ୍ତ ଜଡ଼-ଚେତନ, ସ୍ଥାବର-ଜଙ୍ଗମ ଭିତରେ ବ୍ୟାପକ ହୋଇ ରହିଅଛନ୍ତି । ଈଶ୍ୱର ଯଦି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଥାଆନ୍ତେ ତେବେ ଏ ପ୍ରଶ୍ନ ବେଶୀ ସାର୍ଥକ ହୋଇଥାନ୍ତା ଯେ ଈଶ୍ୱର କେଉଁଠି ଅଛନ୍ତି ? ହରିଦ୍ୱାରରେ ଅଛନ୍ତି ନା ପୁରୀରେ ଅଛନ୍ତି ? ଦ୍ୱାରିକାରେ ଅଛନ୍ତି ନା ରାମେଶ୍ୱରରେ ? ପ୍ରୟାଗରେ ନା କାଶୀରେ ? ବୈକୁଣ୍ଠରେ ନା କ୍ଷୀର-ସାଗରରେ ? ଆମେ ଜାଣିଲେ ଯିବୁ ତାଙ୍କ ପାଖକୁ ଦର୍ଶନ କରିବାକୁ ।' ଈଶ୍ୱର ତ ସବୁଠି ଅଛନ୍ତି । କେଉଁଠି ନାହାନ୍ତି ? ଈଶ୍ୱର କେଉଁଠି ଅଛନ୍ତି ଏ ପ୍ରଶ୍ନ ଅପେକ୍ଷା ଈଶ୍ୱର କେଉଁଠି ନାହାନ୍ତି ଏ ପ୍ରଶ୍ନ ବେଶୀ ସମୀଚୀନ । ଯେମିତିକି ପରୀକ୍ଷାରେ ବହୁତ ଭଲ ଲେଖିଥିବା ପରୀକ୍ଷାର୍ଥୀର ଖାତାର ମୂଲ୍ୟାଙ୍କନ କଲାବେଳେ ପରୀକ୍ଷାର୍ଥୀ କେଉଁଠି କ'ଣ ଛାଡ଼ିଦେଇଛି କି ତାହା ମୂଲ୍ୟାଙ୍କନକର୍ତ୍ତା ତନ୍ନ-ତନ୍ନ କରି ଖୋଜନ୍ତି ।

ଯେହେତୁ ଈଶ୍ୱର ସର୍ବବ୍ୟାପକ, ସେଥିପାଇଁ ଏମିତି କୌଣସି ସ୍ଥାନ ନାହିଁ ଯାହାକି ଈଶ୍ୱରଙ୍କ ଅବସ୍ଥିତିରୁ ରିକ୍ତ । ଶାସ୍ତ୍ରରେ କୁହାଯାଇଛି, 'ଜଗତଟା ବ୍ରହ୍ମମୟ' । 'ମୟ' କେତେବେଳେ କୁହାଯାଏ ? ଆମେ 'ଜଳମୟ' କେତେବେଳେ କହୁ ? **ପ୍ର.କ.**— ଯେତେବେଳେ ଚାରିଆଡ଼େ ପାଣି ହୋଇଯାଏ । **ସ୍ୱାମୀଜୀ** — ନଦୀ ବଢ଼ିରେ ଗାଁ-ଗଣ୍ଡା ସବୁ ଜଳମୟ ହୋଇଗଲା । ଏକଥା କେତେବେଳେ କହୁ ? ନଈ-ନାଳରେ ଟିକେ-ଟିକେ ପାଣି ଚାଲୁଥିବା ବେଳେ ନା ରାସ୍ତା-ଘାଟ-କ୍ଷେତ ସବୁ ଆଡ଼େ ପାଣି ଭରିଯାଇଥିବା ବେଳେ ? **ପ୍ର.କ.**— ରାସ୍ତା-ଘାଟ-କ୍ଷେତ ସବୁ ପାଣିରେ ବୁଡ଼ିଯାଇଥିଲେ । **ସ୍ୱାମୀଜୀ** — ସେମିତି 'ବ୍ରହ୍ମମୟ' ଶବ୍ଦର ଅର୍ଥ ପରମପିତା ପରମାତ୍ମା ସଂସାରରେ ସର୍ବତ୍ର ବ୍ୟାପକ ହୋଇ ଅଛନ୍ତି । କୌଣସି ନିର୍ଦ୍ଦିଷ୍ଟ ମନ୍ଦିର କି ଧର୍ମପୀଠରେ, କୌଣସି ଗଛ ତଳେ, ସପ୍ତମ କି ଚତୁର୍ଥ ଆକାଶରେ, ସ୍ୱର୍ଗରେ କି ବୈକୁଣ୍ଠରେ କିମ୍ବା କ୍ଷୀରସାଗରରେ ବସି କି ଶୋଇ ରହିନାହାନ୍ତି କି ଢୋଳଉନାହାନ୍ତି ।

**ପ୍ର.କ.**— ଆମେ ତ ବର୍ତ୍ତମାନ ଆଲୋଚନା କଲେ ଯେ ଈଶ୍ୱର କୌଣସି ମଠ-ମନ୍ଦିର-ଧର୍ମପୀଠରେ ଆବଦ୍ଧ ହୋଇ ନାହାନ୍ତି । ସେ ସର୍ବବ୍ୟାପୀ । କିନ୍ତୁ ଆମେ ତ ତାଙ୍କ ପୂଜା ପାଇଁ ଖାଲି ମନ୍ଦିର ଉପରେ ମନ୍ଦିର ତିଆରି କରିଚାଲିଛୁ । ଆମେ କ'ଣ ମନ-ମନ୍ଦିରରେ ତାଙ୍କୁ ପୂଜା କରିପାରିବା ନାହିଁ ?

**ସ୍ୱାମୀଜୀ** — ଆପଣ ଏ ପ୍ରଶ୍ନ ମୋତେ ପଚାରିବା ପୂର୍ବରୁ ଯଦି ଡକ୍ଟର ମାୟାଧର ମାନସିଂହଙ୍କ କବିତା ପଢ଼ିଥାନ୍ତେ ତେବେ ଆଉ ମୋତେ ପଚାରିବାକୁ ପଡ଼ିନଥାନ୍ତା । 'ଦେବପୂଜା' କବିତାରେ ସେ ବଡ଼ ସୁନ୍ଦର ଭାବେ ଲେଖିଛନ୍ତି—

ପୂରୋହିତ, ଶୁଦ୍ଧପୂତ ହୋଇ
ଦେଉଳରେ କା' ପୂଜା କର ହେ ?
ସୃଷ୍ଟି ଯା'ର ଉଦାର ଆଲୋକ,
ସେ ଦିଅଁ କି ଅନ୍ଧକାରେ ରହେ ?
ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପୀ
ବିରାଜିତ ଯେ ଭୁବନେଶ୍ୱର,
କ୍ଷୁଦ୍ର, ରୁଗ୍‌ଣ, ଅନ୍ଧକାର ଗୃହେ,
ତା'ର କିପାଁ ଆରାଧନା କର ?

ସେ କହୁଛନ୍ତି— ଯେଉଁ ପରମପିତା ପରମାତ୍ମା 'ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପୀ ବିରାଜିତ', ଆମ ହୃଦୟଠୁ ଆରମ୍ଭ କରି ବିଶାଳ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବ୍ୟାପକ— **'ଭୂମା ସେ ରହିଛି ପୂରି ରେଣୁ-ରେଣୁ ଭେଦି'** (ମହାନଦୀରେ ଜ୍ୟୋତ୍ସ୍ନା ବିହାର)— ପ୍ରତ୍ୟେକ ଅଣୁ-ପରମାଣୁରେ ଯିଏ ପରିବ୍ୟାପ୍ତ ହୋଇ ରହିଅଛନ୍ତି ସେହି ସମଗ୍ର ସଂସାରର ସ୍ୱାମୀ ପରମେଶ୍ୱରଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଛନ୍ତି ବୋଲି ମାନିବା, ଈଶ୍ୱରଙ୍କୁ ପାଇବା ପାଇଁ କୌଣସି ମଠ-ମନ୍ଦିର ଆଦିକୁ ଦୌଡ଼ିବା ଆମର ଅଜ୍ଞତା ଓ ସେହି ସର୍ବବ୍ୟାପକ ଈଶ୍ୱରଙ୍କ ଅବମାନନା ।

**ପ୍ର.କ.**— ଆମ ମନ-ମନ୍ଦିର ହେଲା ସବୁଠୁ ବଡ଼ ମନ୍ଦିର ।

**ସ୍ୱାମୀଜୀ** — ଦୁଇ ପ୍ରକାର ମନ୍ଦିର ଅଛି—୧. ଆମେ ତିଆରି କରିଥିବା ମନ୍ଦିର ଓ ୨. ଈଶ୍ୱର ତିଆରି କରିଥିବା

ମନ୍ଦିର । ଈଶ୍ୱରଙ୍କ ତିଆରି ମନ୍ଦିର ହେଲା ଆମ ହୃଦୟ-ମନ୍ଦିର । ସେ ମନ୍ଦିର ଆମେ ତିଆରି କରିଥିବା ମନ୍ଦିରଠାରୁ ବହୁତ ଭଲ । ବହୁତ ଉନ୍ନତ । ଏ ମନ୍ଦିର ଈଶ୍ୱର ତିଆରି କରିବା ସହ ସେ ସ୍ୱୟଂ ପ୍ରତିଷ୍ଠିତ ଅଛନ୍ତି । ଆମେ ତିଆରି କରିଥିବା ମନ୍ଦିରରେ ତ ଆମେ କାଠ କି ପଥରର ମୂର୍ତ୍ତିଟିଏ ଆଣି ତାକୁ ପ୍ରତିଷ୍ଠା କରୁଛେ । ଈଶ୍ୱର ଆମ ଶରୀରରେ ପ୍ରାଣ ପ୍ରତିଷ୍ଠା କଲେ । ଆମେ ଚାଲୁଛେ, ବୁଲୁଛେ, କଥା କହୁଛେ, କେତେ ପ୍ରକାର କ୍ରିୟାକଳାପ କରୁଛେ । ଆମେ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କଲେ ବି ସେ ମୂର୍ତ୍ତି କଥା କହୁନି, ଚାଲୁନି, ବୁଲୁନି । ତା' ଛଡ଼ା ଆମେ ଯଦି ଈଶ୍ୱରଙ୍କୁ ପାଇବାକୁ ଚାହୁଁଛେ ତେବେ ଆମେ ତିଆରି କରିଥିବା ଇଟା-ପଥରର ମଠ-ମନ୍ଦିରରେ ତାଙ୍କୁ ପାଇପାରିବା ନାହିଁ । ଆପଣ ପଚାରିପାରନ୍ତି ଯେ କାହିଁକି ପାଇପାରିବା ନାହିଁ ? କାରଣ ଈଶ୍ୱରଙ୍କୁ ପାଇବା ମାନେ କ'ଣ ବାସ୍ତବରେ ? ଈଶ୍ୱରଙ୍କୁ ପାଇବା ମାନେ ଈଶ୍ୱରଙ୍କୁ ଅନୁଭବ କରିବା । କୌଣସି ପଦାର୍ଥକୁ ଅନୁଭବ କରିବାକୁ ହେଲେ ଅନୁଭବ କର୍ତ୍ତା ଏବଂ ଅନୁଭବ କରିବାକୁ ଥିବା ପଦାର୍ଥର ଆବରଣ ରହିତ ସଂପର୍କ, ସଂଯୋଗ ହେଲେ ସେତେବେଳେ ଅନୁଭବ ହୁଏ । ରସଗୋଲାଟିଏ ଗିନାରେ ଥିଲେ ଆମକୁ ତା'ର ସ୍ୱାଦ ଜଣାପଡ଼େ ନା ତାହା ଜିଭର ସଂସ୍ପର୍ଶରେ ଆସିଲେ ତା'ର ସ୍ୱାଦ ଜଣାପଡ଼େ ?

**ପ୍ର.କ.**— ରସଗୋଲାଟି ଜିଭର ସଂପର୍କରେ ଆସିଲେ ଆମେ ତା'ର ସ୍ୱାଦ ଜାଣିପାରୁ ।

**ସ୍ୱାମୀଜୀ** — ରସଗୋଲା ଯଦି କୌଣସି ପାତ୍ରରେ ଥିବ, ଏବଂ ଆପଣ ତା'ଠାରୁ ଖଣ୍ଡେ ଦୂରରେ ଥିବେ, ତେବେ ସେ ରସଗୋଲାର ସ୍ୱାଦ କ'ଣ ଆପଣଙ୍କୁ ଜଣାପଡ଼ିପାରିବ ଯେ- ଏଇଟା ମିଠା ଅଛି ନା ଖଟାଳିଆ ହେଲାଣି ? ଅଳ୍ପ ମିଠା ଅଛି ନା ଅଧିକ ମିଠା ?

**ପ୍ର.କ.**— ନା । ଆଦୌ ଜଣାପଡ଼ିପାରିବ ନାହିଁ ।

**ସ୍ୱାମୀଜୀ** — ସେମିତି ମଠ-ମନ୍ଦିରରେ ମୂର୍ତ୍ତି ତ ରହିଲା ସେଇଠି, ସିଂହାସନରେ ଏବଂ ଆପଣ ତ ବସିଲେ ଏଇଠି, ତା'ଠୁ ଦୂରରେ । ମୂର୍ତ୍ତି ଭିତରର ଈଶ୍ୱରଙ୍କ ସହ ମିଶିବେ କିପରି ? ଆମେ କୌଣସି ଲୋକ ପାଖରେ ବସିଥିବା ବେଳେ, ତାକୁ ଲାଗି ବସିନଥିଲେ ବି ତା'ର ଅନୁକୂଳ କଥାବାର୍ତ୍ତା, ହାସ-ପରିହାସ, ଭାବ-ଭଙ୍ଗୀରୁ ତା'ର ଆତ୍ମୀୟତାର ସ୍ପର୍ଶ ପାଇଲେ ଆନନ୍ଦ ମିଳେ । ଏହିଭଳି ସେ ଶରୀର ଭିତରର ଆତ୍ମା ସହ ଆମର ସମ୍ବନ୍ଧ ସ୍ଥାପିତ ହୁଏ । କିନ୍ତୁ ମୂର୍ତ୍ତି ତ କୌଣସି କଥା କହେନି, କୌଣସି ଭାବ-ଭଙ୍ଗୀ କରେନି । ତେଣୁ ତା' ଭିତର ସହ ଆମ ସମ୍ବନ୍ଧ ହେବ କିପରି ? ଦ୍ୱିତୀୟରେ, ଅଧିକାଂଶ ମୂର୍ତ୍ତିର ଆଖି ସିଧା ଆଗକୁ ଦୃଷ୍ଟିପାତ କଲା ଭଳି ଥାଏ । ଆମେ ତା' ଆଗରେ ଥିଲେ ବି ଆମକୁ ଦେଖିବା ଭଳି ନଥାଏ । କେହି ଆମ ଆଗରେ ଠିଆ ହୋଇ ମଧ ତା' ଆଖି ସିଧା ଆଗକୁ ଦୂରକୁ ଦେଖିବା ଭଳି ଥିଲେ, ତା' ଆଖି ସହ ଆମ ଆଖି ନ ମିଶିଲେ ସେ ଆମକୁ ଦେଖିବା ଭଳି ଲାଗେ ନା ଅନ୍ୟକୁ ?- ଅନ୍ୟକୁ । ତା' ଛଡ଼ା ମନେକରନ୍ତୁ ଆମେ ମଠ-ମନ୍ଦିରରେ ଥିବା ମୂର୍ତ୍ତିର ପାଖରେ ବି ପହଞ୍ଚିଗଲେ ଓ ହାତରେ ସ୍ପର୍ଶ ମଧ କରିନେଲେ । ତଥାପି ମୂର୍ତ୍ତି ଭିତରର ଈଶ୍ୱରଙ୍କ ସହ ସଂପର୍କ ସ୍ଥାପନ ହେବ କିପରି ? କାରଣ ଆତ୍ମା ତ ଆପଣଙ୍କ ଶରୀର ନୁହେଁ, ଶରୀର ଭିତରର ସତ୍ତା । ଆଉ ଆପଣ ଯାହାକୁ ଦେଖୁଛନ୍ତି ଓ ଛୁଉଁଛନ୍ତି ତାହା ତ କାଠ କି ପଥର । ତେଣୁ ସେ ମୂର୍ତ୍ତିକୁ ଛୁଇଁଲେ ବି କାଠ କି ପଥରର କଠୋର ସ୍ପର୍ଶ ହିଁ ଜଣାପଡ଼ିବ । ଯେମିତିକି କୌଣସି ପାତ୍ରରେ ଘୋଡ଼େଇ ହୋଇ ରହିଥିବା ରସଗୋଲାକୁ ପାତ୍ର ଉପରୁ ଚାଟିଲେ ରସଗୋଲାର ସ୍ୱାଦ ଜଣାପଡ଼େନି, ଗିନାର କଠୋର ସ୍ପର୍ଶ ହିଁ ଜଣାପଡ଼େ ।

**ପ୍ର.କ.**— ତା' ମାନେ ଈଶ୍ୱରଙ୍କୁ ଅନୁଭବ କରିବା ପାଇଁ ମଠ-ମନ୍ଦିର ଯିବାର ଆବଶ୍ୟକତା ନାହିଁ । ମନ-ମନ୍ଦିରରେ ଈଶ୍ୱରଙ୍କ ଦର୍ଶନ ହୋଇପାରିବ ।

**ସ୍ୱାମୀଜୀ** — ହଁ । ଈଶ୍ୱର ଦର୍ଶନ ପାଇଁ ମଣିଷ ତିଆରି ମଠ-ମନ୍ଦିରକୁ ଦୌଡ଼ିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ମନ-ମନ୍ଦିରରେ ହିଁ ଈଶ୍ୱଙ୍କ ଦର୍ଶନ, ସାକ୍ଷାତ୍‌କାର, ଅନୁଭବ ହୋଇପାରିବ । କାରଣ ଈଶ୍ୱରଙ୍କ ତିଆରି ଏଇ ମନ୍ଦିରରେ ଆମେ ଅର୍ଥାତ୍ ଆତ୍ମା ଓ ଆମ ଆରାଧ ପରମାତ୍ମା ଉଭୟେ ଏକତ୍ର ବିଦ୍ୟମାନ । ଏଇଠି ହିଁ ଈଶ୍ୱରଙ୍କ ସହ ଆମର ଆବରଣ ରହିତ ସଂପର୍କ ହୋଇ ଈଶ୍ୱରଙ୍କ ଆନନ୍ଦର ଅନୁଭବ ହୋଇପାରିବ ।

**ପ୍ର.କ.**— ସ୍ୱାମୀଜୀ ! ଆପଣ କହିଲେ ଯେ ମଠ-ମନ୍ଦିର ଅପେକ୍ଷା ମନ-ମନ୍ଦିରରେ ଆମେ ଈଶ୍ୱରଙ୍କର ଅଧିକ ନିକଟତର ହୋଇପାରିବା ଓ ବାସ୍ତବିକ ନିକଟତାର ଅନୁଭବ ହେବ । ଆଜିକାଲି ବହୁତ ବିଜ୍ଞାପନ ଦେଖିବାକୁ ମିଳୁଛି— 'ଏଇ ଯନ୍ତ୍ର କିଣନ୍ତୁ, ସେଇ ଯନ୍ତ୍ର କିଣନ୍ତୁ, ଏଇ ଯନ୍ତ୍ରକୁ ପୂଜା କଲେ, ୧୦୮ ଥର ଜପ କଲେ ଆପଣ ଈଶ୍ୱରଙ୍କର ନିକଟତର ହୋଇପାରିବେ, ଈଶ୍ୱରଙ୍କଠାରୁ ମନମୁତାବକ ବସ୍ତୁ ପାଇପାରିବେ ଇତ୍ୟାଦି । ଏହା କ'ଣ ବାସ୍ତବରେ ସତ ? ନା, ପ୍ରଲୋଭନ ଦେଖାଇ ଦିଆଯାଉଛି ମନୁଷ୍ୟକୁ ?

**ସ୍ୱାମୀଜୀ** — ଆଜିକାଲି ଧର୍ମକୁ ନେଇ ଅନେକ ପ୍ରକାର ଭଲ ବ୍ୟାପାର ଚାଲିଛି, ଯେହେତୁ କି ଧର୍ମ ପ୍ରତି ମଣିଷର ଏକ ସ୍ୱାଭାବିକ ଅଭିରୁଚି ଅଛି ଏବଂ ଈଶ୍ୱର ଯେହେତୁ ଦୃଶ୍ୟମାନ ନୁହନ୍ତି । 'ଗଧର ଶିଙ୍ଗ ଅଛି'— ଏହା କହି ଆପଣ କାହାକୁ ଭୁଆଁ ବୁଲାଇ ପାରିବେ ନାହିଁ । ସମସ୍ତେ ତୁରନ୍ତ କହିବେ ଏହା ମିଛ କଥା । କେହି ଆପଣଙ୍କ କଥା ବିଶ୍ୱାସ କରିବେ ନାହିଁ । କାରଣ ଗଧ ଦେଖାଯାଉଛି । କିନ୍ତୁ ଯେହେତୁ ଈଶ୍ୱର ଦେଖାଯାଉନାହାନ୍ତି, ତେଣୁ ତାଙ୍କ ସ୍ୱରୂପ ସଂପର୍କରେ ଏବଂ ତାଙ୍କୁ ପ୍ରାପ୍ତ କରିବାର ମାର୍ଗ ବିଷୟରେ ଅନେକ ମିଥ୍ୟା କଳ୍ପନା ବି କରାଯାଇପାରୁଛି ଏବଂ ସାଧାରଣ ଲୋକଙ୍କ ଭିତରେ ଏତେ ବୌଦ୍ଧିକ ଦକ୍ଷତା ନାହିଁ ଏ ବିଷୟରେ ଏଇ ଧୂର୍ତ୍ତବ୍ୟକ୍ତିମାନଙ୍କ ବାଗ୍‌ଜାଲରୁ ନିଜକୁ ମୁକୁଳାଇବା ପାଇଁ । ତେଣୁ ସେମାନେ ଯେଉଁ କହୁଛନ୍ତି କି 'ଅମୁକ ଯନ୍ତ୍ର କିଣିବ, ସମୁକ ଯନ୍ତ୍ର କିଣିବ, ଈଶ୍ୱର ପ୍ରାପ୍ତି ହୋଇଯିବେ'— ସାଧାରଣ ଲୋକେ ସେ ବାଗ୍‌ଜାଲରେ ପଡ଼ିଯାଉଛନ୍ତି । ମନେରଖନ୍ତୁ, ଈଶ୍ୱର କୌଣସି ଯନ୍ତ୍ରର ବଶବର୍ତ୍ତୀ ନୁହଁନ୍ତି । ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ହେଲେ ଈଶ୍ୱର ଆମକୁ ଯେଉଁ ଆଦେଶ ଦେଇଛନ୍ତି ପାଳନ କରିବାକୁ, ଆମେ ଯଦି ଈଶ୍ୱରଙ୍କ ଆଦେଶ ଅନୁସାରେ ଚାଲିବା, ତେବେ ଆମେ ଈଶ୍ୱରଙ୍କୁ ପ୍ରାପ୍ତ କରିପାରିବା । ବଡ଼ ସୁନ୍ଦର ଭାବରେ କୁହାଯାଇଛି ଉପନିଷଦରେ — **'ଯମେବୈଷ ବୃଣୁତେ ତେନ ଲଭ୍ୟସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୂଂ ସ୍ୱାମ୍'** (କଠ. ୨:୨୩)— ଉପନିଷଦର ଋଷି କହିଲେ — ପରମାତ୍ମାଙ୍କୁ ଯନ୍ତ୍ର-ତନ୍ତ୍ର କି କୌଣସି ବାହ୍ୟ ଉପଚାର ଦ୍ୱାରା, ଯଥା-ନଡ଼ିଆ ଦେଇ, କଦଳୀ ଦେଇ, ଫୁଲ-ବେଲପତ୍ର ଦେଇ ଆପଣ ପ୍ରାପ୍ତ କରିପାରିବେ ନାହିଁ । ଯୋଗ୍ୟତାନୁସାରେ ପରମାତ୍ମା ଯାହାକୁ ପାତ୍ର ହିସାବରେ ବରଣ କରନ୍ତି, ସେହି ବ୍ୟକ୍ତିର ଆଗରେ ସ୍ୱ ସ୍ୱରୂପ ଉଦ୍‌ଘାଟନ କରନ୍ତି, ସେହି ବ୍ୟକ୍ତି ହିଁ ଈଶ୍ୱରଙ୍କୁ ଅନୁଭବ କରିପାରେ । ଏଣୁ ଈଶ୍ୱରଙ୍କୁ ପାଇବା ପାଇଁ ଆବଶ୍ୟକତା ହେଲା ତାଙ୍କ ଆଦେଶ ପାଳନ ପୂର୍ବକ ନିଜକୁ ତାଙ୍କ ବରଣର ପାତ୍ର ରୂପେ ତିଆରି କରିବା ।

**ପ୍ର.କ.** — ଆପଣ ଲକ୍ଷ୍ୟ କରିଥିବେ ଯେ ନଡ଼ିଆ ଦୋକାନରେ, ଭୋଗ ଦୋକାନରେ ମଧ୍ୟ ଈଶ୍ୱରଙ୍କ ଫୋଟୋ ଥାଏ; ମାଛ, ମାଂସ, ଅଣ୍ଡା ଦୋକାନରେ ମଧ୍ୟ ଈଶ୍ୱରଙ୍କ ଫୋଟୋ ଥାଏ । ଈଶ୍ୱର କ'ଣ ମାଛ-ମାଂସ ଆଦି ଦୋକାନରେ ମଧ୍ୟ ରହନ୍ତି ?

**ସ୍ୱାମୀଜୀ** — ଆପଣ ଯେଉଁ ପ୍ରଶ୍ନ ପଚାରିଲେ ତାକୁ ଆମେ ୨ ଭାଗରେ ବିଭକ୍ତ କରିବା ।

୧. ନଡ଼ିଆ ଓ ଭୋଗ ଦୋକାନରେ ବି ଈଶ୍ୱରଙ୍କ ଚିତ୍ର ଅଛି ଏବଂ ମାଛ-ମାଂସ-ଅଣ୍ଡା ଦୋକାନରେ ମଧ୍ୟ ଈଶ୍ୱରଙ୍କ ଫୋଟୋ ଝୁଲୁଛି ।

୨. ଈଶ୍ୱର ମାଛ-ମାଂସ-ଅଣ୍ଡା ଦୋକାନରେ ବି ଅଛନ୍ତି କି ?

୧. ଆମେ ପ୍ରଥମ ପ୍ରଶ୍ନ ଉପରେ ପ୍ରଥମେ ବିଚାର କରିବା । ଆଚ୍ଛା ! ବର୍ତ୍ତମାନ ସୁଦ୍ଧା ଆମେ ଯେଉଁ ଆଲୋଚନା କରିଛେ ସେଥିରୁ କ'ଣ କ'ଣ ନିଷ୍କର୍ଷ ବାହାରିଛି ? ଗୋଟିଏ ନିର୍ଣ୍ଣୟ ତ ବାହାରିଛି ଯେ ଈଶ୍ୱରଙ୍କର ରୂପ ନାହିଁ । **ପ୍ର.କ.**— ହଁ, ରୂପ ନାହିଁ ।

**ସ୍ୱାମୀଜୀ** — ଚିତ୍ର ଆଙ୍କିବା ପାଇଁ, ଫୋଟୋ ଉଠାଯିବା ପାଇଁ ରୂପ, ଆକାର ଦରକାର ନା ନାହିଁ ? **ପ୍ର.କ.**— ଦରକାର । **ସ୍ୱାମୀଜୀ** — ଯାହାର ରୂପ ଥାଏ, ତାହାର ହିଁ ଚିତ୍ର ଅଙ୍କା ଯାଇପାରେ, ଫୋଟୋ ଉଠା ଯାଇପାରେ । ଯେହେତୁ ଈଶ୍ୱରଙ୍କର ରୂପ ନାହିଁ, ତେଣୁ ତାଙ୍କର ଚିତ୍ର ଅଙ୍କା ଯାଇପାରିବ ନାହିଁ, ଫୋଟୋ ଉଠାଯାଇପାରିବ ନାହିଁ । ଅତଏବ ନଡ଼ିଆ ଦୋକାନରେ ହେଉ କି ଭୋଗ ଦୋକାନରେ ହେଉ କିମ୍ବା ମାଛ-ମାଂସ-ଅଣ୍ଡା ଦୋକାନରେ ହେଉ, ଘରେ ହେଉ କି ମନ୍ଦିରରେ ହେଉ, କୌଣସି ଅନୁଷ୍ଠାନରେ ହେଉ

କି ବ୍ୟବସାୟ ପ୍ରତିଷ୍ଠାନରେ ହେଉ ଯେଉଁଠି ବି ଈଶ୍ୱରଙ୍କ ଚିତ୍ର, ମୂର୍ତ୍ତି, ଫୋଟୋ, ପ୍ରତିକୃତି ଆଦି ରୂପେ ଯାହା ବି ଆକାରବାନ୍ ପଦାର୍ଥ ରଖାଯାଇଛି ସେଭିତରୁ କୌଣସିଟି ଈଶ୍ୱରଙ୍କ ଚିତ୍ର, ମୂର୍ତ୍ତି ଆଦି ନୁହେଁ । ସେ ସବୁ କେବଳ ଆମ ମୂର୍ଖତାର ଗୋଟିଏ-ଗୋଟିଏ ନିଦର୍ଶନ ।

୨. ପ୍ରଶ୍ନର ଦ୍ୱିତୀୟ ଭାଗ ଥିଲା ଅଣ୍ଡା ଦୋକାନରେ, ମାଂସ କଟା ଓ ବିକ୍ରି ଜାଗାରେ ବି ଈଶ୍ୱର ଅଛନ୍ତି କି? ତା'ର ଉତ୍ତର ହେଲା ଯେ, ଯେହେତୁ ପରମାତ୍ମା ସର୍ବ ବ୍ୟାପକ ଅଟନ୍ତି, ତେଣୁ ସବୁ ଜାଗାରେ ଅଛନ୍ତି । ସବୁ ଜାଗା କହିଲେ ତା' ଭିତରେ ଅଣ୍ଡା ଦୋକାନ ବି ରହୁଛି, ମାଛଦୋକାନ ବି ଅଛି, ମାଂସ ଦୋକାନ ବି ରହୁଛି, ମଦଭାଟି ବି ଅଛି, ଜୁଆଖଟି ବି ଅଛି । ସବୁ ଜାଗା ମାନେ ତା' ଭିତରେ ନ୍ୟାୟ ହେଉଥିବା ଜାଗା ବି ଓ ଅନ୍ୟାୟ ହେଉଥିବା ଜାଗା ମଧ୍ୟ, ପାପ କାର୍ଯ୍ୟର ସ୍ଥାନ ବି ଏବଂ ପୁଣ୍ୟ କର୍ମର ସ୍ଥାନ ମଧ୍ୟ ।

ପରମାତ୍ମା କେଉଁଭଳି ଭାବରେ ରହନ୍ତି ସଂସାରରେ ? ପରମାତ୍ମା ସବୁ ଭିତରେ ବ୍ୟାପକ; କିନ୍ତୁ ସବୁଠୁ ଅଲଗା ତତ୍ତ୍ୱ ଅଟନ୍ତି । ବିଜୁଳି ତାର ଭିତରେ ବିଜୁଳି ଅଛି । କିନ୍ତୁ ତାରଟି ବିଜୁଳି ନୁହେଁ କି ବିଜୁଳି ବି ତାର ନୁହେଁ । ଏ ଦୁଇଟି ଅଲଗା-ଅଲଗା ବସ୍ତୁ । ସେହିଭଳି ଏ ସଂସାରର ସବୁ ପଦାର୍ଥ ଭିତରେ ଈଶ୍ୱର ବିଦ୍ୟମାନ ଥିଲେ ବି ଆମକୁ ଇନ୍ଦ୍ରିୟ ମାଧ୍ୟମରେ ଅନୁଭୂତ ହେଉଥିବା ପଦାର୍ଥ ଅଲଗା ଓ ପରମାତ୍ମା ଅଲଗା । ଇନ୍ଦ୍ରିୟ ମାଧ୍ୟମରେ ଯେଉଁ ପଦାର୍ଥଗୁଡ଼ିକ ଅନୁଭୂତ ହେଉଛନ୍ତି ସେ ପଦାର୍ଥଗୁଡ଼ିକ ପରମାତ୍ମା ନୁହନ୍ତି । ସଂସାରରେ ଯେତେ ଈଶ୍ୱରକୃତ ପଦାର୍ଥ ଅଛି ସେ ଭିତରେ ସୁଗନ୍ଧିତ ପଦାର୍ଥ ବି ଅଛି, ଦୁର୍ଗନ୍ଧିତ ପଦାର୍ଥ ବି ଅଛି; ଫୁଲ ବି ଅଛି, ମଳ ବି ଅଛି; ଈଶ୍ୱର ଏସବୁକୁ ତିଆରି ତ କରନ୍ତି, ଏଥିରେ ବ୍ୟାପକ ବି ହୋଇଅଛନ୍ତି; କିନ୍ତୁ ଏଥିରେ ପ୍ରଭାବିତ ହୁଅନ୍ତି ନାହିଁ । ଈଶ୍ୱର ନିଜ ଶକ୍ତିବଳରେ ଏସବୁର ସୁଗନ୍ଧ-ଦୁର୍ଗନ୍ଧଠାରୁ ପୃଥକ୍ ରହନ୍ତି । ଯେମିତିକି ପାଣି ଭିତରେ ମହମ ପକାଇଲେ ମଧ୍ୟ ପାଣି ମହମ ଭିତରେ ପଶିପାରେନି, ଯେଭଳି କି ହାତରେ ରବର ଗ୍ଲୋବ୍ସ ପିନ୍ଧି ପାଣିରେ କାମ କଲେ ବି ହାତରେ ପାଣି ଲାଗେନି, ସେଇଭଳି ।

**ପ୍ର.କ.**— ଆମେ ଜାଣିଛେ ବ୍ରତ, ପୂଜା-ପର୍ବ ଇତ୍ୟାଦିରେ, ଯଥା— ଜନ୍ମାଷ୍ଟମୀ, ମହାଶିବରାତ୍ରି, ବଡ଼ ଏକାଦଶୀ ଆଦିରେ କିଛି ଲୋକ ଉପବାସ ରଖନ୍ତି । ସେମାନେ କହନ୍ତି ଯେ ଉପବାସ ରଖିଲେ ଆମେ ଈଶ୍ୱରଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରିବୁ । ଏହା କ'ଣ ସତ୍ୟ ? ଆଉ ଗୋଟିଏ କଥା— କେତେକ ନିରାମିଷାଶୀ ଅଛନ୍ତି ଓ କେତେକ ଆମିଷାଶୀ ବ୍ୟକ୍ତି ଅଛନ୍ତି । ଆମିଷାଶୀ ଲୋକଙ୍କ ମଧ୍ୟରୁ ବି ବହୁତ ଲୋକ ସୋମବାର, ଗୁରୁବାର, ଅମାବାସ୍ୟା, ସଂକ୍ରାନ୍ତି ଆଦିରେ ମାଛ-ମାଂସ-ଅଣ୍ଡା ତ କ'ଣ ପିଆଜ-ରସୁଣ ପର୍ଯ୍ୟନ୍ତ ଖାଆନ୍ତିନି । ଅନ୍ୟ ଦିନ କ'ଣ ଯେ ଖାଆନ୍ତି ତା'ର କିଛି ସୀମା-ସରହଦ ରଖନ୍ତିନି । ଆଚ୍ଛା ! ସୋମବାର, ଗୁରୁବାର ଆଦିରେ କ'ଣ ପ୍ରାଣୀହତ୍ୟା, ଆମିଷ ଭକ୍ଷଣ କଲେ ପାପ ? ଆଉ ଅନ୍ୟ ଦିନ କଲେ ପାପ ନାହିଁ ?

**ସ୍ୱାମୀଜୀ** — ବ୍ରତ-ଉପବାସ କଥା ଯାହା ଆପଣ ପଚାରିଲେ, ଅସଲ କଥା ହେଲା 'ବ୍ରତ'ର ଅର୍ଥ ଲୋକେ ଯଥାର୍ଥ ଭାବେ ବୁଝିନାହାନ୍ତି । 'ବ୍ରତ' ମାନେ ପ୍ରତିଜ୍ଞା, ସଂକଳ୍ପ । ସଂକଳ୍ପରେ, ଉତ୍ତମ ବିଚାରରେ ଦୃଢ଼ ରହିବା, ତା'ର ନିରବଚ୍ଛିନ୍ନ ଆଚରଣ କରିବା ହିଁ ବ୍ରତପାଳନ । ଅଯଥା ଭୋକରେ ଛଟପଟ ହେବାର ନାମ ବ୍ରତ ନୁହେଁ । ଶାସ୍ତ୍ରର ସିଦ୍ଧାନ୍ତ ଯେ, ଈଶ୍ୱରଙ୍କୁ ପାଇବା ପାଇଁ ପାତ୍ରତା ଅର୍ଜନ ଦ୍ୱାରା ଜଣେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଏ, ଭୋକ-ହରତାଳ କରିବା ଦ୍ୱାରା ନୁହେଁ । ଅବଶ୍ୟ ରସନା ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ପାଇଁ ବୁଦ୍ଧିପୂର୍ବକ, ଯୋଜନାପୂର୍ବକ, ଦୃଢ଼ ଇଚ୍ଛାଶକ୍ତିପୂର୍ବକ ଖାଦ୍ୟ ଗ୍ରହଣ ଉପରେ ନିୟନ୍ତ୍ରଣ ଆତ୍ମୋନ୍ନତିରେ ସହାୟକ ।

ସଂସାରରେ ମୁଖ୍ୟତଃ ବ୍ରତ କ'ଣ କ'ଣ ? — ମୁଖ୍ୟତଃ ବ୍ରତ ହେଉଛି ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ । ଯୋଗଦର୍ଶନରେ ଏହାକୁ **'ସାର୍ବଭୌମ ମହାବ୍ରତ'** ବୋଲି କୁହାଯାଇଛି, ସଂସାରର ପ୍ରତ୍ୟେକ ମଣିଷ ପାଇଁ ଏହା ଅନିବାର୍ଯ୍ୟ ରୂପେ ପାଳନୀୟ ବୋଲି କୁହାଯାଇଛି —

**ଜାତିଦେଶକାଲସମୟାନବଚ୍ଛିନ୍ନାଃ ସାର୍ବଭୌମା ମହାବ୍ରତମ୍ ।** (ଯୋଗ. ୨:୩୧)

ଅହିଂସା ବା ପ୍ରାଣୀହିଂସା ନ କରିବା — ଏହା ହେଉଛି ଜାତି, ଦେଶ, କାଳ ଓ ସମୟ ଏସବୁ ଦ୍ୱାରା ବିଚ୍ଛିନ୍ନ ନ ହେଉଥିବା ଅର୍ଥାତ୍ ସର୍ବଥା, ସର୍ବତ୍ର, ନିରନ୍ତର ଆଚରଣୀୟ ମହାବ୍ରତ । ଏହା ସବୁଦିନ ପାଇଁ ସମାନ । ଆଶ୍ୱିନ ମାସରେ ମାଛ-ମାଂସ ଖାଇଲେ ଯେତିକି ପାପ, କାର୍ତ୍ତିକରେ ଖାଇଲେ ବି ସେତିକି ପାପ ଏବଂ ମାର୍ଗଶୀରରେ ଖାଇଲେ ବି ସେତିକି ପାପ । ଏକାଦଶୀରେ ଆମିଷ ଖାଇଲେ ଯେତିକି ପାପ, ଦ୍ୱାଦଶୀ କି ତ୍ରୟୋଦଶୀରେ ଖାଇଲେ ବି ସେତିକି ହିଁ ପାପ । କୌଣସି ଦିନ ଖାଇଲେ ବି ପାପ ଟିକିଏ ମଧ୍ୟ କମ୍-ବେଶୀ ନୁହେଁ । ତୁମେ କ'ଣ ଭାବୁଛ ଛାଡ଼ଖାଇରେ ମାଛ-ମାଂସ ଖାଇଲେ ପାପ ନାହିଁ ?

**ପ୍ର.କ.**— ନା, ନା । ଛାଡ଼ଖାଇ ଦିନ ବି ପାପ । କୌଣସି ଦିନ ପାପ ଟିକିଏ ବି କମ୍-ବେଶୀ ନୁହେଁ । କାରଣ ଏ ଦିନ ମଧ୍ୟ ଜୀବହତ୍ୟା ହେଉଛି, ସେଦିନ ବି ଜୀବହତ୍ୟା ହେଉଛି ।

**ସ୍ୱାମୀଜୀ**— ଠିକ୍ । କାରଣ କାର୍ତ୍ତିକ ମାସ କି ଏକାଦଶୀରେ ହତ୍ୟା କରାଗଲେ ଜୀବମାନଙ୍କୁ ଦୁଃଖ ମିଳେ ଏବଂ ଅନ୍ୟ ଦିନ ମାରିଲେ ସେ ପ୍ରାଣୀମାନଙ୍କୁ ଆରାମ ଲାଗେ କି ? - ନାହିଁ । ଆପଣ ବଜାରରୁ ଆମିଷ କିଣି ଆଣି ଖାଇଲେ ଯେତିକି ପାପ ମନ୍ଦିରରୁ ବଳି ଦିଆଯାଇଥିବା ଆମିଷ ଆଣି ଖାଇଲେ ବି ସେତିକି ପାପ । ଆପଣ କ'ଣ ଭାବୁଛନ୍ତି ଯେ, ମନ୍ଦିରରେ ବଳିଦିଆଯାଇଥିବା ପ୍ରାଣୀର ମାଂସ ପ୍ରସାଦ ବା 'ଧାର୍ମିକ ମାସ' ଏବଂ ବଜାରରୁ ଅଣାଗଲେ ତାହା 'ଅଧାର୍ମିକ ମାଂସ' ? ସେମିତି ନୁହେଁ । ଆମିଷ ହେଉଛି ଆମିଷ । ଯେଉଁଠି ମାରିଲେ ବି 'ହତ୍ୟା' ହତ୍ୟା ଅଟେ । ମନ୍ଦିରରେ ମାରିଲେ ଅଧିକ ପାପ କି କଂସେଇଖାନାରେ ମାରିଲେ ଅଧିକ ପାପ ସେମିତି କିଛି ନାହିଁ । ସମାନ ଭାବେ ପାପ ।

**ପ୍ର.କ.**— ଆମର ଜଣେ ଦର୍ଶକ ବନ୍ଧୁ ଗୋଟିଏ ପ୍ରଶ୍ନ ପଚାରିଛନ୍ତି । ସେ ଲେଖିଛନ୍ତି— 'ଗୁରୁଜୀ ! ଈଶ୍ୱର-ପ୍ରାପ୍ତି ଦିଗରେ, ଈଶ୍ୱରୀୟ ପ୍ରୀତି ପ୍ରାପ୍ତି ପଥରେ ପ୍ରଥମ ପଦକ୍ଷେପଟି କ'ଣ ? ଦୟାକରି ମୋ ସଂଶୟ ନିରାକରଣ କରିବେ ।'

**ସ୍ୱାମୀଜୀ**— ଈଶ୍ୱରଙ୍କୁ ପାଇବା ପାଇଁ ଆମକୁ ତିନୋଟି ବିଷୟ ଆବଶ୍ୟକ — ଶୁଦ୍ଧ ଜ୍ଞାନ, ଶୁଦ୍ଧ କର୍ମ ଏବଂ ଶୁଦ୍ଧ ଉପାସନା ।

**କ. ଶୁଦ୍ଧ ଜ୍ଞାନ** — ଭଗବାନଙ୍କ ବିଷୟରେ ଅଶୁଦ୍ଧ ଜ୍ଞାନ ଥିବା ପର୍ଯ୍ୟନ୍ତ, ଈଶ୍ୱରଙ୍କୁ ଠିକ୍ ରୂପେ ଜାଣି ନଥିବା ଯାଏ ଆମେ ଈଶ୍ୱରଙ୍କୁ ପାଇପାରିବା ନାହିଁ । ବରଂ ଈଶ୍ୱରଙ୍କ ସହ ଭୁଲ୍ ବ୍ୟବହାର, ଅନୁଚିତ ବ୍ୟବହାର କରିବା । ଏଣୁ ଶୁଦ୍ଧ ଜ୍ଞାନ ଆବଶ୍ୟକ । ଶୁଦ୍ଧ ଜ୍ଞାନ ପାଇବାକୁ ହେଲେ ଈଶ୍ୱରୀୟ ଜ୍ଞାନ 'ବେଦ' ପଢ଼ିବାକୁ ପଡ଼ିବ, ବୈଦିକ ସାହିତ୍ୟ ସ୍ୱାଧ୍ୟାୟ କରିବାକୁ ହେବ । ବୈଦିକ ଜ୍ଞାନ ଆହରଣ ନ କରିବା ପର୍ଯ୍ୟନ୍ତ ଈଶ୍ୱରଙ୍କ ବିଷୟରେ ନିର୍ଭ୍ରାନ୍ତ ଜ୍ଞାନ କେହି ଲାଭ କରିପାରିବେ ନାହିଁ, ସିଏ ଯେକୌଣସି ଲୋକ ହେଉ ନା କାହିଁକି ।

**ଖ.** ଦ୍ୱିତୀୟ ବିଷୟ ହେଲା **ଶୁଦ୍ଧ କର୍ମ**— ଆମେ ଯେଉଁ କର୍ମକ୍ଷେତ୍ରରେ ଅଛେ ସେ କର୍ମଟିକୁ ଈଶ୍ୱର ପ୍ରଦତ୍ତ ବିଚାରି ଈଶ୍ୱର ସମର୍ପିତ ଭାବନାରେ କରିବା । ଈଶ୍ୱର ସମର୍ପିତ ଅର୍ଥ ଈଶ୍ୱରଙ୍କ ଆଦେଶ ଅନୁସାରେ କରିବା । ଯେହେତୁ ଈଶ୍ୱର ଶୁଦ୍ଧସ୍ୱରୂପ, ତେଣୁ ତାଙ୍କ ଆଦେଶ ସର୍ବଦା ଶୁଦ୍ଧ କର୍ମ ପାଇଁ । ଆମେ ନ୍ୟାୟପୂର୍ବକ କାମ କରିବା, ନିଷ୍ପକ୍ଷପାତରେ କରିବା, ବୃତ୍ତିଗତ ଜୀବନରେ ଲାଞ୍ଚ ନେବାନି, ମିଛ କହିବାନି, ଚୋରି କରିବାନି, କାହାକୁ ଶୋଷଣ କରିବାନି, ଲୁଣ୍ଠନ କରିବାନି, ଅଯଥା ହଇରାଣ-ହରକତ କରିବାନି, ବ୍ୟବସାୟରେ ଅସାଧୁ ଉପାୟ ଅବଲମ୍ବନ କରିବାନି, ପଦାର୍ଥରେ ଅପମିଶ୍ରଣ, କଳାବଜାରୀ କରିବାନି, ମାପରେ ଠକିବାନି ଇତ୍ୟାଦି । କର୍ତ୍ତବ୍ୟରେ ଅବହେଳା ନ କରି, କାମରେ ନ ଠକି, କର୍ତ୍ତବ୍ୟକୁ ଉଚିତ ରୂପେ ସମ୍ପାଦନ କରିବା । ଆଉ ଏସବୁ କର୍ମ ନ କରି, ବ୍ୟାବହାରିକ ଜୀବନକୁ ପବିତ୍ର ନ କରି ମୁଣ୍ଡରୁ ଗୋଡ଼ ଯାଏ ଯେତେ ପ୍ରକାର ଚିହ୍ନର ଛାପା ମାରିଲେ କି କଣ୍ଠି-ମାଳି ପିନ୍ଧି ଜପାମାଳି ଧରି ବସିଲେ ଈଶ୍ୱର ପ୍ରାପ୍ତି ଦିଗରେ ଅଗ୍ରସର ହେବାର ଆଦୌ ସମ୍ଭାବନା ନାହିଁ ।

**ଗ. ଶୁଦ୍ଧ ଉପାସନା**— ପ୍ରତିଦିନ ପ୍ରାତଃ-ସାୟଂ କାଳରେ '**ଓ୩ମ୍**' ଜପ, '**ଗାୟତ୍ରୀ ମନ୍ତ୍ର**' ଜପ, '**ତ୍ର୍ୟମ୍ବକଂ ୟଜାମହେ ସୁଗନ୍ଧି ପୁଷ୍ଟିବର୍ଦ୍ଧନମ୍..**' ଆଦି ବେଦ ମନ୍ତ୍ରର ଅର୍ଥ ସହ ଜପ, '**ସନ୍ଧ୍ୟୋପାସନା**' କରିବା ।

ଜ୍ଞାନ, କର୍ମ, ଉପାସନା ୧୦୦% ଶୁଦ୍ଧ ରୂପେ କରିଚାଲିଲେ ଈଶ୍ୱର ପ୍ରାପ୍ତି ନିଶ୍ଚିତ ।

**ପ୍ର.କ.** — ସଂସାରରେ ଆମେ ତଥାକଥିତ ଈଶ୍ୱର— ଶିବ, ବିଷ୍ଣୁ, ସରସ୍ୱତୀ, ଗଣେଶ ଆଦିଙ୍କୁ ତ ପୂଜା କରିଆସିଛୁ । ତା' ସାଙ୍ଗକୁ ଏବେ ଦେଖାଯାଉଛି ଯେ ପ୍ରତି ୫ ବର୍ଷ, ୩ ବର୍ଷ, ୨ ବର୍ଷ ବ୍ୟବଧାନରେ ଜଣେ-ଜଣେ ନୂଆ ଗୁରୁ, ବାବା, ମାତା ଆମ ସଂସାରକୁ ଆସୁଛନ୍ତି, ଯେଉଁମାନେ କି କହୁଛନ୍ତି ଯେ — 'ଆମେ ଈଶ୍ୱର, ଆମକୁ ପୂଜା କର । ଆମେ ତୁମକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଦେବୁ ।' ଏଇଟା କେତେ ଦୂର ଗ୍ରହଣୀୟ ।

**ସ୍ୱାମୀଜୀ** — ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ ଯେ — **'ଈଶ୍ୱର କେବେ ମଣିଷ ହୁଅନ୍ତି ନାହିଁ କି ମଣିଷ କେବେ ବି ଈଶ୍ୱର ହୋଇପାରିବ ନାହିଁ ।'** କାରଣ ଅନନ୍ତ କେବେ ବି ସୀମିତ ହୋଇପାରିବ ନାହିଁ କି ସୀମିତ କେବେ ବି ଅନନ୍ତ ହୋଇପାରିବ ନାହିଁ । ବର୍ଷାଦିନେ ଚାରିଆଡ଼େ ଘାସ ମାଡ଼ିଲା ଭଳି ବର୍ତ୍ତମାନ ଭାରତ ବର୍ଷରେ ଏଭଳି ଗୁରୁ, ବାବା, ମାତା, ଭଗବାନମାନେ ମାଡ଼ି ଚାଲିଛନ୍ତି । ମୋର ପ୍ରଶ୍ନ ହେଲା— 'ଈଶ୍ୱର ତ ସର୍ବଶକ୍ତିମାନ୍ । ତେଣୁ ସେ ଏକାକୀ ସାରା ସଂସାରକୁ ଚଳାଉଛନ୍ତି । ଆଉ ଏତେ ସବୁ ଭଗବାନଙ୍କର ଆବଶ୍ୟକତା କ'ଣ ? ସେ ମୂଳ ଭଗବାନ କ'ଣ ଦୁର୍ବଳ ହୋଇଗଲେଣି, ଜରାଜୀର୍ଣ୍ଣ ହୋଇଗଲେଣି ?'

ବର୍ତ୍ତମାନ ପୃଥିବୀରେ ଯେଉଁ ପ୍ରାୟ ୭୦୦ କୋଟି ମନୁଷ୍ୟ ଅଛନ୍ତି ସେ ଅନାଦି ଭଗବାନ ସମସ୍ତଙ୍କ ଶରୀର ତିଆରି କରିଛନ୍ତି । ଅସଂଖ୍ୟ ପ୍ରାଣୀଙ୍କ ଶରୀର ତିଆରି କରିଛନ୍ତି, ଏବେ ବି କରିଚାଲିଛନ୍ତି । ବର୍ତ୍ତମାନ ଏ ଯେଉଁ ନିଜକୁ ଭଗବାନ ବୋଲି କହୁଛନ୍ତି, ନୂଆ-ନୂଆ ଆସୁଛନ୍ତି, ବର୍ଷାଦିନିଆ ଘାସ ଭଳି ମାଡ଼ି ଚାଲିଛନ୍ତି, ସେମାନଙ୍କ ନିଜ ଦେହ ଖରାପ ହେଲେ ନିଜେ ହିଁ ସଜାଡ଼ି ପାରୁନାହାନ୍ତି, କ'ଣ ହୋଇଛି ଜାଣି ବି ପାରୁନାହାନ୍ତି, ଡାକ୍ତରଙ୍କ ପାଖକୁ ଦୌଡ଼ୁଛନ୍ତି ସେମାନେ ଫେରେ ଅନ୍ୟର କ'ଣ କଲ୍ୟାଣ କରିବେ ?

ଏମିତିଆ ଜଣେ ଭଗବାନଙ୍କ ପାଖକୁ ଲୋକେ ପଡ଼ି-ଉଠି ଦୌଡ଼ୁଥିଲେ । ସେ ଭଗବାନଙ୍କର କେତେ କ'ଣ ଅଦ୍ଭୁତ ଶକ୍ତି ଅଛି ବୋଲି ପ୍ରଚାର କରିବାକୁ ଥକୁ ନଥିଲେ । ଏଇ ନିକଟ ଅତୀତର କଥା । ସେ ଭଗବାନ ସ୍ୱୟଂ କୋମାରେ ପଡ଼ିଲେ ୨୦ କି ୨୭ ଏମିତି କିଛି ଦିନ । ବହୁ ଡାକ୍ତର ଲାଗିଲେ ଭଗବାନଙ୍କୁ ବଞ୍ଚେଇବାକୁ । ସେ ସମୟରେ ଥରେ ମୁଁ ଦୂରଦର୍ଶନରେ ଦେଖିଲି ବଡ଼ ବିଚିତ୍ର ଦୃଶ୍ୟ ଯେ ସେ ଭଗବାନ ତେଣେ କୋମାରେ ପଡ଼ିଛନ୍ତି, ଆଉ ତାଙ୍କୁ ବଞ୍ଚେଇଦେବା ପାଇଁ ତାଙ୍କ ଫୋଟୋକୁ ଲୋକେ ଧୂପ-ଦୀପ ଦେଇ କାକୁତି-ମିନତି କରୁଛନ୍ତି । ତାଙ୍କର ଆଉ ଚେତା ଫେରିଲା ନାହିଁ, କୋମାରେ ପଡ଼ି ପଡ଼ି ସେ ଭଗବାନ୍ ତ ପଞ୍ଚତ୍ୱ ପ୍ରାପ୍ତ ହୋଇଗଲେ । ସିଏ ଫେରେ କୁଆଡ଼େ ଆଉ କେତେ ବର୍ଷ ବଞ୍ଚିବେ ବୋଲି ଭବିଷ୍ୟବାଣୀ କରିଥିଲେ । ଏତେ ଘଟଣା ପରେ ବି ତାଙ୍କୁ ଭଗବାନ ବୋଲି ଘୋଷି ହେଉଥିବା ଲୋକଙ୍କ ଜ୍ଞାନଚକ୍ଷୁ ଖୋଲୁନାହିଁ । ଧନ୍ୟ କହିବି ଏଭଳି ଲୋକଙ୍କୁ ।

ପରମାତ୍ମା ଏ ପୃଥିବୀ ତିଆରି କରିଛନ୍ତି । ଆଜି ଏଠାରେ ଜଳ ପ୍ରଦୂଷିତ ହୋଇଗଲାଣି, ବାୟୁ ପ୍ରଦୂଷିତ ହୋଇଗଲାଣି, ମାଟି ପ୍ରଦୂଷିତ ହୋଇବସିଲାଣି । ଆଜି ଯେଉଁମାନେ ନିଜକୁ ଭଗବାନ ବୋଲି କହୁଛନ୍ତି କି ତାଙ୍କ ଭକ୍ତ-ଚେଲାମାନଙ୍କ ଦ୍ୱାରା ପ୍ରଚାର କରାଉଛନ୍ତି ସେମାନଙ୍କୁ ମୁଁ ଭଗବାନ ବୋଲି ମାନିବାକୁ ପ୍ରସ୍ତୁତ, ଯଦି ସେମାନେ ଏକାକୀ ଅଥବା ସମସ୍ତେ ମିଶି ଶୁଦ୍ଧ ଜଳ-ବାୟୁ ଥିବା ଆଉ ଗୋଟିଏ ପୃଥିବୀ ତିଆରି କରିଦେବେ । ତୁମ-ଆମ ସମସ୍ତଙ୍କ କଲ୍ୟାଣ ହୋଇଯିବ । କରିପାରିବେ କି ? ଯଦି କରିପାରିବେ ତେବେ କରି ଦେଖାନ୍ତୁ । ଆମେ ସମସ୍ତେ ତାଙ୍କୁ ଭଗବାନ ବୋଲି ମାନିନେବା । ନଚେତ୍, ଯଦି କରିପାରିବେ ନାହିଁ ତେବେ ସେମାନଙ୍କୁ ଓ ସେମାନଙ୍କ ଭକ୍ତ-ଚେଲାମାନଙ୍କୁ ମୋର ପରାମର୍ଶ ଯେ ଏମାନେ ଭଗବାନ ବୋଲି କହି ସାଧାରଣ ଜନତାଙ୍କୁ ଭଣ୍ଡେଇବା ଛାଡ଼ିଦିଅନ୍ତୁ । ନିଜେ ବାସ୍ତବିକ ଭଗବାନଙ୍କ ଉପାସନା କରନ୍ତୁ ଓ ଅନ୍ୟକୁ ଏଥିପାଇଁ ପ୍ରେରିତ କରନ୍ତୁ । ନତୁବା ଯିଏ ବାସ୍ତବରେ ଭଗବାନ ଅଟନ୍ତି, ତାଙ୍କଠାରୁ କରୁଥିବା ଏ ପାପ ପାଇଁ ଭୟଙ୍କର ଦଣ୍ଡ ପାଇବେ ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

# ଅଥ ତୃତୀୟସମୁଲ୍ଲାସାରମ୍ଭଃ

## ଅଥାଽଧ୍ୟୟନାଽଧ୍ୟାପନବିଧିଂ ବ୍ୟାଖ୍ୟାସ୍ୟାମଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

ବର୍ତ୍ତମାନ ତୃତୀୟ ସମୁଲ୍ଲାସରେ ଅଧ୍ୟୟନ-ଅଧ୍ୟାପନା ପଦ୍ଧତି ବିଷୟରେ ଲେଖାଯାଉଛି । **ସନ୍ତାନମାନଙ୍କୁ ଉତ୍ତମ ବିଦ୍ୟା, ଶିକ୍ଷା, ଗୁଣ, କର୍ମ ଓ ସ୍ୱଭାବ ରୂପକ ଭୂଷଣରେ ଭୂଷିତ କରିବା ମାତା, ପିତା, ଆଚାର୍ଯ୍ୟ ଓ ଆତ୍ମୀୟ-ସ୍ୱଜନଙ୍କ ମୁଖ୍ୟ କର୍ତ୍ତବ୍ୟ ।** ସୁନା, ରୁପା, ମୋତି, ମାଣିକ୍ୟ ଆଦି ରତ୍ନ ଖଚିତ ଅଳଙ୍କାର ଧାରଣ କରିବା ଦ୍ୱାରା ମନୁଷ୍ୟର ଆତ୍ମା କଦାପି ସୁଶୋଭିତ ହୁଏ ନାହିଁ । କାରଣ ଅଳଙ୍କାର ଧାରଣ କଲେ କେବଳ ଦେହାଭିମାନ, ବିଷୟାସକ୍ତି ଓ ଚୋରି ଆଦି ଭୟ ବଢ଼େ ତଥା ସ୍ଥଳ ବିଶେଷରେ ଏସବୁ ମୃତ୍ୟୁର କାରଣ ବି ହୋଇଥାନ୍ତି । ଅଳଙ୍କାର ଯୋଗୁଁ ଅନେକ ପିଲା ଅପରାଧୀଙ୍କ ହାତରେ ମୃତ୍ୟୁବରଣ କରୁଥିବା ବିଷୟ ସଂସାରରେ ଦେଖିବାକୁ ମିଳିଥାଏ ।

**ବିଦ୍ୟାବିଲାସମନସୋ ଧୃତଶୀଲଶିକ୍ଷାଃ, ସତ୍ୟବ୍ରତା ରହିତମାନମଲାପହାରାଃ ।**
**ସଂସାରଦୁଃଖଦଲନେନ ସୁଭୂଷିତା ୟେ, ଧନ୍ୟା ନରା ବିହିତକର୍ମପରୋପକାରାଃ ।।**

ଯେଉଁମାନଙ୍କ ମନ ବିଦ୍ୟା-ବିଳାସରେ ତତ୍ପର; ଯେଉଁମାନେ ସୁନ୍ଦର ଶୀଳ-ସ୍ୱଭାବଯୁକ୍ତ; ସତ୍ୟଭାଷଣାଦି ନିୟମ ପାଳନକାରୀ; ଯେଉଁମାନେ ଅଭିମାନ, ଅପବିତ୍ରତାରୁ ରହିତ, ଅନ୍ୟର ମଳିନତା ନାଶକ; ସତ୍ୟୋପଦେଶ, ବିଦ୍ୟାଦାନ ଦ୍ୱାରା ସଂସାରୀ-ଲୋକଙ୍କ ଦୁଃଖ ଦୂରୀକରଣ କର୍ମରେ ବିଭୂଷିତ; ବେଦବିହିତ କର୍ମ ଦ୍ୱାରା ପରୋପକାର କରିବାରେ ରତ ରହିଥାନ୍ତି, ସେ ନର-ନାରୀ ଧନ୍ୟ ଅଟନ୍ତି । ଏସବୁ ବିନା କେହି ଶୋଭା ପ୍ରାପ୍ତ ହୁଏ ନାହିଁ ।

ଏଣୁ ଆଠ ବର୍ଷ ବୟସ ହେଲେ ବାଳକମାନଙ୍କୁ ବାଳକଙ୍କ ବିଦ୍ୟାଳୟ ଓ ବାଳିକାମାନଙ୍କୁ ବାଳିକା ବିଦ୍ୟାଳୟକୁ ପଠାଇବା ଉଚିତ । ଅସଦାଚାରୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଇବା ଉଚିତ ନୁହେଁ । ପୂର୍ଣ୍ଣ ବିଦ୍ୱାନ୍, ଧାର୍ମିକ, ସଦାଚାରୀ ବ୍ୟକ୍ତିମାନେ ହିଁ ବିଦ୍ୟା ଓ ଶିକ୍ଷା ଦାନ କରିବାକୁ ଯୋଗ୍ୟ । ଦ୍ୱିଜମାନେ ସ୍ୱ ଗୃହରେ ପୁତ୍ର-କନ୍ୟାଙ୍କର ଯଥାଯୋଗ୍ୟ ଯଜ୍ଞୋପବୀତ ସଂସ୍କାର କରି ପୂର୍ବୋକ୍ତ ଆଚାର୍ଯ୍ୟକୁଳ ଅର୍ଥାତ୍ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠଶାଳାକୁ ପଠାଇଦେବେ ।

ବିଦ୍ୟାଳୟ ଏକାନ୍ତ ସ୍ଥାନରେ ହେବା ଉଚିତ । ବାଳକ ଓ ବାଳିକାଙ୍କ ବିଦ୍ୟାଳୟ ଗୋଟିଏ ଅନ୍ୟଟିଠାରୁ ଅନ୍ୟୂନ ଦୁଇ କୋଶ ଦୂରରେ ରହିବା ଆବଶ୍ୟକ । **ବାଳକ ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀ, ସେବକ ଆଦି ସମସ୍ତେ ପୁରୁଷ ଏବଂ ବାଳିକା ବିଦ୍ୟାଳୟରେ ଶିକ୍ଷକାଦି ସମସ୍ତେ ମହିଳା ହେବେ ।** ବାଳିକା ବିଦ୍ୟାଳୟକୁ ପାଞ୍ଚ ବର୍ଷର ବାଳକ ଓ ବାଳକ ବିଦ୍ୟାଳୟକୁ ପାଞ୍ଚ ବର୍ଷର ବାଳିକାର ବି ପ୍ରବେଶ ନିଷେଧ ଅର୍ଥାତ୍ ସେମାନେ ବ୍ରହ୍ମଚାରୀ ବା ବ୍ରହ୍ମଚାରିଣୀ ଥିବା ପର୍ଯ୍ୟନ୍ତ ଯଥାକ୍ରମେ ସ୍ତ୍ରୀ ବା ପୁରୁଷର ଦର୍ଶନ, ସ୍ପର୍ଶନ, ଏକାନ୍ତସେବନ, ସମ୍ଭାଷଣ, ବିଷୟ ସମ୍ପର୍କୀୟ ଆଲୋଚନା, ପାରସ୍ପରିକ କ୍ରୀଡ଼ା, ବିଷୟ ଚିନ୍ତନ ଓ ବିଷୟ ସଙ୍ଗ –ଏ ଆଠ ପ୍ରକାର ମୈଥୁନରୁ ଦୂରେଇ ରହିବେ । ଶିକ୍ଷକମାନେ ବି ସେମାନଙ୍କୁ ଏସବୁରୁ ଦୂରେଇ ରଖିବା ଦିଗରେ ଦୃଷ୍ଟି ଦେବେ, ଯଦ୍ଦ୍ୱାରା ସେମାନେ ଉତ୍ତମ

ବିଦ୍ୟା, ଶିକ୍ଷା, ଶୀଳ-ସ୍ୱଭାବ ଯୁକ୍ତ ତଥା ଶାରୀରିକ ଓ ଆଧ୍ୟାତ୍ମିକ ଶକ୍ତି ସମ୍ପନ୍ନ ହୋଇ ଜୀବନରେ ଯଥାର୍ଥ ଆନନ୍ଦ ଲାଭ କରିପାରିବେ ।

ବିଦ୍ୟାଳୟ ଗ୍ରାମ ବା ସହରଠାରୁ ଏକ ଯୋଜନ ଅର୍ଥାତ୍ ଚାରି କୋଶ ଦୂରରେ ରହିବା ଉଚିତ । **ସିଏ ରାଜକୁମାର ବା ରାଜକୁମାରୀ ହେଉ କି ଦରିଦ୍ରର ସନ୍ତାନ ହେଉ ସମସ୍ତଙ୍କୁ ସମାନ ପ୍ରକାର ଭୋଜନ, ବସନ, ଆସନ ଦିଆଯିବା ଉଚିତ । ସମସ୍ତଙ୍କୁ ତପସ୍ୱୀ ହେବାକୁ ପଡ଼ିବ ।** ମାତା-ପିତା ଓ ସନ୍ତାନ ପରସ୍ପର ସହିତ ସାକ୍ଷାତ କରିପାରିବେ ନାହିଁ କି ପତ୍ର-ବିନିମୟ କରିପାରିବେ ନାହିଁ, ଯଦ୍ଦ୍ୱାରା ସନ୍ତାନମାନେ ସାଂସାରିକ ଚିନ୍ତାରୁ ମୁକ୍ତ ହୋଇ କେବଳ ବିଦ୍ୟା ଆହରଣରେ ସତତ ସଂଲଗ୍ନ ରହିବେ । ବିଦ୍ୟାର୍ଥୀମାନେ ଭ୍ରମଣ କରିବା ସମୟରେ ବି ଶିକ୍ଷକମାନେ ସାଙ୍ଗରେ ରହିବେ, ଯାହା ଫଳରେ କି ସେମାନେ କୌଣସି ଅନୁଚିତ କାର୍ଯ୍ୟ କରିପାରିବେ ନାହିଁ କି ଆଳସ୍ୟ-ପ୍ରମାଦ କରିବାର ଅବକାଶ ପାଇବେ ନାହିଁ ।

**କନ୍ୟାନାଂ ସମ୍ପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ ।** (ମନୁ. ୭:୧୫୨)

**ଏପରି ରାଜନିୟମ ଓ ସାମାଜିକ ନିୟମ ରହିବା ଉଚିତ ଯେ ପାଞ୍ଚ ବା ଆଠ ବର୍ଷ ବୟସ ପରେ କେହି ନିଜ ପୁତ୍ର-କନ୍ୟାଙ୍କୁ ଘରେ ରଖିପାରିବେ ନାହିଁ, ବିଦ୍ୟାଳୟକୁ ଅବଶ୍ୟ ପଠାଇବେ । ଯିଏ ଏ ନିୟମ ଉଲ୍ଲଙ୍ଘନ କରିବ, ସେ ଦଣ୍ଡ ପାଇବ ।** ସନ୍ତାନର ଉପନୟନର ପ୍ରଥମ ସ୍ଥଳ ସ୍ୱ ଗୃହ ଏବଂ ଦ୍ୱିତୀୟ ସ୍ଥଳ ବିଦ୍ୟାଳୟ ବା ଆଚାର୍ଯ୍ୟକୁଳ । ଗୃହରେ ଉପନୟନ ହୋଇପାରିନଥିଲେ ଗୁରୁକୁଳରେ ହୁଏ । ପିତା, ମାତା ବା ଶିକ୍ଷକ ନିଜ ପୁଅ-ଝିଅଙ୍କୁ ବା ଶିଷ୍ୟଙ୍କୁ ଅର୍ଥ ସହିତ ଗାୟତ୍ରୀମନ୍ତ୍ରର ଉପଦେଶ ଦେବେ । ଗାୟତ୍ରୀମନ୍ତ୍ର ହେଲା -

**ଓମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।**
**ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥** (ଯଜୁଃ. ୩୬:୩)

ଏହି ମନ୍ତ୍ରର ଆରମ୍ଭରେ ଥିବା **'ଓମ୍'**ର ଅର୍ଥ ପ୍ରଥମ ସମୁଲ୍ଲାସରେ ଲେଖାଯାଇଛି । ସେଠାରୁ ଜାଣିନେବେ । ବର୍ତ୍ତମାନ ତିନି ମହାବ୍ୟାହୃତିର ଅର୍ଥ ସଂକ୍ଷେପରେ ଲେଖାଯାଉଛି **- 'ଭୂରିତି ବୈ ପ୍ରାଣଃ'- 'ୟଃ ପ୍ରାଣୟତି ଚରାଽଚରଂ ଜଗତ୍ ସ ଭୂଃ ସ୍ୱୟମ୍ଭୂରୀଶ୍ୱରଃ' -** ଯିଏ ସକଳ ଜଗତର ଜୀବନର ଆଧାର, ପ୍ରାଣଠାରୁ ବଳି ପ୍ରିୟ ଓ ସ୍ୱୟମ୍ଭୂ, ସେ ପରମେଶ୍ୱର ପ୍ରାଣବାଚକ ହୋଇଥିବାରୁ ତାଙ୍କ ନାମ **'ଭୂଃ'** । **'ଭୁବରିତ୍ୟପାନଃ' - 'ୟଃ ସର୍ବଂ ଦୁଃଖମପାନୟତି ସୋଽପାନଃ' -** ଯିଏ ସମସ୍ତ ଦୁଃଖରୁ ରହିତ, ଯାହାଙ୍କ ସଙ୍ଗ ଦ୍ୱାରା ଜୀବ ସବୁ ଦୁଃଖରୁ ଉଦ୍ଧାର ପାଇଯାଏ, ସେହି ପରମେଶ୍ୱରଙ୍କ ନାମ **'ଭୁବଃ'** । **'ସ୍ୱରିତି ବ୍ୟାନଃ' - 'ୟୋ ବିବିଧଂ ଜଗଦ୍ ବ୍ୟାନୟତି ବ୍ୟାପ୍ନୋତି ସ ବ୍ୟାନଃ' -** ଯିଏ ନାନାବିଧ ଜଗତରେ ବ୍ୟାପକ ହୋଇ ସମସ୍ତଙ୍କୁ ଧାରଣ କରନ୍ତି ସେହି ପରମେଶ୍ୱରଙ୍କ ନାମ **'ସ୍ୱଃ'** । ଉପରୋକ୍ତ ତିନିଟି ତୈତ୍ତିରୀୟ ଆରଣ୍ୟକ (୭:୫)ର ଉଦ୍ଧୃତାଂଶ ।

**(ସବିତଃ) 'ୟଃ ସୁନୋତ୍ୟୁତ୍ପାଦୟତି ସର୍ବଂ ଜଗତ୍ ସ ସବିତା ତସ୍ୟ' -** ଯିଏ ସକଳ ଜଗତର ଉତ୍ପାଦକ ଓ ସମସ୍ତ ଐଶ୍ୱର୍ଯ୍ୟର ଦାତା, **(ଦେବସ୍ୟ) 'ୟୋ ଦୀବ୍ୟତି ଦୀବ୍ୟତେ ବା ସ ଦେବଃ' -** ଯିଏ ସର୍ବସୁଖ ପ୍ରଦାୟକ ଏବଂ ଯାହାଙ୍କୁ ପାଇବାକୁ ସମସ୍ତେ ଚାହାନ୍ତି, ସେହି ପରମାତ୍ମାଙ୍କର ଯେଉଁ **(ବରେଣ୍ୟମ୍) 'ବର୍ତ୍ତୁମର୍ହମ୍' -** ସ୍ୱୀକାର କରିବା ଯୋଗ୍ୟ, ଅତିଶ୍ରେଷ୍ଠ **(ଭର୍ଗଃ) 'ଶୁଦ୍ଧସ୍ୱରୂପମ୍' -** ଶୁଦ୍ଧସ୍ୱରୂପ ଓ ପବିତ୍ରକାରୀ, ଚେତନ, ବ୍ରହ୍ମସ୍ୱରୂପ ରହିଛି **(ତତ୍)** ସେହି ପରମାତ୍ମାଙ୍କ ସ୍ୱରୂପକୁ ଆମେ **(ଧୀମହି) 'ଧରେମହି' -** ଧାରଣ କରୁଁ । କାହିଁକି ? ଏଥିପାଇଁ ଯେ

**(ୟଃ) 'ଜଗଦୀଶ୍ୱରଃ' –** ସବିତା ଦେବ ପରମାତ୍ମା **(ନଃ) 'ଅସ୍ମାକମ୍' –** ଆମର **(ଧିୟଃ) 'ବୁଦ୍ଧୀଃ' –** ବୁଦ୍ଧିକୁ **(ପ୍ରଚୋଦୟାତ୍) 'ପ୍ରେରୟେତ୍' –** ପ୍ରେରିତ କରନ୍ତୁ ଅର୍ଥାତ୍ କୁକର୍ମରୁ ନିବୃତ୍ତ କରି ସୁକର୍ମରେ ପ୍ରବୃତ୍ତ କରନ୍ତୁ ।

**'ହେ ପରମେଶ୍ୱର ! ହେ ସଚ୍ଚିଦାନନ୍ଦାନନ୍ତସ୍ୱରୂପ ! ହେ ନିତ୍ୟଶୁଦ୍ଧବୁଦ୍ଧମୁକ୍ତସ୍ୱଭାବ ! ହେ କୃପାନିଧେ ! ହେ ନ୍ୟାୟକାରିନ୍ ! ହେ ଅଜ ନିରଞ୍ଜନ ନିର୍ବିକାର ! ହେ ସର୍ବାନ୍ତର୍ୟାମିନ୍ ! ହେ ସର୍ବାଧାର-ସର୍ବଜଗତ୍ପିତଃ ସକଲଜଗଦୁତ୍ପାଦକ ! ହେ ଅନାଦେ ବିଶ୍ୱମ୍ଭର ସର୍ବବ୍ୟାପିନ୍ ! ହେ କରୁଣାମୃତବାରିଧେ ! ସବିତୁର୍ଦେବସ୍ୟ ତବ ୟଦ୍ ଓଂ ଭୂର୍ଭୁବଃ ସ୍ୱର୍ବରେଣ୍ୟଂ ଭର୍ଗୋଽସ୍ତି, ତଦ୍ୱୟଂ ଧୀମହି ଦଧୀମହି ଧରେମହି ଧ୍ୟାୟେମ ବା । କସ୍ମୈ ପ୍ରୟୋଜନାୟେତ୍ୟତ୍ରାହ – ହେ ଭଗବନ୍ ! ୟଃ ସବିତା ଦେବଃ ପରମେଶ୍ୱରୋ ଭବାନସ୍ମାକଂ ଧିୟଃ ପ୍ରଚୋଦୟାତ୍, ସ ଏବାସ୍ମାକଂ ପୂଜ୍ୟ ଉପାସନୀୟ ଇଷ୍ଟଦେବୋ ଭବତୁ । ନାତୋଽନ୍ୟଦ୍ୱସ୍ତୁ ଭବତ୍ତୁଲ୍ୟଂ ଭବତୋଽଧିକଂ ଚ କଞ୍ଚିତ୍ କଦାଚିନ୍ ମନ୍ୟାମହେ ।'**

ହେ ମନୁଷ୍ୟଗଣ ! ସମସ୍ତ ସମର୍ଥମାନଙ୍କ ମଧ୍ୟରେ ଯିଏ ସର୍ବସମର୍ଥ; ସଚ୍ଚିଦାନନ୍ଦାନନ୍ତସ୍ୱରୂପ; ନିତ୍ୟଶୁଦ୍ଧ-ନିତ୍ୟବୁଦ୍ଧ-ନିତ୍ୟମୁକ୍ତ ସ୍ୱଭାବସମ୍ପନ୍ନ; କୃପାସାଗର; ଯଥାର୍ଥ ନ୍ୟାୟକାରୀ; ଜନ୍ମମରଣାଦି କ୍ଲେଶ ରହିତ, ଆକାର-ବିକାର ରହିତ; ସର୍ବଘଟଜ୍ଞାତା; ସମସ୍ତଙ୍କ ଧର୍ତ୍ତା, ପିତା, ଉତ୍ପାଦକ; ଅନାଦି, ବିଶ୍ୱର ପୋଷଣକର୍ତ୍ତା, ସର୍ବବ୍ୟାପକ; କରୁଣାରୂପ, ଅମୃତର ସାଗର; ସକଳ ଐଶ୍ୱର୍ଯ୍ୟଯୁକ୍ତ, ଜଗତର ନିର୍ମାତା, ଶୁଦ୍ଧସ୍ୱରୂପ ଓ ଯିଏ ସମସ୍ତଙ୍କ ପ୍ରାପ୍ତିକାମନାର ଯୋଗ୍ୟ, ସେହି ପରମାତ୍ମାଙ୍କର ଶୁଦ୍ଧ ଚେତନସ୍ୱରୂପକୁ ଆମେ ଧାରଣ କରୁଁ । କେଉଁଥିପାଇଁ ? ଏଇଥି ପାଇଁ ଯେ ସେହି ପରମେଶ୍ୱର ଆମ ଆତ୍ମା ଓ ବୁଦ୍ଧି-ବୃତ୍ତିର ଅନ୍ତର୍ଯ୍ୟାମୀ, ଆମକୁ ଦୁରାଚାର, ଅଧର୍ମ ମାର୍ଗରୁ ହଟେଇ ଶ୍ରେଷ୍ଠାଚାର, ସନ୍ମାର୍ଗରେ ପରିଚାଳିତ କରନ୍ତୁ । ତାଙ୍କ ବ୍ୟତୀତ ଅନ୍ୟ କାହାର ଧ୍ୟାନ ଆମେ କରିବା ଅନୁଚିତ, କାରଣ ତାଙ୍କ ସମକକ୍ଷ ବା ତାଙ୍କଠାରୁ ଶ୍ରେଷ୍ଠ ଅନ୍ୟ କିଛି ନାହିଁ । ସେ ହିଁ ଆମର ପିତା, ରାଜା, ନ୍ୟାୟକର୍ତ୍ତା ଓ ସର୍ବ ସୁଖଦାତା ଅଟନ୍ତି ।

ସନ୍ତାନ ବା ଶିଷ୍ୟଙ୍କୁ ଏହିଭଳି ଭାବେ ଗାୟତ୍ରୀ ମନ୍ତ୍ରର ଉପଦେଶ ଦେବା ସହ ସ୍ନାନ ଏବଂ ସନ୍ଧ୍ୟୋପାସନା ଅନ୍ତର୍ଗତ ଆଚମନ, ପ୍ରାଣାୟାମ ଆଦି ବିଷୟକ ଶିକ୍ଷା ବି ଦେବେ । ପ୍ରଥମେ ସ୍ନାନ କରଣୀୟ । କାରଣ ତଦ୍ଦ୍ୱାରା ଶରୀରର ବାହ୍ୟ ଅବୟବଗୁଡ଼ିକ ଶୁଦ୍ଧ ହୁଏ ଓ ଆରୋଗ୍ୟ ଆଦି ବି ଲାଭ ହୁଏ । ଏ ବିଷୟରେ ମହର୍ଷି ମନୁ କହନ୍ତି –

**ଅଦ୍ଭିର୍ଗାତ୍ରାଣି ଶୁଧ୍ୟନ୍ତି ମନଃ ସତ୍ୟେନ ଶୁଧ୍ୟତି ।**
**ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଧ୍ୟତି ॥** (ମନୁ. ୫:୧୦୯)

ଜଳ ଦ୍ୱାରା ଶରୀରର ବାହ୍ୟ ଅବୟବ ଶୁଦ୍ଧ ହୁଏ, ସତ୍ୟାଚରଣ ଦ୍ୱାରା ମନ ନିର୍ମଳ ହୁଏ, ବିଦ୍ୟା ଏବଂ ତପସ୍ୟା ଦ୍ୱାରା ଅର୍ଥାତ୍ ସବୁ ପ୍ରକାର କଷ୍ଟ ସହି ମଧ୍ୟ ଧର୍ମର ହିଁ ଆଚରଣ କରିବା ଦ୍ୱାରା ଜୀବାତ୍ମା ପବିତ୍ର ହୁଏ, ଜ୍ଞାନ ଅର୍ଥାତ୍ ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ପଦାର୍ଥଗୁଡ଼ିକର ବିବେକ ଦ୍ୱାରା ବୁଦ୍ଧି ପବିତ୍ର ହୁଏ । ଏଣୁ ସନ୍ଧ୍ୟୋପାସନା ପୂର୍ବରୁ ଅବଶ୍ୟ ସ୍ନାନ କରିବା ଉଚିତ ।

ଦ୍ୱିତୀୟ ବିଷୟ ହେଲା ପ୍ରାଣାୟାମ । ଏ ସମ୍ପର୍କରେ ଯୋଗଦର୍ଶନକାର ମହର୍ଷି ପତଞ୍ଜଳି କହନ୍ତି —

**ଯୋଗାଙ୍ଗାନୁଷ୍ଠାନାଦଶୁଦ୍ଧିକ୍ଷୟେ ଜ୍ଞାନଦୀପ୍ତିରାବିବେକଖ୍ୟାତେଃ ।** (ଯୋଗ. ୨:୨୮)

ଚତୁର୍ଥ ଯୋଗାଙ୍ଗ ପ୍ରାଣାୟାମ କରିବା ଦ୍ୱାରା ପ୍ରତିକ୍ଷଣ ଅଶୁଦ୍ଧି ନାଶ ହୋଇଥାଏ ଓ ଜ୍ଞାନର ପ୍ରକାଶ ଉତ୍ତରୋତ୍ତର ବୃଦ୍ଧି ପାଇଥାଏ । ମୁକ୍ତି ହେବା ଯାଏଁ ଆତ୍ମାର ଜ୍ଞାନ ନିରନ୍ତର ବଢ଼ି ଚାଲେ ।

**ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୂନାଂ ହି ଯଥା ମଲାଃ ।**

**ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ।।** (ମନୁ. ୬:୭୧)

ଅଗ୍ନିରେ ଉତ୍ତପ୍ତ କଲେ ସୁବର୍ଣ୍ଣାଦି ଧାତୁର ମଳ ନଷ୍ଟ ହୋଇ ସେସବୁ ଯେପରି ଶୁଦ୍ଧ ହୋଇଥାଏ, ସେହିପରି ପ୍ରାଣାୟାମ କରିବା ଦ୍ୱାରା ମନ ଆଦି ଇନ୍ଦ୍ରିୟଗୁଡ଼ିକ ଦୋଷରହିତ ହୋଇ ସେସବୁ ନିର୍ମଳ ହୋଇଥାନ୍ତି ।

**ପ୍ରାଣାୟାମ ବିଧି —**

**ପ୍ରଚ୍ଛର୍ଦନବିଧାରଣାଭ୍ୟାଂ ବା ପ୍ରାଣସ୍ୟ ।** (ଯୋଗ. ୧:୩୪)

ବାନ୍ତି ହେଲେ ଅନ୍ନ-ଜଳ ଯେପରି ଜୋର୍‌ରେ(ବେଗପୂର୍ବକ) ବାହାରକୁ ବାହାରିଯାଏ, ଠିକ୍ ସେହିପରି ପ୍ରାଣବାୟୁକୁ ବଳପୂର୍ବକ ବାହାର କରି ବାହାରେ ହିଁ ଯଥାଶକ୍ତି ରୋକି ଦେବେ । ପ୍ରାଣବାୟୁକୁ ବାହାର କରିବା ପାଇଁ ପ୍ରଥମେ ମୂଳେନ୍ଦ୍ରିୟକୁ ଉପରକୁ ଟାଣି ତା'ପରେ ବାୟୁକୁ ବାହାରକୁ ଛାଡ଼ିବେ । ଯେତେବେଳ ଯାଏ ମୂଳେନ୍ଦ୍ରିୟକୁ ଉପରକୁ ଟାଣି ରଖାଯାଏ ସେତେବେଳ ପର୍ଯ୍ୟନ୍ତ ପ୍ରାଣ ବାହାରେ ସୁବିଧାରେ ରହିଥାଏ । ଯେତେବେଳେ ଛଟପଟ ଲାଗିବ ସେତେବେଳେ ଧୀରେ-ଧୀରେ ବାୟୁ ଭିତରକୁ ନେବେ । ଭିତରେ ଅଳ୍ପସମୟ ବାୟୁ ରଖି ପୁଣି ପୂର୍ବ ଭଳି ବାହାର କରି ବାହାରେ ଅଟକାଇବେ । ନିଜର ସାମର୍ଥ୍ୟ ଓ ଇଚ୍ଛା ଅନୁସାରେ ଏଭଳି ବାରମ୍ବାର କରିବେ । ପ୍ରାଣାୟାମ କରିବା ସମୟରେ ମନେ-ମନେ 'ଓମ୍' ଜପ କରୁଥିବେ । ଏପରି କରିବା ଦ୍ୱାରା ଆତ୍ମା ଓ ମନ ପବିତ୍ର ତଥା ସ୍ଥିର ହୁଏ ।

ପ୍ରାଣାୟାମ ଚାରି ପ୍ରକାର । ଯଥା– **୧. ବାହ୍ୟବିଷୟ –** ପ୍ରାଣକୁ ବାହାରେ ହିଁ ଅଧିକ ସମୟ ଅଟକାଇବା । **୨. ଆଭ୍ୟନ୍ତର –** ବାହାରୁ ବାୟୁ ଗ୍ରହଣ କରି ଭିତରେ ଯେତେ ଅଧିକ ସମୟ ସୁବିଧାରେ ରଖିହେବ, ସେତିକି ସମୟ ରଖିବା । **୩. ସ୍ତମ୍ଭବୃତ୍ତି –** ଶ୍ୱାସ-ପ୍ରଶ୍ୱାସ ଚାଲିଥିବା ବେଳେ ଯେକୌଣସି ଅବସ୍ଥାରେ ଥିବ ସେହି ସ୍ଥିତିରେ ହଠାତ୍ ତା'ର ଗତି ଯେତେ ସମୟ ସମ୍ଭବ ରୁଦ୍ଧ କରିବା । **୪. ବାହ୍ୟାଭ୍ୟନ୍ତରାକ୍ଷେପୀ –** ପ୍ରାଣବାୟୁ ଭିତରୁ ବାହାରକୁ ବାହାରିବାକୁ ଲାଗିବା ସମୟରେ ତା'ର ବିପରୀତ କ୍ରିୟା କରିବା ଅର୍ଥାତ୍ ତାକୁ ବାହାରିବାକୁ ନ ଦେବା ପାଇଁ ବାହାରୁ ଭିତରକୁ ବାୟୁ ନେବା ଏବଂ ସେହିପରି ବାୟୁ ବାହାରୁ ଭିତରକୁ ଆସିବାକୁ ଆରମ୍ଭ କରିବା ସମୟରେ ଭିତରୁ ବାହାର ଆଡ଼କୁ ପ୍ରାଣକୁ ଧକ୍‌କା ଦେଇ ଅଟକେଇବା । ଏପରି ଭାବେ ସ୍ୱାଭାବିକ ରୂପେ ଗୋଟିଏ କ୍ରିୟା ଆରମ୍ଭ ହେବା ବେଳକୁ ତା'ର ବିପରୀତ କ୍ରିୟା କରିବା । ଏପରି କରିବା ଦ୍ୱାରା ଶ୍ୱାସ-ପ୍ରଶ୍ୱାସର ଗତି ରୁଦ୍ଧ ହୋଇ ପ୍ରାଣ ବଶୀଭୂତ ହୁଏ । ଫଳସ୍ୱରୂପ ମନ ଓ ଇନ୍ଦ୍ରିୟଗୁଡ଼ିକ ବି ସ୍ୱ-ଅଧୀନ ହୁଅନ୍ତି । ବଳ-ପୁରୁଷାର୍ଥ ବୃଦ୍ଧି ପାଏ, ତଥା ବୁଦ୍ଧି ତୀବ୍ର ଓ ସୂକ୍ଷ୍ମ ହୋଇଯାଏ, ଯଦ୍ଦ୍ୱାରାକି ବହୁତ କଠିନ ଓ ସୂକ୍ଷ୍ମ ବିଷୟକୁ ବି ଶୀଘ୍ର ବୁଝିହୁଏ । ପ୍ରାଣାୟାମ ଦ୍ୱାରା ଶରୀରରେ ବୀର୍ଯ୍ୟ ବୃଦ୍ଧି ପାଇ ଦୃଢ଼ ବଳ, ପରାକ୍ରମ, ଜିତେନ୍ଦ୍ରିୟତା ଲାଭ ଦ୍ୱାରା ଅଳ୍ପକାଳ ମଧ୍ୟରେ ସମସ୍ତ ଶାସ୍ତ୍ରକୁ ବୁଝି ଆୟତ୍ତ କରିବାର ସାମର୍ଥ୍ୟ ଲାଭ ହୁଏ । ପୁରୁଷଙ୍କ ଭଳି ମହିଳାମାନେ ବି ଯୋଗାଭ୍ୟାସ କରିବା ଉଚିତ । ସନ୍ତାନ ଓ ଶିଷ୍ୟଙ୍କୁ ଖାଇବା-ପିନ୍ଧିବା, ବସିବା-ଉଠିବା, କହିବା-ଶୁଣିବା, ବଡ଼-ସାନଙ୍କ ସହ ବ୍ୟବହାର କରିବା ବିଷୟରେ ଉପଦେଶ ଦେବେ ।

**ସନ୍ଧ୍ୟୋପାସନା –** ଏହାକୁ ବ୍ରହ୍ମଯଜ୍ଞ ବୋଲି ମଧ୍ୟ କୁହାଯାଏ । ଏଥିରେ ଅନେକ କ୍ରିୟା ଅନ୍ତର୍ଭୁକ୍ତ । **'ଆଚମନ' –** ଯେତିକି ଜଳ ପିଇଲେ ତାହା କଣ୍ଠର ତଳକୁ ହୃଦୟ ପର୍ଯ୍ୟନ୍ତ ପହଞ୍ଚିବ ସେତିକି ଜଳ ହାତ ପାପୁଲିରେ ନେଇ, ପାପୁଲିର ମୂଳ ଓ ମଧ୍ୟ ଭାଗରେ ଓଠ ଲଗାଇ ଆଚମନ କରିବେ । ଏହାଦ୍ୱାରା କଣ୍ଠସ୍ଥ କଫ ଓ ପିତ୍ତର କିଞ୍ଚିତ୍

ଉପଶମ ହୋଇଥାଏ । ତା'ପରେ **'ମାର୍ଜନ'** କରିବେ ଅର୍ଥାତ୍ ମଧ୍ୟମା ଓ ଅନାମିକା ଅଙ୍ଗୁଳିର ଅଗ୍ରଭାଗରେ ଜଳ ସ୍ପର୍ଶ କରି ଚକ୍ଷୁ ଆଦି ଇନ୍ଦ୍ରିୟ ଉପରେ ଜଳ ସିଞ୍ଚନ କରିବେ । ତଦ୍ଦ୍ୱାରା ଆଳସ୍ୟ ଦୂର ହୁଏ । ଯଦି ଆଳସ୍ୟ ନଥାଏ ବା ଜଳ ଉପଲବ୍ଧ ନଥାଏ ତେବେ ନ କରିପାରନ୍ତି । ତା'ପରେ ମନ୍ତ୍ରୋଚ୍ଚାରଣ ପୂର୍ବକ **ପ୍ରାଣାୟମ, ଅଘମର୍ଷଣ, ମନସା ପରିକ୍ରମଣ, ଉପସ୍ଥାନ** ତଦନନ୍ତର ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନାର ରୀତି ଶିଖାଇବେ । ସନ୍ଧ୍ୟୋପାସନାରେ **'ଅଘମର୍ଷଣ'** କରିବେ ଅର୍ଥାତ୍ ପାପ କରିବାର ଇଚ୍ଛା ବି କେବେ କରିବେ ନାହିଁ । ସନ୍ଧ୍ୟୋପାସନା ଏକାନ୍ତ ସ୍ଥାନରେ ଏକାଗ୍ର ଚିତ୍ତରେ କରିବା ଉଚିତ ।

**ଅପାଂ ସମୀପେ ନିୟତୋ ନୈତ୍ୟକଂ ବିଧିମାସ୍ଥିତଃ ।**
**ସାବିତ୍ରୀମପ୍ୟଧୀୟୀତ ଗତ୍ୱାରଣ୍ୟଂ ସମାହିତଃ ।।** (ମନୁ. ୨:୧୦୪)

ଅରଣ୍ୟ ଅର୍ଥାତ୍ ନିରୋଳା ସ୍ଥାନକୁ ଯାଇ, ସମାହିତ ଚିତ୍ତରେ, ଜଳ ନିକଟରେ ରହି, ନିତ୍ୟକର୍ମ ବା ସନ୍ଧ୍ୟୋପାସନା କରିବା ଉଚିତ । ସେ ସମୟରେ ସାବିତ୍ରୀ ଅର୍ଥାତ୍ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ସହ ଅର୍ଥ ଚିନ୍ତନ କରିବା ବିଧେୟ । ନିଜର ଆଚରଣ ମଧ୍ୟ ତଦନୁସାରେ କରିବା ଆବଶ୍ୟକ । କିନ୍ତୁ, ଏ ଜପ ମନେ-ମନେ କରିବା ଉତ୍ତମ ।

ସନ୍ଧ୍ୟା ଓ ଅଗ୍ନିହୋତ୍ର ସାୟଂ ଓ ପ୍ରାତଃ ଏ ଦୁଇ କାଳରେ ହିଁ କରିବା ଉଚିତ । କାରଣ ରାତି ଓ ଦିନ ଏ ଦୁଇଟିର ସନ୍ଧି ବେଳା ଦୁଇଟି ହିଁ ଅଛି, ଅଧିକ ନାହିଁ । ଅନ୍ୟୂନ ପକ୍ଷେ ଏକ ଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ ଅବଶ୍ୟ କରିବା ଉଚିତ । ଯୋଗୀମାନେ ଯେପରି ସମାଧିସ୍ଥ ହୋଇ ପରମାତ୍ମାଙ୍କ ଧ୍ୟାନ କରନ୍ତି, ସନ୍ଧ୍ୟୋପାସନା ମଧ୍ୟ ସେହିପରି କରିବା ଉଚିତ ।

**ଦେବଯଜ୍ଞ -** ଅଗ୍ନିହୋତ୍ର, ବିଦ୍ୱାନଙ୍କ ସଙ୍ଗ ଓ ସେବାକୁ ଦେବଯଜ୍ଞ କୁହାଯାଏ । ଉଭୟ ସନ୍ଧି ସମୟ ଅର୍ଥାତ୍ ସୂର୍ଯ୍ୟୋଦୟ ପରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଅଗ୍ନିହୋତ୍ର କରିବାର ଉତ୍କୃଷ୍ଟ ସମୟ ।

## ଅଗ୍ନିହୋତ୍ର ବିଧି

ଏଥିପାଇଁ କୌଣସି ଧାତୁ ବା ମାଟିର ଏକ **ବେଦୀ ବା ହୋମକୁଣ୍ଡ** ତିଆରି କରିବେ । କୁଣ୍ଡର ଉପର ଭାଗ ବର୍ଗାକାର ହେବ ଓ ଉପରଭାଗର ଏକ ପାର୍ଶ୍ୱର ଚଉଡ଼ା ଯେତିକି ହେବ କୁଣ୍ଡର ଗଭୀରତା ବି ସେତିକି ହେବ । କୁଣ୍ଡର ତଳ ଭାଗ ବି ବର୍ଗାକୃତି ହେବା ସାଙ୍ଗକୁ ପ୍ରତି ପାର୍ଶ୍ୱର ଚଉଡ଼ା ଉପରସ୍ଥ ପ୍ରତି ପାର୍ଶ୍ୱର ଏକ ଚତୁର୍ଥାଂଶ ହେବ । ଉପର ଭାଗ ୧୨ ବା ୧୬ ଅଙ୍ଗୁଳ ଦୈର୍ଘ୍ୟବିଶିଷ୍ଟ ବର୍ଗାକୃତି ହେଲେ ତଳ ଭାଗ ତଦନୁସାରେ ୩ ବା ୪ ଅଙ୍ଗୁଳ ବିଶିଷ୍ଟ ବର୍ଗାକୃତିର କୁଣ୍ଡ ତିଆରି କରିବେ । ଘିଅ ରଖିବା ପାଇଁ ଗୋଟିଏ **ଆଜ୍ୟସ୍ଥାଲୀ** ବା ଘୃତପାତ୍ର ରଖିବେ । ଆଜ୍ୟସ୍ଥାଳୀରୁ ଘିଅ ନେଇ କୁଣ୍ଡସ୍ଥ ଅଗ୍ନିରେ ଆହୁତି ଦେବା ପାଇଁ ଏକ **ସ୍ରୁବ** ବା **ଚାମଚ** ବ୍ୟବସ୍ଥା କରିବେ । ଜଳ ରଖିବା ପାଇଁ ଏକ ପ୍ରଣୀତାପାତ୍ର ଓ ପ୍ରଣୀତାରୁ ଜଳ ନେଇ ହସ୍ତ ପ୍ରକ୍ଷାଳନାଦି କରିବା ପାଇଁ ଏକ **ପ୍ରୋକ୍ଷଣୀ** ରଖିବେ । ନିଜ ଶକ୍ତି-ସାମର୍ଥ୍ୟକୁ ଦେଖି ଏହି ପାତ୍ରଗୁଡ଼ିକ ସୁନା, ରୁପା, ତମ୍ବା ବା କାଠରେ ତିଆରି କରିବେ ।

ଚନ୍ଦନ, ପଳାଶ ବା ଆମ୍ବ ପ୍ରଭୃତି ହୋମ ପାଇଁ ଉତ୍ତମ ଥିବା କାଠକୁ କୁଣ୍ଡର ଆକାରର ଆବଶ୍ୟକତାନୁସାରେ ଖଣ୍ଡ-ଖଣ୍ଡ କରି ଛୋଟ-ବଡ଼ କରି କୁଣ୍ଡରେ ସଜାଇ ରଖିବେ । ତା' ମଧ୍ୟରେ ଅଗ୍ନି ସ୍ଥାପନ କରି ଅଗ୍ନି ଉପରେ ସମିଧ ଅର୍ଥାତ୍ ପୂର୍ବୋକ୍ତ କାଠ ଖଣ୍ଡମାନ ରଖିବେ । ପୂର୍ବରୁ ପ୍ରଣୀତା ଓ ପ୍ରୋକ୍ଷଣୀରେ ଜଳ ରଖିଥିବେ ତଥା ଘୃତକୁ ଗରମ କରି ଘୃତପାତ୍ରରେ ରଖିଥିବେ । ତା' ପରେ ନିମ୍ନୋକ୍ତ ଗୋଟିଏ-ଗୋଟିଏ ମନ୍ତ୍ର ପଢ଼ି ଆଜ୍ୟସ୍ଥାଳୀରୁ ଘୃତ ନେଇ ସେହି ପ୍ରଜ୍ୱଳିତ ଅଗ୍ନିରେ ଗୋଟିଏ ଲେଖାଁଏ ଆହୁତି ଦେବେ ।

**ଓଂ ଭୂରଗ୍ନୟେ ପ୍ରାଣାୟ ସ୍ୱାହା । ଭୁବର୍ବାୟବେଽପାନାୟ ସ୍ୱାହା । ସ୍ୱରାଦିତ୍ୟାୟ ବ୍ୟାନାୟ ସ୍ୱାହା । ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ ସ୍ୱାହା ।।**

ଅଧିକ ଆହୁତି ଦେବାକୁ ଚାହିଁଲେ—

**ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ । ଯଦ୍‌ଭଦ୍ରଂ ତନ୍ନ ଆ ସୁବ ।।** (ଯଜୁଃ. ୩୦: ୩)

ଏହି ମନ୍ତ୍ର ତଥା ପୂର୍ବୋକ୍ତ **'ଗାୟତ୍ରୀ ମନ୍ତ୍ର'**ରେ ଆହୁତି ଦେବେ ।

**'ଓମ୍‌', 'ଭୂଃ'** ଓ **'ପ୍ରାଣ'** ଆଦି ଏସବୁ ପରମେଶ୍ୱରଙ୍କ ନାମ । ଏସବୁର ଅର୍ଥ ପୂର୍ବରୁ ଲେଖାଯାଇଛି । **'ସ୍ୱାହା'** ଶବ୍ଦର ଅର୍ଥ ହେଲା— ଆତ୍ମାରେ ଯେପରି ଜ୍ଞାନ ବିଦ୍ୟମାନ ବାଣୀରେ ବି ସେପରି ହିଁ କହିବା ଉଚିତ, ଅନ୍ୟଥା ନୁହେଁ । **ପରମେଶ୍ୱର ଯେପରି ସକଳ ପ୍ରାଣୀଙ୍କ ସୁଖ ପାଇଁ ସଂସାରର ଏ ସମସ୍ତ ପଦାର୍ଥ ତିଆରି କରିଛନ୍ତି, ସେହିପରି ମନୁଷ୍ୟ ବି ପରୋପକାର କରିବା ଉଚିତ ।**

**ପ୍ରଶ୍ନ –** ହୋମ ଦ୍ୱାରା କ'ଣ ଉପକାର ହୁଏ ?

**ଉତ୍ତର –** ସମସ୍ତେ ଜାଣନ୍ତି ଯେ, ଦୁର୍ଗନ୍ଧଯୁକ୍ତ ବାୟୁ ଓ ଦୂଷିତ ଜଳ ଦ୍ୱାରା ରୋଗ ଉତ୍ପନ୍ନ ହୁଏ ଏବଂ ରୋଗରୁ ପ୍ରାଣୀଙ୍କୁ ଦୁଃଖ ମିଳେ ତଥା ସୁଗନ୍ଧିତ ବାୟୁ ଓ ଜଳ ଦ୍ୱାରା ଆରୋଗ୍ୟ ଲାଭ ହୁଏ, ତା' ଫଳରେ ସୁଖ ମିଳେ । ହୋମ ଦ୍ୱାରା ଜଳ ଓ ବାୟୁ ଶୁଦ୍ଧ ଓ ସୁଗନ୍ଧିତ ହୁଏ ।

**ପ୍ରଶ୍ନ –** ଚନ୍ଦନ ଆଦି ଦେହରେ ଲଗାଇଲେ ଏବଂ ଘୃତାଦି ଖାଇଲେ ବହୁତ ଲାଭ ହୁଏ । ତା' ନ କରି ଏସବୁ ନିଆଁରେ ପକାଇ ଅଯଥା ନଷ୍ଟ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ ।

**ଉତ୍ତର – ଯଦି ତୁମେ 'ପଦାର୍ଥବିଦ୍ୟା' ଜାଣିଥାନ୍ତ, ତେବେ ଏପରି କଥା କେବେ ବି କହିନଥାନ୍ତ । କାରଣ କୌଣସି ପଦାର୍ଥର ଅସ୍ତିତ୍ୱ କେବେ ପୂର୍ଣ୍ଣତଃ ଲୋପ ହୁଏ ନାହିଁ ।** ଦେଖ, ଯେଉଁଠି ହୋମ ହୁଏ ସେଠାରୁ ଦୂରରେ ଥିବା ବ୍ୟକ୍ତିର ନାକକୁ ମଧ୍ୟ ହୋମର ସୁଗନ୍ଧ ଜଣାପଡ଼ିଥାଏ । ଦୁର୍ଗନ୍ଧ କ୍ଷେତ୍ରରେ ବି ସେହି ଏକା କଥା । ଏଥିରୁ ବୁଝିନିଅ ଯେ ଅଗ୍ନିରେ ପକାଯାଇଥିବା ପଦାର୍ଥ ଅତି ସୂକ୍ଷ୍ମ ହୋଇ ବ୍ୟାପକ ହୋଇ ବାୟୁ ସହ ଦୂରକୁ ଯାଏ ଓ ଦୁର୍ଗନ୍ଧକୁ ନାଶ କରେ ।

**ପ୍ରଶ୍ନ –** ଯଦି ଏମିତି କଥା, ତେବେ ସୁବାସିତ ପୁଷ୍ପ, ଅତର, କେଶର, କସ୍ତୁରୀ ଆଦି ଘରେ ରଖିଲେ ତ ବାୟୁ ସୁଗନ୍ଧିତ ହୋଇ ସୁଖକାରକ ହୋଇଯିବ । ପୁଣି ହୋମ କରିବା କ'ଣ ଆବଶ୍ୟକ ?

**ଉତ୍ତର –** ପୁଷ୍ପ, ଅତର ଆଦି ସୁଗନ୍ଧିତ ପଦାର୍ଥର ସେ ସାମର୍ଥ୍ୟ ନାହିଁ ଯେ ଗୃହସ୍ଥିତ ଦୂଷିତ ବାୟୁକୁ ବାହାରକୁ ବାହାର କରି ବାହାରୁ ଶୁଦ୍ଧ ବାୟୁ ଘରେ ପ୍ରବେଶ କରାଇପାରିବ । କାରଣ ଏସବୁରେ ଭେଦକ ଶକ୍ତି ନାହିଁ । କିନ୍ତୁ ଅଗ୍ନିରେ ଭେଦକ ଶକ୍ତି ଅଛି । ଏଣୁ ଅଗ୍ନି ହିଁ ସେହି ଦୂଷିତ ବାୟୁ ଓ ଦୁର୍ଗନ୍ଧଯୁକ୍ତ ପଦାର୍ଥକୁ ଛିନ୍ନ-ଭିନ୍ନ ଓ ହାଲୁକା କରି ବାହାରକୁ ବାହାର କରିଦିଏ । ଫଳରେ ବାହାରୁ ଶୁଦ୍ଧ ବାୟୁ ଗୃହରେ ପ୍ରବେଶ କରେ ।

**ପ୍ରଶ୍ନ –** ତେବେ ମନ୍ତ୍ର ପଢ଼ି ହୋମ କରିବାର ଆବଶ୍ୟକତା କ'ଣ ?

**ଉତ୍ତର –** ମନ୍ତ୍ରରେ ହୋମର ଲାଭ, ପରିଣାମ ଆଦି ବିଷୟ ନିହିତ ଅଛି । ମନ୍ତ୍ର ପଢ଼ିବା ଦ୍ୱାରା ସେସବୁ ଜଣାଯାଏ, ମନରେ ରହେ । ତା' ସାଙ୍ଗକୁ ଆବୃତ୍ତି ଦ୍ୱାରା ମନ୍ତ୍ର ମୁଖସ୍ଥ ହୁଏ, ବେଦର ପଠନ-ପାଠନ ଓ ରକ୍ଷା ହୁଏ ।

**ପ୍ରଶ୍ନ –** କ'ଣ ହୋମ ନ କଲେ ପାପ ହୁଏ ?

**ଉତ୍ତର –** ହଁ, ପାପ ହୁଏ । **କାରଣ ମଣିଷ ଦେହରୁ ମଳ, ମୂତ୍ର, ସ୍ୱେଦାଦି ଦୂଷିତ ପଦାର୍ଥ ନିରନ୍ତର ନିର୍ଗତ ହୋଇ ବାୟୁ ଓ ଜଳକୁ ଅଶୁଦ୍ଧ କରିଥାଏ । ଏସବୁ ରୋଗୋତ୍ପତ୍ତିର କାରଣ ହୋଇ ପ୍ରାଣୀମାନଙ୍କୁ ଦୁଃଖ ଦେଇଥାଏ । ଯେଉଁ ବ୍ୟକ୍ତି ଦ୍ୱାରା ଏହିଭଳି ଭାବେ ଯେତିକି ଦୁଃଖ ପ୍ରାଣୀଙ୍କୁ ମିଳେ, ସେହି ବ୍ୟକ୍ତିର ସେତିକି ପାପ ହୁଏ । ଏଣୁ ସେହି ପାପର ନିରାକରଣ ନିମନ୍ତେ ସେତିକି ବା ତତୋଧିକ ଜଳ-ବାୟୁକୁ ହୋମ ଦ୍ୱାରା ଶୁଦ୍ଧ, ସୁଗନ୍ଧିତ କରିବା ଉଚିତ ।** ଦ୍ୱିତୀୟ କଥା ହେଲା ଯେ ଖାଇବା-ପିଇବା ଦ୍ୱାରା ଯିଏ ଖାଏ ସେହି ଜଣେ ବ୍ୟକ୍ତିର ଉପକାର ହୁଏ । ଯେତିକି ଘିଅ ଓ ସୁଗନ୍ଧିତ ପଦାର୍ଥ ଜଣେ ଲୋକ ଖାଏ, ସେତିକି ବସ୍ତୁରେ ହୋମ କଲେ ଲକ୍ଷ-ଲକ୍ଷ ଲୋକଙ୍କର ଉପକାର ହୁଏ । ଅବଶ୍ୟ ଘୃତାଦି ଉତ୍ତମ ପଦାର୍ଥ ଖାଇବା ବି ଦରକାର । କାରଣ ଯଦି ମନୁଷ୍ୟ ଘୃତାଦି ପଦାର୍ଥ ନ ଖାଏ ତେବେ ତା'ର ଶରୀର ଓ ଆତ୍ମାର ବଳ ବୃଦ୍ଧି ହୋଇପାରିବ ନାହିଁ । କିନ୍ତୁ ଖାଇବା ଅପେକ୍ଷା ଅଧିକ ପରିମାଣରେ ହୋମ କରିବା ଉଚିତ । **ଅତଏବ ହୋମ କରିବା ଅତ୍ୟାବଶ୍ୟକ ।**

**ପ୍ରଶ୍ନ –** ପ୍ରତ୍ୟେକ ବ୍ୟକ୍ତି କେତୋଟି ଆହୁତି ଦେବା ଦରକାର ଏବଂ ପ୍ରତ୍ୟେକ ଆହୁତିରେ କେତେ ପରିମାଣରେ ଘିଅ ଦେବା ଉଚିତ ?

**ଉତ୍ତର –** ପ୍ରତ୍ୟେକ ବ୍ୟକ୍ତି ଷୋହଳ-ଷୋହଳ ଆହୁତି ଦେବା ଦରକାର । ପ୍ରତ୍ୟେକ ଆହୁତିରେ କମ୍ ସେ କମ୍ ୬ ମାସାର ଘୃତ ଦେବା ଉଚିତ । ତା'ଠାରୁ ବେଶୀ ଦେଇପାରିଲେ ଆହୁରି ଭଲ । ଏଣୁ ଆର୍ଯ୍ୟବର ଶିରୋମଣି ମହାମନା, ଉଦାରଚେତା, ଋଷି-ମହର୍ଷି, ରାଜା-ମହାରାଜା ଆଦି ବହୁତ ହୋମ କରୁଥିଲେ ଓ କରାଉଥିଲେ । ଯେତେ ଦିନ ଯାଏଁ ଏ ହୋମ ପ୍ରଥା ପ୍ରଚଳିତ ଥିଲା ସେତେଦିନ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତ ଦେଶ ରୋଗରହିତ ଓ ସୁଖରେ ପୂର୍ଣ୍ଣ ଥିଲା । ବର୍ତ୍ତମାନ ମଧ୍ୟ ଯଦି ହୋମର ସେଭଳି ପୁନଃ ପ୍ରଚଳନ ହୁଏ, ତେବେ ଦେଶ ସେପରି ହିଁ ହୋଇଯିବ ।

ଅତଃ ଦୁଇଟି ଯଜ୍ଞ ହେଲା– ୧. ବ୍ରହ୍ମଯଜ୍ଞ ଓ ୨. ଦେବଯଜ୍ଞ । **ବ୍ରହ୍ମଯଜ୍ଞ** ହେଲା ଅଧ୍ୟୟନ-ଅଧ୍ୟାପନା, ସନ୍ଧ୍ୟୋପାସନା ଏବଂ ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା । **ଦେବଯଜ୍ଞ** ହେଉଛି ଅଗ୍ନିହୋତ୍ର ଠାରୁ ଆରମ୍ଭ କରି ଅଶ୍ୱମେଧ ପର୍ଯ୍ୟନ୍ତ ଯଜ୍ଞ, ବିଦ୍ୱାନଙ୍କ ସଙ୍ଗ ଓ ସେବା । ବ୍ରହ୍ମଚର୍ଯ୍ୟ ଆଶ୍ରମରେ କେବଳ ବ୍ରହ୍ମଯଜ୍ଞ ଓ ଅଗ୍ନିହୋତ୍ର କରିବା ପାଇଁ ବିଧାନ କରାଯାଇଛି ।

**ବ୍ରାହ୍ମଣସ୍ତ୍ରୟାଣାଂ ବର୍ଣ୍ଣାନାମୁପନୟନଂ କର୍ତ୍ତୁମର୍ହତି । ରାଜନ୍ୟୋ ଦ୍ୱୟସ୍ୟ । ବୈଶ୍ୟୋ ବୈଶ୍ୟସ୍ୟୈବେତି । ଶୂଦ୍ରମପି କୁଳଗୁଣସମ୍ପନ୍ନଂ ମନ୍ତ୍ରବର୍ଜମନୁପନୀତମଧ୍ୟାପୟେଦିତ୍ୟେକେ ॥**

(ସୁଶ୍ରୁତ ସୂତ୍ରସ୍ଥାନ. ୨:୫)

ବ୍ରାହ୍ମଣ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏ ତିନି ବର୍ଣ୍ଣର; କ୍ଷତ୍ରିୟ ବ୍ୟକ୍ତି କ୍ଷତ୍ରିୟ ଓ ବୈଶ୍ୟ ଦୁଇ ବର୍ଣ୍ଣର ଏବଂ ବୈଶ୍ୟ କେବଳ ବୈଶ୍ୟର ଉପନୟନ କରି ବିଦ୍ୟା ପଢ଼ାଇ ପାରିବ । କୁଳୀନ ଓ ଶୁଭଲକ୍ଷଣଯୁକ୍ତ ଶୂଦ୍ର ହେଲେ ତାଙ୍କୁ ମନ୍ତ୍ର ସଂହିତା ବ୍ୟତୀତ ଅନ୍ୟ ସମସ୍ତ ଶାସ୍ତ୍ର ପଢ଼ାଯାଇପାରିବ । ଶୂଦ୍ର ବିଦ୍ୟା ଶିକ୍ଷା କରୁ; କିନ୍ତୁ ତା'ର ଉପନୟନ କରା ନ ଯାଉ ଏଭଳି ମତ ବି କେତେକ ଆଚାର୍ଯ୍ୟ ଦେଇଥାନ୍ତି ।

## ବ୍ରହ୍ମଚର୍ଯ୍ୟକୃତ୍ୟ

ପାଞ୍ଚ ବା ଆଠ ବର୍ଷ ବୟସ ହେଲେ ବାଳକମାନେ ବାଳକଙ୍କ ବିଦ୍ୟାଳୟ ଓ ବାଳିକାମାନେ ବାଳିକାଙ୍କ ପାଠଶାଳାକୁ ଯିବେ ଓ ନିମ୍ନଲିଖିତ ନିୟମ ଅନୁଯାୟୀ ଅଧ୍ୟୟନ କରିବେ ।

**ଷଟ୍‌ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବୈଦିକଂ ବ୍ରତମ୍ ।**
**ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକମେବ ବା ।।** (ମନୁ. ୩:୧)

ଆଠ ବର୍ଷ ବୟସରୁ ଅଧ୍ୟୟନ ଆରମ୍ଭ କରି ପରବର୍ତ୍ତୀ ୩୬ ବର୍ଷ ପର୍ଯ୍ୟନ୍ତ (ଗୋଟିଏ ବେଦ (ଜ୍ଞାନ-କର୍ମ-ଉପାସନା ରୂପୀ ତ୍ରୟୀ ବିଦ୍ୟା)ର ସାଙ୍ଗୋପାଙ୍ଗ ପଢ଼ିବାରେ ୧୨-୧୨ ବର୍ଷ ଏହିଭଳି ଭାବେ ୩୬ବର୍ଷ) ଅର୍ଥାତ୍ ୪୪ ବର୍ଷ ବୟସ ପର୍ଯ୍ୟନ୍ତ, ଅଥବା ଆଠ ବର୍ଷରେ ଅଧ୍ୟୟନ ଆରମ୍ଭ କରି ପର ୧୮ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୬ ବର୍ଷ ବୟସ ପର୍ଯ୍ୟନ୍ତ କିମ୍ବା ଆଠ ବର୍ଷ ବୟସରେ ଅଧୟନ ଆରମ୍ଭ କରି ପର ୯ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ନତୁବା ଯେତେଦିନ ଯାଏ ବିଦ୍ୟା ଶିକ୍ଷା ପୂର୍ଣ୍ଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଗୁରୁକୁଳରେ ରହି ବିଦ୍ୟାଧ୍ୟୟନ କରିବେ ।

**ପୁରୁଷୋ ବାବ ୟଜ୍ଞସ୍ତସ୍ୟ ୟାନି ଚତୁର୍ବିଂଶତି ବର୍ଷାଣି ତତ୍ପ୍ରାତଃସବନଂ ଚତୁର୍ବିଂଶତ୍ୟକ୍ଷରା ଗାୟତ୍ରୀ ଗାୟତ୍ରଂ ପ୍ରାତଃସବନଂ ତଦସ୍ୟ ବସବୋଽନ୍ୱାୟତ୍ତାଃ ପ୍ରାଣା ବାବ ବସବ ଏତେ ହୀଦଂ ସର୍ବଂ ବାସୟନ୍ତି ।।୧ ।।**

**ତଞ୍ଚେଦେତସ୍ମିନ୍ ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ପ୍ରାଣା ବସବ ଇଦଂ ମେ ପ୍ରାତଃସବନଂ ମାଧ୍ୟନ୍ଦିନଂ ସବନମନୁସଂତନୁତେତି ମାହଂ ପ୍ରାଣାନାଂ ବସୂନାଂ ମଧ୍ୟେ ୟଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହ ଭବତି ।। ୨ ।।**

**ଅଥ ୟାନି ଚତୁଶ୍ଚତ୍ୱାରିଂଶଦ୍‌ବର୍ଷାଣି ତନ୍ମାଧ୍ୟନ୍ଦିନଂ ସବନଂ ଚତୁଶ୍ଚତ୍ୱାରିଂଶଦକ୍ଷରା ତ୍ରିଷ୍ଟୁପ୍ ତ୍ରୈଷ୍ଟୁଭଂ ମାଧ୍ୟନ୍ଦିନଂ ସବନଂ ତଦସ୍ୟ ରୁଦ୍ରା ଅନ୍ୱାୟତ୍ତାଃ ପ୍ରାଣା ବାବ ରୁଦ୍ରା ଏତେ ହୀଦଂ ସର୍ବଂ ରୋଦୟନ୍ତି ।। ୩ ।।**

**ତଂ ଚେଦେତସ୍ମିନ୍‌ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ପ୍ରାଣା ରୁଦ୍ରା ଇଦଂ ମେ ମାଧ୍ୟନ୍ଦିନଂ ସବନଂ ତୃତୀୟସବନମନୁସନ୍ତନୁତେତି ମାହଂ ପ୍ରାଣାନାଂ ରୁଦ୍ରାଣାଂ ମଧ୍ୟେ ୟଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହ ଭବତି ।।୪ ।।**

**ଅଥ ୟାନ୍ୟଷ୍ଟାଚତ୍ୱାରିଂଶଦ୍‌ବର୍ଷାଣି ତତ୍ ତୃତୀୟସବନମଷ୍ଟାଚତ୍ୱାରିଂଶଦକ୍ଷରା ଜଗତୀ ଜାଗତଂ ତୃତୀୟସବନଂ ତଦସ୍ୟାଦିତ୍ୟା ଅନ୍ୱାୟତ୍ତାଃ ପ୍ରାଣା ବାବାଦିତ୍ୟା ଏତେ ହୀଦଂ ସର୍ବମାଦଦତେ ।।୫ ।।**

**ତଂ ଚେଦେତସ୍ମିନ୍ ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ ପ୍ରାଣା ଆଦିତ୍ୟା ଇଦଂ ମେ ତୃତୀୟସବନମାୟୁରନୁସଂତନୁତେତି ମାହଂ ପ୍ରାଣାନାମାଦିତ୍ୟାନାଂ ମଧ୍ୟେ ୟଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହୈବ ଭବତି ।। ୬ ।।** (ଛାନ୍ଦୋଗ୍ୟ. ୩:୧୬:୧-୬)

ବ୍ରହ୍ମଚର୍ଯ୍ୟ ତିନି ପ୍ରକାର - କନିଷ୍ଠ, ମଧ୍ୟମ ଓ ଉତ୍ତମ ।

**କନିଷ୍ଠ ବ୍ରହ୍ମଚର୍ଯ୍ୟ -** ମନୁଷ୍ୟ ଅନ୍ନରସମୟ ଦେହ ଏବଂ ପୁରି ବା ଦେହରେ ଶୟନକାରୀ ଜୀବାତ୍ମାର ସମାହାର ଅଟେ । ସେ ଯଜ୍ଞ ଅର୍ଥାତ୍ ଅତ୍ୟନ୍ତ ଶୁଭଗୁଣସମ୍ପନ୍ନ ଓ ସତ୍‌କର୍ତ୍ତବ୍ୟ ପରାୟଣ ହେବା ଉଚିତ । ଏଥିପାଇଁ ସେ ଅନିବାର୍ଯ୍ୟ ରୂପେ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ଜିତେନ୍ଦ୍ରିୟ ଅର୍ଥାତ୍ ବ୍ରହ୍ମଚାରୀ ରହି ବେଦାଦି ବିଦ୍ୟା ଓ ସୁଶିକ୍ଷା ଗ୍ରହଣ

କରିବା ଆବଶ୍ୟକ । ତା' ପରେ ବିବାହ କରି ମଧ୍ୟ ସେ ଲମ୍ପଟତା ନ କରିବା ଉଚିତ । ସେତେବେଳେ ତା' ଶରୀରରେ ପ୍ରାଣ ବଳବାନ୍ ହୋଇ ସକଳ ଶୁଭ ଗୁଣର ଆଧାର ହୁଏ ॥ ୧ ॥

ଏହି ପ୍ରଥମ ବୟସରେ ସେ ନିଜକୁ ବିଦ୍ୟାଭ୍ୟାସ ରୂପକ ତପସ୍ୟାରେ ସନ୍ତପ୍ତ କରିବା ଉଚିତ ତଥା ତା'ର ଆଚାର୍ଯ୍ୟ ସେପରି କରିବାକୁ ଉପଦେଶ ଦେବା ଉଚିତ । ସେ ବ୍ରହ୍ମଚାରୀ ଏପରି ଦୃଢ଼ସଂକଳ୍ପ କରିବା ଆବଶ୍ୟକ ଯେ ମୁଁ ପ୍ରଥମ ଅବସ୍ଥାରେ ଠିକ୍-ଠିକ୍ ଭାବେ ବ୍ରହ୍ମଚର୍ଯ୍ୟ ପାଳନ କଲେ ମୋ ଶରୀର ଓ ଆତ୍ମା ନିରୋଗ, ବଳବାନ୍ ହୋଇ ମୋର ପ୍ରାଣ ଶୁଭଗୁଣର ଭଣ୍ଡାର ହେବ । ହେ ମନୁଷ୍ୟଗଣ ! ତୁମେମାନେ ଏପରି ସୁଖର ବିସ୍ତାର କର । ଯେମିତିକି ମୁଁ ମୋର ବ୍ରହ୍ମଚର୍ଯ୍ୟ ବ୍ରତକୁ ଭଙ୍ଗ ନ କରେ । ୨୪ ବର୍ଷ ବୟସ ପରେ ଯଦି ଗୃହସ୍ଥାଶ୍ରମରେ ପ୍ରବେଶ କରେ ତେବେ ନିଶ୍ଚିତ ରୂପେ ନିରୋଗ ରହିବି ଓ ମୋର ଆୟୁଷ ମଧ୍ୟ ୭୦-୮୦ ବର୍ଷ ହେବ ॥ ୨ ॥

**ମଧ୍ୟମ ବ୍ରହ୍ମଚର୍ଯ୍ୟ -** ଯେଉଁ ବ୍ୟକ୍ତି ୪୪ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହି ବେଦାଧ୍ୟୟନ କରନ୍ତି, ତାଙ୍କର ପ୍ରାଣ, ଇନ୍ଦ୍ରିୟ, ଅନ୍ତଃକରଣ ଓ ଆତ୍ମା ବଳବାନ୍ ହୋଇ ସକଳ ଦୁଷ୍ଟଙ୍କ ରୋଦନ କାରକ ଓ ଶ୍ରେଷ୍ଠଙ୍କ ପାଳକ ହୋଇଯାଏ ॥ ୩ ॥

ଆପଣଙ୍କ ଉପଦେଶ ଅନୁସାରେ ଯଦି ମୁଁ ଏହି ପ୍ରଥମ ବୟସରେ କିଛି ତପଶ୍ଚର୍ଯ୍ୟା କରେ ତବେ ମୋର ରୁଦ୍ରରୂପୀ ପ୍ରାଣବିଶିଷ୍ଟ ଏହି ମଧ୍ୟମ ବ୍ରହ୍ମଚର୍ଯ୍ୟ ସିଦ୍ଧ ହେବ । ହେ ବ୍ରହ୍ମଚାରୀଗଣ ! ତୁମେମାନେ ଏ ବ୍ରହ୍ମଚର୍ଯ୍ୟକୁ ବଢ଼ାଅ, ଏ ମାର୍ଗରେ ଆଗେଇ ଚାଲ । ମୁଁ ଯେପରି ଏହି ବ୍ରହ୍ମଚର୍ଯ୍ୟକୁ ଲୋପ ନ କରି ଯଜ୍ଞସ୍ୱରୂପ ହୋଇଛି ଏବଂ ସେହି ଆଚାର୍ଯ୍ୟକୁଳରୁ ପ୍ରତ୍ୟାବର୍ତ୍ତନ କରି ନିରୋଗ ହୋଇ ରହିଛି, ଯେପରି ଏହି ବ୍ରହ୍ମଚର୍ଯ୍ୟ ଦ୍ୱାରା ଉତ୍ତମ କାମ କରେ, ତୁମେ ବି ସେପରି କର ॥ ୪ ॥

**ଉତ୍ତମ ବ୍ରହ୍ମଚର୍ଯ୍ୟ -** ୪୮ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କଲେ ତାକୁ ଉତ୍ତମ ବ୍ରହ୍ମଚର୍ଯ୍ୟ କୁହାଯାଏ । ଜଗତୀ ଛନ୍ଦ ୪୮ ଅକ୍ଷର ବିଶିଷ୍ଟ । ସେହିପରି ଉତ୍ତମ ବ୍ରହ୍ମଚର୍ଯ୍ୟ ମଧ୍ୟ ୪୮ ବର୍ଷର ଇନ୍ଦ୍ରିୟ ସଂଯମ ରୂପକ ବ୍ରତ । ଯିଏ ୪୮ ବର୍ଷ ପର୍ଯ୍ୟନ୍ତ ଯଥାବିଧି ବ୍ରହ୍ମଚର୍ଯ୍ୟ ପାଳନ କରେ, ତା'ର ପ୍ରାଣ ଅନୁକୂଳ ହୋଇ ସକଳ ବିଦ୍ୟାର ଗ୍ରହୀତା ହୋଇଯାଏ ॥ ୫ ॥

ଆଚାର୍ଯ୍ୟ ଓ ମାତାପିତା ନିଜ ସନ୍ତାନଙ୍କୁ ପ୍ରଥମ ବୟସରେ ବିଦ୍ୟା ଓ ଗୁଣ ଗ୍ରହଣ ନିମନ୍ତେ ତପସ୍ୱୀ କରିବେ ଓ ସେ ସମ୍ବନ୍ଧୀୟ ଉପଦେଶ ଦେବେ ତଥା ସେ ସନ୍ତାନଗଣ ନିଜେ-ନିଜେ ଅଖଣ୍ଡିତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ତୃତୀୟ ପ୍ରକାରର ଏ ଉତ୍ତମ ବ୍ରହ୍ମଚର୍ଯ୍ୟର ସେବନ ଦ୍ୱାରା ପୂର୍ଣ୍ଣ ଅର୍ଥାତ୍ ଚାରିଶହ ବର୍ଷ ପର୍ଯ୍ୟନ୍ତ ଆୟୁକୁ ବଢ଼ାଇବେ । ତୁମେମାନେ ବି ସେପରି ପରମାୟୁ ବୃଦ୍ଧି କର । ଯେଉଁମାନେ ଏ ବ୍ରହ୍ମଚର୍ଯ୍ୟକୁ ପ୍ରାପ୍ତ କରି ଲୋପ କରନ୍ତି ନାହିଁ ସେମାନେ ସବୁ ପ୍ରକାର ରୋଗରୁ ରହିତ ହୋଇ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତ କରନ୍ତି ।

**ଚତସ୍ରୋଽବସ୍ଥାଃ ଶରୀରସ୍ୟ ବୃଦ୍ଧିର୍ଯୌବନଂ ସମ୍ପୂର୍ଣ୍ଣତା କିଞ୍ଚିତ୍ ପରିହାଣିଶ୍ଚେତି । ଆଷୋଡ଼ଶାଦ୍‌ବୃଦ୍ଧିଃ । ଆପଞ୍ଚବିଂଶତେର୍ଯୌବନମ୍ । ଆଚତ୍ୱାରିଂଶତଃ ସମ୍ପୂର୍ଣ୍ଣତା । ତତଃ କିଞ୍ଚିତ୍ ପରିହାଣିଶ୍ଚେତି ॥** (ସୁଶ୍ରୁତ. ୧:୩୫:୨୯)

**ପଞ୍ଚବିଂଶେ ତତୋ ବର୍ଷେ ପୁମାନ୍ ନାରୀ ତୁ ଷୋଡ଼ଶେ ।**
**ସମତ୍ୱାଗତବୀର୍ଯୌ ତୌ ଜନୀୟାତ୍‌କୁଶଲୋ ଭିଷକ୍ ॥** (ସୁଶ୍ରୁତ. ୧:୩୫:୧୩)

ମଣିଷ ଶରୀରର ଚାରୋଟି ଅବସ୍ଥା **– ୧. ବୃଦ୍ଧି –** ୧୬ ବର୍ଷ ଠାରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଶରୀରରେ ସମସ୍ତ ଧାତୁ ବୃଦ୍ଧି ପ୍ରାପ୍ତ ହୁଏ । **୨. ଯୌବନ –** ୨୬ ବର୍ଷରୁ ଯୌବନାବସ୍ଥା ୪୦ ବର୍ଷ ବୟସ ଯାଏ । **୩. ସମ୍ପୂର୍ଣ୍ଣତା –** ୨୬ ବର୍ଷ ଠାରୁ ୪୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ଧାତୁ ପରିପୁଷ୍ଟ ହୋଇଥାନ୍ତି । **୪. କିଞ୍ଚିତ୍ ପରିହାଣି –** ଅଙ୍ଗ-ପ୍ରତ୍ୟଙ୍ଗ ସହ ଶରୀରର ସମସ୍ତ ଧାତୁ ପୁଷ୍ଟ ହୋଇ ପୂର୍ଣ୍ଣତା ଲାଭ କରିବା ପରେ ଯେଉଁ ଧାତୁ ବଢ଼େ ତାହା ଆଉ ଶରୀରରେ ରହିପାରେ ନାହିଁ, ସ୍ୱପ୍ନ ଓ ସ୍ୱେଦ ଆଦି ଦ୍ୱାରା ବାହାରିଯାଏ । ଅତଃ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ବିବାହ ପାଇଁ ଉତ୍ତମ ସମୟ ଏବଂ ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳନରେ ୪୮ ବର୍ଷ ବୟସରେ ବିବାହ କରିବା ସର୍ବୋତ୍କୃଷ୍ଟ ।

**ପ୍ରଶ୍ନ –** ବ୍ରହ୍ମଚର୍ଯ୍ୟର ଏହି ନିୟମ ମହିଳା ଓ ପୁରୁଷ ଉଭୟଙ୍କ ପାଇଁ କ'ଣ ସମାନ ?

**ଉତ୍ତର –** ନା । ପୁରୁଷ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କଲେ ସେ କ୍ଷେତ୍ରରେ କନ୍ୟା ୧୬ ବର୍ଷ ବୟସ ପର୍ଯ୍ୟନ୍ତ ପାଳନ କରିବା ଉଚିତ । ସେହିପରି ଯଦି ପୁରୁଷ ୩୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ ମହିଳା ୧୭ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୩୬ ବର୍ଷ ଯାଏଁ ବ୍ରହ୍ମଚାରୀ ରହେ ତେବେ ମହିଳା ୧୮ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୪୦ ବର୍ଷ ଯାଏଁ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ ନାରୀ ୨୦ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୪୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ ସ୍ତ୍ରୀ ୨୨ ବର୍ଷ ପର୍ଯ୍ୟନ୍ତ; ଆଉ ଯଦି ପରୁଷ ୪୮ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ ସେ କ୍ଷେତ୍ରରେ ନାରୀ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଅର୍ଥାତ୍ ୪୮ ବର୍ଷ ପରେ ପୁରୁଷ ଓ ୨୪ ବର୍ଷ ବୟସ ପରେ ମହିଳା ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ଆବଶ୍ୟକ ନୁହେଁ । କିନ୍ତୁ ପ୍ରଣିଧାନ ଯୋଗ୍ୟ ଯେ **ଏହି ନିୟମ ବିବାହ କରିବାକୁ ଚାହୁଁଥିବା ପୁରୁଷ ଓ ନାରୀଙ୍କ ପାଇଁ କରାଯାଇଛି । ଯେଉଁମାନେ ବିବାହ କରିବାକୁ ହିଁ ଚାହାଁନ୍ତି ନାହିଁ, ସେମାନେ ଆଜୀବନ ବ୍ରହ୍ମଚାରୀ ରହିପରିବେ ।** କିନ୍ତୁ ଏହା ପୂର୍ଣ୍ଣ ବିଦ୍ୱାନ୍, ଜିତେନ୍ଦ୍ରିୟ ଓ ନିର୍ଦୋଷ ଯୋଗୀ ପୁରୁଷ ଓ ମହିଳାଙ୍କ ପାଇଁ ପ୍ରଯୁଜ୍ୟ । କାରଣ କାମର ବେଗକୁ ପ୍ରତିରୋଧ କରି ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖିବା ଅତ୍ୟନ୍ତ କଠିନ କାର୍ଯ୍ୟ ।

**ଋତଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ସତ୍ୟଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ତପଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଦମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଶମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନିହୋତ୍ରଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅତିଥୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ମାନୁଷଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜା ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜନଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜାତିଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।।** (ତୈତ୍ତି. ୧:୯)

ଏହା ପଢ଼ିବା-ପଢ଼ାଇବା ଲୋକଙ୍କ ପାଇଁ ନିୟମ । **(ଋତଂ..)** ଯଥାର୍ଥ ଆଚରଣ ପୂର୍ବକ ପଢ଼ିବେ ଓ ପଢ଼ାଇବେ । **(ସତ୍ୟଂ..)** ସତ୍ୟାଚରଣ ପୂର୍ବକ ସତ୍ୟ ବିଦ୍ୟାର ଅଧ୍ୟୟନ ଓ ଅଧ୍ୟାପନା କରିବେ । **(ତପଃ..)** ତପସ୍ୟା ଅର୍ଥାତ୍ ଧର୍ମାନୁଷ୍ଠାନ ପୂର୍ବକ ବେଦାଦି ଶାସ୍ତ୍ର ପଠନ ଓ ପାଠନ କରିବେ । **(ଦମଃ..)** ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ଅସତ୍ ଆଚରଣରୁ ନିରୋଧ କରି ପଢ଼ିବେ ଓ ପଢ଼ାଇ ଚାଲିବେ । **(ଶମଃ..)** ମନର ବୃତ୍ତିଗୁଡ଼ିକୁ ସବୁ ପ୍ରକାର ଦୋଷରୁ ନିବୃତ୍ତ କରି ଅଧ୍ୟୟନ-ଅଧ୍ୟାପନା କରିଚାଲିବେ । **(ଅଗ୍ନୟଃ..)** ଆହବନୀୟାଦି ଅଗ୍ନି ଓ ବିଦ୍ୟୁତ୍ ପ୍ରଭୃତିର ତତ୍ତ୍ୱ ଅବଗତ ହୋଇ ପଠନ-ପାଠନ କରିବେ । **(ଅଗ୍ନିହୋତ୍ରଂ..)** ଅଗ୍ନିହୋତ୍ର ଅନୁଷ୍ଠାନ ପୂର୍ବକ ପଠନ-ପାଠନ କରିବେ । **(ଅତିଥୟଃ..)** ଅତିଥିମାନଙ୍କ ସେବା କରି-କରି ପଢ଼ିବେ ଓ ପଢ଼ାଇବେ । **(ମାନୁଷଂ..)** ମନୁଷ୍ୟମାନଙ୍କ ପ୍ରତି ଯଥାଯୋଗ୍ୟ କର୍ତ୍ତବ୍ୟ

ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ । **(ପ୍ରଜା..)** ସନ୍ତାନ ଓ ରାଜ୍ୟ ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ । **(ପ୍ରଜନଃ..)** ବୀର୍ଯ୍ୟର ରକ୍ଷା ଓ ବୃଦ୍ଧି କରି ପଢ଼ିବେ-ପଢ଼ାଇବେ । **(ପ୍ରଜାତିଃ..)** ନିଜର ସନ୍ତାନ ଓ ଶିଷ୍ୟଙ୍କ ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ ।

ସମସ୍ତେ ଯମ-ନିୟମ ପାଳନ କରିବା ଉଚିତ । ଯମ ପାଞ୍ଚୋଟି ଅଟେ—

**ଅହିଂସାସତ୍ୟାସ୍ତେୟବ୍ରହ୍ମଚର୍ୟାପରିଗ୍ରହା ଯମାଃ ।** (ଯୋଗ.୨:୩୦)

**(ଅହିଂସା)** ବୈରଭାବ ତ୍ୟାଗ, **(ସତ୍ୟ)** ସତ୍ୟ ମାନିବା, ସତ୍ୟ କହିବା ଓ ସତ୍ୟାଚରଣ ହିଁ କରିବା, **(ଅସ୍ତେୟ)** ମନ, ବଚନ ଓ କର୍ମରେ ଚୋରି ନ କରିବା, **(ବ୍ରହ୍ମଚର୍ଯ୍ୟ)** ଉପସ୍ଥେନ୍ଦ୍ରିୟର ସଂଯମ ଓ **(ଅପରିଗ୍ରହ)** ନିର୍ଲୋଭତା ଓ ମମତ୍ୱଶୂନ୍ୟତା – ଏ ପାଞ୍ଚୋଟିକୁ ଯମ କୁହାଯାଏ । ଏ ପାଞ୍ଚୋଟି ଯମ ସର୍ବଦା ପାଳନ କରିବା ଉଚିତ ।

ନିୟମ ବି ପାଞ୍ଚୋଟି ଅଟେ –

**ଶୌଚସନ୍ତୋଷତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ ।** (ଯୋଗ. ୨:୩୨)

**(ଶୌଚ)** ସ୍ନାନ ଆଦି ଦ୍ୱାରା ଶୁଦ୍ଧ-ପବିତ୍ର ହେବା, **(ସନ୍ତୋଷ)** କୌଣସି ପରିଶ୍ରମ ନ କରି ପ୍ରସନ୍ନ ଚିତ୍ତରେ ରହିବା ସନ୍ତୋଷ ନୁହେଁ, ସ୍ୱ ସାମର୍ଥ୍ୟ ଅନୁସାରେ ପୂର୍ଣ୍ଣ ପୁରୁଷାର୍ଥ କରିବା ପରେ ଯେଉଁ ହାନି-ଲାଭ ଫଳ ମିଳିବ ସେଥିରେ ଦୁଃଖିତ କି ଆନନ୍ଦ-ଉଲ୍ଲସିତ ନ ହେବା, **(ତପଃ)** କଷ୍ଟ ସହି ମଧ୍ୟ ଧର୍ମ ଆଚରଣ କରିବା, **(ସ୍ୱାଧ୍ୟାୟ)** ବେଦାଦି ସତ୍‌ଶାସ୍ତ୍ରର ଅଧ୍ୟୟନ-ଅଧ୍ୟାପନା, **(ଈଶ୍ୱରପ୍ରଣିଧାନ)** ଈଶ୍ୱରଙ୍କଠାରେ ଏକାନ୍ତ ଭକ୍ତିଯୁକ୍ତ ହୋଇ ଆତ୍ମସମର୍ପଣ କରିବା – ଏ ପାଞ୍ଚଟିକୁ ନିୟମ କହନ୍ତି ।

**ଯମାନ୍ ସେବେତ ସତତଂ ନ ନିୟମାନ୍ କେବଲାନ୍ ବୁଧଃ ।**
**ଯମାନ୍‌ପତତ୍ୟକୁର୍ବାଣୋ ନିୟମାନ୍ କେବଲାନ୍ ଭଜନ୍ ।।** (ମନୁ. ୪:୨୦୪)

ଯମକୁ ଛାଡ଼ି କେବଳ ନିୟମର ପାଳନ କରିବା ଅନୁଚିତ । ଯମ ଓ ନିୟମ ଏ ଉଭୟ ପାଳନ କରିବା ବିଧେୟ । ଯିଏ ଯମର ଆଚରଣ ଛାଡ଼ି, କେବଳ ନିୟମର ପାଳନ କରେ, ସେ କଦାପି ଉନ୍ନତି ଲାଭ କରିପାରେ ନାହିଁ, ବରଂ ଅଧୋଗତି ପ୍ରାପ୍ତ କରେ ଅର୍ଥାତ୍ ସାଂସାରିକ ଦୁଃଖ-ଯନ୍ତ୍ରଣା, ସମସ୍ୟା-ଜଞ୍ଜାଳରେ ଘାଣ୍ଟି ହେଉଥାଏ ।

**କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।**
**କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ।।** (ମନୁ. ୨:୨)

ଅତ୍ୟନ୍ତ ସକାମତା କି ଏକାନ୍ତ ନିଷ୍କାମତା କୌଣସିଟି ପ୍ରଶଂସନୀୟ, ଅନୁକରଣୀୟ ନୁହେଁ; କାରଣ କାମନା ନ କଲେ ବେଦ ଜ୍ଞାନ ପ୍ରାପ୍ତି ଓ ବେଦବିହିତ କର୍ମର ଅନୁଷ୍ଠାନ ରୂପକ ଉତ୍ତମ କର୍ମ ବି ହୋଇପାରିବ ନାହିଁ । ଏଣୁ –

**ସ୍ୱାଧ୍ୟାୟେନ ବ୍ରତୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।**
**ମହାୟଜ୍ଞୈଶ୍ଚ ୟଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ।।** (ମନୁ. ୨:୮)

**(ସ୍ୱାଧ୍ୟାୟେନ)** ସକଳ ବିଦ୍ୟାର ଅଧ୍ୟୟନ-ଅଧ୍ୟାପନା, **(ବ୍ରତୈଃ)** ବ୍ରହ୍ମଚର୍ଯ୍ୟ, ସତ୍ୟଭାଷଣ ଆଦି ନିୟମ ପାଳନ, **(ହୋମୈଃ)** ଅଗ୍ନିହୋତ୍ରାଦି ହୋମ, ସତ୍ୟ ଗ୍ରହଣ, ଅସତ୍ୟ ତ୍ୟାଗ ଓ ସତ୍ୟ ବିଦ୍ୟାଦାନ, **(ତ୍ରୈବିଦ୍ୟେନ)** ବେଦ ସ୍ଥିତ ଜ୍ଞାନ-କର୍ମ-ଉପାସନା ବିଦ୍ୟାର ଗ୍ରହଣ, **(ଇଜ୍ୟୟା)** ପକ୍ଷେଷ୍ଟି ଆଦିର ଅନୁଷ୍ଠାନ, **(ସୁତୈଃ)** ସୁସନ୍ତାନୋତ୍ପତ୍ତି, **(ମହାୟଜ୍ଞୈଃ)** ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବଯଜ୍ଞ ଓ ଅତିଥିଯଜ୍ଞ ରୂପକ ପଞ୍ଚମହାଯଜ୍ଞ ଏବଂ

**(ଯଜ୍ଞୈଃ)** ଅଗ୍ନିଷ୍ଟୋମାଦି ଓ ଶିଳ୍ପବିଦ୍ୟା-ବିଜ୍ଞାନାଦି ଯଜ୍ଞର ଅନୁଷ୍ଠାନ ଦ୍ୱାରା **(ଇୟଂ ତନୁଃ ବ୍ରାହ୍ମୀ କ୍ରିୟତେ)** ଏହି ଶରୀରକୁ 'ବ୍ରାହ୍ମୀ' ଅର୍ଥାତ୍ ବେଦ ଓ ଈଶ୍ୱରଙ୍କ ଭକ୍ତିର ଆଧାର ରୂପକ 'ବ୍ରାହ୍ମଣ ଶରୀର' କରାଯାଇଥାଏ । ଏସବୁ ସାଧନ ବ୍ୟତୀତ 'ବ୍ରାହ୍ମଣ ଶରୀର' ହୋଇପାରେ ନାହିଁ ।

**ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ ।**
**ସଂୟମେ ଯତ୍ନମାତିଷ୍ଠେଦ୍ ବିଦ୍ୱାନ୍ ଯନ୍ତେବ ବାଜିନାମ୍ ॥** (ମନୁ. ୨:୮୮)

ବୁଦ୍ଧିମାନ୍ ସାରଥି ଘୋଡ଼ାମାନଙ୍କୁ ନିୟମରେ ରଖିଲା ଭଳି ବିଦ୍ୱାନ୍ ବ୍ୟକ୍ତି ମନ ଓ ଆତ୍ମାକୁ ଦୁଷ୍କର୍ମକୁ ଆକର୍ଷିତ କରୁଥିବା ବିଷୟରେ ବିଚରଣକାରୀ ଇନ୍ଦ୍ରିୟଗୁଡ଼ିକୁ ସଂଯମ କରିବା ପାଇଁ ସବୁ ମତେ ପ୍ରଯତ୍ନ କରିବେ । କାରଣ -

**ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ ।**
**ସନ୍ନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିୟଚ୍ଛତି ॥** (ମନୁ. ୨:୯୩)

ଜୀବାତ୍ମା ଇନ୍ଦ୍ରିୟମାନଙ୍କ ବଶୀଭୂତ ହୋଇ ନିଃସନ୍ଦେହ ଗର୍ହିତ ଦୋଷମାନ କରିଥାଏ; କିନ୍ତୁ ଯେତେବେଳେ ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖେ ସେତେବେଳେ ସେ ସିଦ୍ଧି ପ୍ରାପ୍ତ ହୋଇଥାଏ ।

**ବେଦାସ୍ତ୍ୟାଗଶ୍ଚ ଯଜ୍ଞାଶ୍ଚ ନିୟମାଶ୍ଚ ତପାଂସି ଚ ।**
**ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ॥** (ମନୁ. ୨:୯୭)

ଦୁରାଚାରୀ, ଅଜିତେନ୍ଦ୍ରିୟ ବ୍ୟକ୍ତିର ବେଦାଧ୍ୟୟନ, ତ୍ୟାଗ, ଯଜ୍ଞ, ନିୟମ, ତପ ଓ ଅନ୍ୟାନ୍ୟ ସତ୍‌କର୍ମ କେବେ ବି ସଫଳ ହୁଏ ନାହିଁ ।

**ବେଦୋପକରଣେ ଚୈବ ସ୍ୱାଧ୍ୟାୟେ ଚୈବ ନୈତ୍ୟକେ ।**
**ନାନୁରୋଧୋଽସ୍ତ୍ୟନଧ୍ୟାୟେ ହୋମମନ୍ତ୍ରେଷୁ ଚୈବ ହି ॥୧॥**
**ନୈତ୍ୟକେ ନାସ୍ତ୍ୟନଧ୍ୟାୟୋ ବ୍ରହ୍ମସତ୍ରଂ ହି ତତ୍ସ୍ମୃତମ୍ ।**
**ବ୍ରହ୍ମାହୁତିହୁତଂ ପୁଣ୍ୟମନଧ୍ୟାୟବଷଟ୍‌କୃତମ୍ ॥୨॥** (ମନୁ. ୨:୧୦୫,୧୦୬)

ବେଦର ପଠନ-ପାଠନ, ସନ୍ଧ୍ୟୋପାସନାଦି ପଞ୍ଚମହାଯଜ୍ଞର ଅନୁଷ୍ଠାନ ଓ ହୋମମନ୍ତ୍ରରେ ଅନଧ୍ୟାୟ ଓ ନିରୋଧ ଅର୍ଥାତ୍ ଅନନୁଷ୍ଠାନ(ଅବକାଶ) ହୁଏ ନାହିଁ । କାରଣ ନିତ୍ୟକର୍ମରେ ଅନଧ୍ୟାୟ ବା ଅବକାଶ ହୁଏ ନାହିଁ ॥୧॥

ଶ୍ୱାସ-ପ୍ରଶ୍ୱାସ ଯେପରି ନିରନ୍ତର ଚାଲିଥାଏ, ବନ୍ଦ କରାଯାଏ ନାହିଁ, ସେହିପରି ନିତ୍ୟକର୍ମ ପ୍ରତିଦିନ କରିବା ଉଚିତ, କୌଣସି ଦିନ ବି ବନ୍ଦ କରିବା ଉଚିତ ନୁହେଁ । କାରଣ ଅନଧ୍ୟାୟରେ କରାଯାଉଥିବା ଅଗ୍ନିହୋତ୍ରାଦି ଉତ୍ତମ କର୍ମ ବି ପୁଣ୍ୟ ରୂପ ହୋଇଥାଏ । ଯେଉଁଭଳି ମିଛ କହିଲେ ସବୁବେଳେ ପାପ ଓ ସତ କହିଲେ ସର୍ବଦା ପୁଣ୍ୟ ହୋଇଥାଏ, ସେହିଭଳି ଖରାପ କାମ କରିବାରେ ସର୍ବଦା ଅନଧ୍ୟାୟ ଓ ଭଲ କାମ କରିବାରେ ସଦା ସ୍ୱାଧ୍ୟାୟ ହିଁ ହୋଇଥାଏ ବା ହେବା ଉଚିତ ॥୨॥

**ଅଭିବାଦନଶୀଳସ୍ୟ ନିତ୍ୟଂ ବୃଦ୍ଧୋପସେବିନଃ ।**
**ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ, ଆୟୁର୍ବିଦ୍ୟା ଯଶୋ ବଳମ୍ ॥** (ମନୁ. ୨:୧୨୧)

ଯିଏ ସଦା ନମ୍ର ଓ ସୁଶୀଳ ଅଟେ ତଥା ବିଦ୍ୱାନ୍ ଓ ବୃଦ୍ଧଙ୍କ ସେବା କରେ, ତା'ର ଆୟୁ, ବିଦ୍ୟା, କୀର୍ତ୍ତି ଓ ବଳ – ଏ ଚାରୋଟି ସର୍ବଦା ବୃଦ୍ଧି ପାଇଥାଏ । ଆଉ ଯିଏ ଏପରି କରେ ନାହିଁ, ତାର ଆୟୁ ଆଦି ଏ ଚାରୋଟି ବୃଦ୍ଧି

ପାଏ ନାହିଁ ।

**ଅହିଂସୟୈବ ଭୂତାନାଂ କାର୍ୟଂ ଶ୍ରେୟୋଽନୁଶାସନମ୍ ।**
**ବାକ୍ ଚୈବ ମଧୁରା ଶ୍ଲକ୍ଷ୍ଣ୍ୟା ପ୍ରୟୋଜ୍ୟା ଧର୍ମମିଚ୍ଛତା ॥ ୧ ॥**
**ୟସ୍ୟ ବାଙ୍ଗ୍‌ମନସୀ ଶୁଦ୍ଧେ ସମ୍ୟଗ୍‌ଗୁପ୍ତେ ଚ ସର୍ବଦା ।**
**ସ ବୈ ସର୍ବମବାପ୍ନୋତି ବେଦାନ୍ତୋପଗତଂ ଫଲମ୍ ॥ ୨ ॥** (ମନୁ. ୨:୧୫୯,୧୬୦)

ବିଦ୍ୱାନ୍ ଓ ବିଦ୍ୟାର୍ଥୀମାନଙ୍କ କର୍ତ୍ତବ୍ୟ ଯେ ସେମାନେ ବୈର ଭାବନାରୁ ରହିତ ହୋଇ ସମସ୍ତ ମନୁଷ୍ୟଙ୍କ କଲ୍ୟାଣର ମାର୍ଗ ଉପଦେଶ ଦେବେ । ଉପଦେଷ୍ଟା ସଦା ମଧୁର ଓ ସୁଶୀଳ ଭାଷା କହିବେ । ଯିଏ ନିଜ ଧର୍ମ ଦିଗରେ ଉନ୍ନତି ଚାହେଁ, ସେ ସଦା ସତ୍ୟରେ ଚାଲିବା ଓ ସତ୍ୟୋପଦେଶ ହିଁ କରିବା ଉଚିତ ॥ ୧ ॥

ଯେଉଁ ବ୍ୟକ୍ତିର ମନ ଓ ବଚନ ସଦା ଶୁଦ୍ଧ ଓ ସୁରକ୍ଷିତ ରହେ, ସେ ହିଁ ସର୍ବ 'ବେଦାନ୍ତ' ଅର୍ଥାତ୍ 'ସକଳ ବେଦର ସିଦ୍ଧାନ୍ତ' ରୂପକ ଫଳ ପ୍ରାପ୍ତ କରେ ॥ ୨ ॥

**ସମ୍ମାନାଦ୍ ବ୍ରାହ୍ମଣୋ ନିତ୍ୟମୁଦ୍ୱିଜେତ ବିଷାଦିବ ।**
**ଅମୃତସ୍ୟେବ ଚାକାଂକ୍ଷେଦବମାନସ୍ୟ ସର୍ବଦା ॥** (ମନୁ. ୨:୧୬୨)

ଯେଉଁ ବ୍ରାହ୍ମଣ ସମ୍ମାନକୁ ବିଷ ପରି ସଦା ଭୟ କରେ ଓ ଅପମାନକୁ ଅମୃତ ତୁଲ୍ୟ କାମନା କରେ, ସେ ହିଁ ସମଗ୍ର ବେଦ ଓ ପରମେଶ୍ୱରଙ୍କୁ ଜାଣିପାରେ ।

**ଅନେନ କ୍ରମୟୋଗେନ ସଂସ୍କୃତାତ୍ମା ଦ୍ୱିଜଃ ଶନୈଃ ।**
**ଗୁରୌ ବସନ୍ ସଞ୍ଚିନୁୟାଦ୍ ବ୍ରହ୍ମାଧିଗମିକଂ ତପଃ ॥** (ମନୁ. ୨:୧୬୪)

ଏହି ଭଳି ଭାବେ କୃତୋପନୟନ ଦ୍ୱିଜସନ୍ତାନମାନେ ଅର୍ଥାତ୍ ବ୍ରହ୍ମଚାରୀ ବାଳକ ଓ ବ୍ରହ୍ମଚାରିଣୀ କନ୍ୟା ଧୀରେ-ଧୀରେ ବେଦାର୍ଥ ଜ୍ଞାନ ରୂପକ ଉତ୍ତମ ତପକୁ ବଢ଼ାଇ ଚାଲିବେ ।

**ୟୋଽନଧୀତ୍ୟ ଦ୍ୱିଜୋ ବେଦମନ୍ୟତ୍ର କୁରୁତେ ଶ୍ରମମ୍ ।**
**ସ ଜୀବନ୍ନେବ ଶୂଦ୍ରତ୍ୱମାଶୁ ଗଚ୍ଛତି ସାନ୍ୱୟଃ ॥** (ମନୁ. ୨:୧୬୮)

ଯେଉଁ ଦ୍ୱିଜ ବେଦ ଅଧ୍ୟୟନ ନକରି ଅନ୍ୟ କାର୍ଯ୍ୟ ନିମନ୍ତେ ପରିଶ୍ରମ କରେ ସେ ଇହ ଜୀବନରେ ଶୀଘ୍ର ହିଁ ପୁତ୍ର-ପୌତ୍ରାଦି ସହିତ ଶୂଦ୍ରତ୍ୱକୁ ପ୍ରାପ୍ତ ହୁଏ ।

**ବର୍ଜୟେନ୍ମଧୁମାଂସଞ୍ଚ ଗନ୍ଧଂ ମାଲ୍ୟଂ ରସାନ୍ ସ୍ତ୍ରିୟଃ ।**
**ଶୁକ୍ତାନି ୟାନି ସର୍ବାଣି ପ୍ରାଣିନାଂ ଚୈବ ହିଂସନମ୍ ॥ ୧ ॥**
**ଅଭ୍ୟଙ୍ଗମଞ୍ଜନଂ ଚାକ୍ଷ୍ଣୋରୁପାନଚ୍ଛତ୍ରଧାରଣମ୍ ।**
**କାମଂ କ୍ରୋଧଂ ଚ ଲୋଭଂ ଚ ନର୍ତ୍ତନଂ ଗୀତବାଦନମ୍ ॥ ୨ ॥**
**ଦ୍ୟୂତଂ ଚ ଜନବାଦଂ ଚ ପରିବାଦଂ ତଥାନୃତମ୍ ।**
**ସ୍ତ୍ରୀଣାଂ ଚ ପ୍ରେକ୍ଷଣାଲମ୍ଭମୁପଘାତଂ ପରସ୍ୟ ଚ ॥ ୩ ॥**
**ଏକଃ ଶୟୀତ ସର୍ବତ୍ର ନ ରେତଃ ସ୍କନ୍ଦୟେତ୍ କ୍ୱଚିତ୍ ।**

**କାମାଦ୍ଧି ସ୍କନ୍ଦୟନ୍ ରେତୋ ହିନସ୍ତି ବ୍ରତମାତ୍ମନଃ ॥୪॥** (ମନୁ. ୨:୧୭୭-୧୮୦)

ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ମଦ୍ୟ, ମାଂସ, ଗନ୍ଧ, ମାଳା, ରସ, ସ୍ତ୍ରୀ ବା ପୁରୁଷଙ୍କ ପାରସ୍ପରିକ ସଙ୍ଗ, ଖଟା ଜିନିଷ, ପ୍ରାଣିହିଂସା ॥୧॥ ଅଙ୍ଗମର୍ଦ୍ଦନ, ଅନାବଶ୍ୟକ ଭାବେ ଉପସ୍ଥେନ୍ଦ୍ରିୟ ସ୍ପର୍ଶ, ଆଖିରେ ଅଞ୍ଜନ, ଜୋତା-ଛତା ଧାରଣ, କାମ, କ୍ରୋଧ, ଲୋଭ, ଭୟ, ଶୋକ, ଈର୍ଷ୍ୟା, ଦ୍ୱେଷ, ନାଚ, ଗୀତ, ବାଦ୍ୟ ॥୨॥ ଦ୍ୟୂତକ୍ରୀଡ଼ା, ପରଚର୍ଚ୍ଚା, ପରନିନ୍ଦା, ମିଥ୍ୟାଭାଷଣ, ସ୍ତ୍ରୀ-ପୁରୁଷ ଦର୍ଶନ ଓ ଆଶ୍ରୟ, ଅନ୍ୟର ଅନିଷ୍ଟ ଆଦି କୁକର୍ମ ସର୍ବଦା ପରିତ୍ୟାଗ କରିବେ ॥୩॥

ସର୍ବତ୍ର ବିଛଣାରେ ଏକୁଟିଆ ଶୋଇବେ, ବୀର୍ଯ୍ୟସ୍ଖଳନ କରିବେ ନାହିଁ। ଯଦି କାମନାବଶତଃ ବୀର୍ଯ୍ୟସ୍ଖଳନ ହେଲା, ତେବେ ନିଜ ବ୍ରହ୍ମଚର୍ଯ୍ୟ-ବ୍ରତ ନାଶ କରିଦେଲେ ବୋଲି ଜାଣିବେ ॥୪॥

**ବେଦମନୂଚ୍ୟାଚାର୍ଯ୍ୟୋଽନ୍ତେବାସିନମନୁଶାସ୍ତି। ସତ୍ୟଂ ବଦ। ଧର୍ମଂ ଚର। ସ୍ୱାଧ୍ୟାୟାନ୍ମା ପ୍ରମଦଃ। ଆଚାର୍ଯ୍ୟାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ। ସତ୍ୟାନ୍ନ ପ୍ରମଦିତବ୍ୟମ୍। ଧର୍ମାନ୍ନ ପ୍ରମଦିତବ୍ୟମ୍। କୁଶଲାନ୍ନ ପ୍ରମଦିତବ୍ୟମ୍। ଭୂତ୍ୟୈ ନ ପ୍ରମଦିତବ୍ୟମ୍। ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍ ॥୧॥**

**ଦେବପିତୃକାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟମ୍। ମାତୃଦେବୋ ଭବ। ପିତୃଦେବୋ ଭବ। ଆଚାର୍ଯ୍ୟଦେବୋ ଭବ। ଅତିଥିଦେବୋ ଭବ। ୟାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନୋ ଇତରାଣି। ୟାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି ॥୨॥**

**ୟେ କେ ଚାସ୍ମଚ୍ଛ୍ରେୟାଂସୋ ବ୍ରାହ୍ମଣାସ୍ତେଷାଂ ତ୍ୱୟାସନେନ ପ୍ରଶ୍ୱସିତବ୍ୟମ୍। ଶ୍ରଦ୍ଧୟା ଦେୟମ୍। ଅଶ୍ରଦ୍ଧୟା ଦେୟମ୍। ଶ୍ରିୟା ଦେୟମ୍। ହ୍ରିୟା ଦେୟମ୍। ଭିୟା ଦେୟମ୍। ସଂବିଦା ଦେୟମ୍ ॥୩॥**

**ଅଥ ୟଦି ତେ କର୍ମବିଚିକିତ୍ସା ବା ବୃତ୍ତବିଚିକିତ୍ସା ବା ସ୍ୟାତ୍, ୟେ ତତ୍ର ବ୍ରାହ୍ମଣାଃ ସମଦର୍ଶିନୋ ୟୁକ୍ତା, ଅୟୁକ୍ତା ଅଲୁକ୍ଷା ଧର୍ମକାମାଃ ସ୍ୟୁର୍ୟଥା ତେ ତତ୍ର ବର୍ତ୍ତେରନ୍, ତଥା ତତ୍ର ବର୍ତ୍ତେଥାଃ। ଏଷ ଆଦେଶଃ, ଏଷ ଉପଦେଶଃ, ଏଷା ବେଦୋପନିଷତ୍। ଏତଦନୁଶାସନମ୍। ଏବମୁପାସିତବ୍ୟମ୍। ଏବମୁ ଚୈତଦୁପାସ୍ୟମ୍ ॥୪॥** (ତୈତ୍ତି. ୧:୧୧)

ଆଚାର୍ଯ୍ୟ ଅନ୍ତେବାସୀ ଅର୍ଥାତ୍ ନିଜ ଶିଷ୍ୟ ଓ ଆଚାର୍ଯ୍ୟା ନିଜ ଶିଷ୍ୟାଙ୍କୁ ଏଭଳି ଉପଦେଶ ଦେବେ – ତୁମେ ସର୍ବଦା ସତ୍ୟ କୁହ। ଧର୍ମାଚରଣ କର। ପ୍ରମାଦ ଛାଡ଼ି ଅଧ୍ୟୟନ କର। ପୂର୍ଣ୍ଣ ରୂପେ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସମସ୍ତ ବିଦ୍ୟା ଗ୍ରହଣ ଓ ଆଚାର୍ଯ୍ୟଙ୍କୁ ତାଙ୍କ ପ୍ରିୟ ଧନ ପ୍ରଦାନ କରି, ବିବାହ ପୂର୍ବକ ସନ୍ତାନ ଉତ୍ପନ୍ନ କର। ସତ୍ୟ ପାଳନରେ ପ୍ରମାଦ କରନାହିଁ। ଧର୍ମାଚରଣରେ ହେଳା କର ନାହିଁ। ଆରୋଗ୍ୟ ଓ ନିପୁଣତା ଅର୍ଜନରେ ଅବହେଳା କରନାହିଁ। ଉତ୍ତମ ଐଶ୍ୱର୍ଯ୍ୟ ବୃଦ୍ଧିରେ ହେଳା କର ନାହିଁ। ଅଧ୍ୟୟନ-ଅଧ୍ୟାପନାରେ କେବେ ବି ହେଳା କର ନାହିଁ ॥୧॥

ଦେବ ଅର୍ଥାତ୍ ବିଦ୍ୱାନ୍ ଓ ମାତା-ପିତା ଆଦିଙ୍କ ସେବାରେ ଅବହେଳା କର ନାହିଁ। ବିଦ୍ୱାନଙ୍କ ସତ୍କାର କରିବା ସାଙ୍ଗକୁ ସେହିପରି ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବା ସର୍ବଦା କର। ସତ୍ୟଭାଷଣାଦି ଯେଉଁସବୁ ଅନିନ୍ଦିତ ଧର୍ମାନୁକୂଳ କର୍ମ ଅଛି ସେସବୁ କର; ଅନ୍ୟ ଯେଉଁସବୁ ମିଥ୍ୟାଭାଷଣାଦି ନିନ୍ଦନୀୟ କର୍ମ ଅଛି, ସେ ସବୁ କେବେ ବି କର ନାହିଁ। ଆମର ଯାହା ସୁଚରିତ୍ର ଅର୍ଥାତ୍ ଧର୍ମାନୁକୂଳ ଆଚରଣ ଅଛି, ସେସବୁ ଗ୍ରହଣ କର ଏବଂ ଆମର ଯାହା

ସବୁ ଅଧର୍ମ ଗୁଣ-କର୍ମ, ସେସବୁ କେବେ ବି ଗ୍ରହଣ କର ନାହିଁ ।। ୨ ।।

ଆମ ଭିତରେ ଯେଉଁମାନେ ଉତ୍ତମ ବିଦ୍ୱାନ୍, ଧର୍ମାତ୍ମା ବ୍ରାହ୍ମଣ ଅଛନ୍ତି ସେମାନଙ୍କ ସଙ୍ଗ କର ଓ ସେମାନଙ୍କୁ ବିଶ୍ୱାସ କର । ଦାନଶୀଳ ହୁଅ । ଶ୍ରଦ୍ଧାରେ ଦିଅ, ନଚେତ୍ ଅଶ୍ରଦ୍ଧାରେ ଦିଅ, ଶୋଭା-ଆଡ଼ମ୍ବରରେ ଦିଅ କି ଲଜ୍ଜାରେ ଦିଅ, ଭୟରେ ଦିଅ ଅଥବା ପ୍ରତିଜ୍ଞାବଶତଃ ଦିଅ, ଯେ କୌଣସି ଭାବେ ଦିଅ ପଛକେ ନିଶ୍ଚିତ ଦେବା ଉଚିତ ।।୩ ।।

ଯେତେବେଳେ ବି ତୁମର କର୍ମ, ଶୀଳ ବା ଉପାସନା-ଜ୍ଞାନ ବିଷୟରେ କୌଣସି ପ୍ରକାର ସନ୍ଦେହ ଉତ୍ପନ୍ନ ହେବ, ସେତେବେଳେ ଯେଉଁମାନେ ସମଦର୍ଶୀ, ପକ୍ଷପାତରହିତ, ଯୋଗୀ, ଅଯୋଗୀ, କୋମଳଚିତ୍ତ, ଧର୍ମକାମୀ ଧର୍ମାତ୍ମା ବ୍ୟକ୍ତି ଥିବେ, ସେମାନେ ଯେପରି ଧର୍ମାନୁକୂଳ ଆଚରଣ କରନ୍ତି, ତୁମେ ବି ସେପରି ଆଚରଣ କର । ଏହା ହିଁ ଆଦେଶ, ଏହା ହିଁ ଉପଦେଶ, ଏହା ହିଁ ବେଦର ରହସ୍ୟ ଓ ଏହା ହିଁ ଶିକ୍ଷା । ଏପରି ଆଚରଣ କରିବା ଓ ନିଜ ଆଚରଣ-ବ୍ୟବହାରକୁ ସୁଧାରିବା ଉଚିତ ।। ୪ ।।

**ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।**
**ୟଦ୍ୟଦ୍ଧି କୁରୁତେ କିଞ୍ଚିତ୍ ତତ୍ତତ୍କାମସ୍ୟ ଚେଷ୍ଟିତମ୍ ।।** (ମନୁ. ୨:୪)

ମନୁଷ୍ୟ ଭଲ ଭାବେ ବୁଝିରଖିବା ଉଚିତ ଯେ କାମନା ନ କଲେ କୌଣସି କାର୍ଯ୍ୟ କରାଯାଇପାରେ ନାହିଁ । ଏପରିକି ନେତ୍ରର ସଂକୋଚନ-ପ୍ରସାରଣ ବି ସମ୍ଭବ ନୁହେଁ । ଏଥିରୁ ସିଦ୍ଧ ହେଉଛି ଯେ ଯିଏ ଯାହା କିଛି ବି କରେ, ସେସବୁ ଚେଷ୍ଟା, ଇଚ୍ଛାପୂର୍ବକ ହିଁ କରେ ।

**ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।**
**ତସ୍ମାଦସ୍ମିନ୍ତ୍ସଦା ୟୁକ୍ତୋ ନିତ୍ୟଂ ସ୍ୟାଦାତ୍ମବାନ୍ ଦ୍ୱିଜଃ ।।୧ ।।**
**ଆଚାରାଦ୍‌ବିଚ୍ୟୁତୋ ବିପ୍ରୋ ନ ବେଦଫଲମଶ୍ନୁତେ ।**
**ଆଚାରେଣ ତୁ ସଂୟୁକ୍ତଃ ସଂପୂର୍ଣ୍ଣଫଲଭାଗ୍‌ଭବେତ୍ ।।୨ ।।** (ମନୁ. ୧:୧୦୮,୧୦୯)

ବେଦ ଓ ବେଦାନୁକୂଳ ସ୍ମୃତି ଶାସ୍ତ୍ର ପଢ଼ିବା-ପଢ଼ାଇବା ଓ ଶୁଣିବା-ଶୁଣେଇବାର ପରିଣାମ ହେଲା ଏସବୁରେ ପ୍ରତିପାଦିତ ଧର୍ମର ଆଚରଣ କରିବା । ଏଣୁ ଧର୍ମାଚରଣରେ ସର୍ବଦା ସଂଯୁକ୍ତ ରହିବା ଉଚିତ ।। ୧ ।। କାରଣ ଯିଏ ଧର୍ମାଚରଣ ରହିତ, ସେ ବେଦପ୍ରତିପାଦିତ ଧର୍ମଜନିତ ସୁଖରୂପକ ଫଳ ପ୍ରାପ୍ତ କରିପାରେ ନାହିଁ ଏବଂ ଯିଏ ବିଦ୍ୟା ଅଧ୍ୟୟନ କରି ଧର୍ମାଚରଣ କରେ, ସେ ହିଁ ସମସ୍ତ ସୁଖ ଲାଭ କରେ ।। ୨ ।।

**ୟୋଽବମନ୍ୟେତ ତେ ମୂଲେ ହେତୁଶାସ୍ତ୍ରାଶ୍ରୟାଦ୍ ଦ୍ୱିଜଃ ।**
**ସ ସାଧୁଭିର୍ବହିଷ୍କାର୍ୟୋ ନାସ୍ତିକୋ ବେଦନିନ୍ଦକଃ ।।** (ମନୁ. ୨:୧୧)

ଯିଏ ବେଦ ଓ ବେଦାନୁକୂଳ ଆପ୍ତକୃତ-ଶାସ୍ତ୍ରଗୁଡ଼ିକୁ ଅପମାନ କରେ, ସେହି ବେଦନିନ୍ଦକ ନାସ୍ତିକକୁ ଜାତି, ସମାଜ ଓ ଦେଶରୁ ବହିଷ୍କାର କରିଦେବା ଉଚିତ । କାରଣ—

**ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।**
**ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ।।** (ମନୁ. ୨:୧୨)

ବେଦ; ସ୍ମୃତି ଅର୍ଥାତ୍ ବେଦାନୁକୂଳ ଆପ୍ତୋକ୍ତ ମନୁସ୍ମୃତି ଆଦି ଶାସ୍ତ୍ର; ସତ୍‌ପୁରୁଷଙ୍କ ଆଚାର ଯାହା ସନାତନ ଅର୍ଥାତ୍ ବେଦ ଦ୍ୱାରା ପରମେଶ୍ୱର ପ୍ରତିପାଦିତ କର୍ମ; ଏବଂ ନିଜ ଆତ୍ମାର ପ୍ରିୟ ଅର୍ଥାତ୍ ଯାହାକୁ ଆତ୍ମା ଚାହେଁ, ଯଥା –

ସତ୍ୟଭାଷଣ – ଏ ଚାରୋଟି ଧର୍ମର ଲକ୍ଷଣ ଅଟନ୍ତି ଅର୍ଥାତ୍ ଏ ଚାରୋଟି ଦ୍ୱାରା ଧର୍ମ-ଅଧର୍ମର ନିର୍ଣ୍ଣୟ ହୁଏ । **ପକ୍ଷପାତରହିତ ନ୍ୟାୟ, ସତ୍ୟର ଗ୍ରହଣ ଏବଂ ଅସତ୍ୟର ସର୍ବଥା ପରିତ୍ୟାଗ ରୂପକ ଯେଉଁ ଆଚରଣ, ତାହାର ନାମ 'ଧର୍ମ' । ଏହାର ବିପରୀତରେ ପକ୍ଷପାତଯୁକ୍ତ ଅନ୍ୟାୟାଚରଣ, ସତ୍ୟର ତ୍ୟାଗ ଓ ଅସତ୍ୟ ଗ୍ରହଣ ରୂପକ ଯେଉଁ କର୍ମ, ତାହାକୁ ଅଧର୍ମ କହନ୍ତି ।**

**ଅର୍ଥକାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।**
**ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ॥** (ମନୁ. ୨:୧୩)

ଯେଉଁମାନେ **(ଅର୍ଥ)** ସୁବର୍ଣ୍ଣାଦି ଧନ-ସମ୍ପଦ ଓ **(କାମ)** ସ୍ତ୍ରୀ-ଭୋଗ ଆଦିରେ ଆସକ୍ତ ନୁହନ୍ତି, ସେମାନଙ୍କୁ ହିଁ ଧର୍ମର ଜ୍ଞାନ ପ୍ରାପ୍ତ ହୁଏ । ଯେଉଁମାନେ ଧର୍ମ ଲାଭ କରିବାକୁ ଚାହାଁନ୍ତି, ସେମାନେ ବେଦଦ୍ୱାରା ଧର୍ମର ନିଶ୍ଚୟ କରିବା ଉଚିତ । କାରଣ **ବେଦ ବିନା ଧର୍ମ-ଅଧର୍ମର ନିର୍ଣ୍ଣୟ ଯଥାର୍ଥ ଭାବେ କରିହୁଏ ନାହିଁ ।**

ଆଚାର୍ଯ୍ୟ ନିଜ ଶିଷ୍ୟଙ୍କୁ ଏହିଭଳି ଭାବେ ଉପଦେଶ ଦେବେ । **ବିଶେଷତଃ ରାଜା, ଅନ୍ୟ କ୍ଷତ୍ରିୟ, ବୈଶ୍ୟ ଓ ଉତ୍ତମ ଶୂଦ୍ରଙ୍କୁ ବି ବିଦ୍ୟା ଶିକ୍ଷା ଅବଶ୍ୟ ଦେବେ । କାରଣ ଯଦି କେବଳ ବ୍ରାହ୍ମଣମାନେ ହିଁ ବିଦ୍ୟା ଶିକ୍ଷା କରନ୍ତି ଓ କ୍ଷତ୍ରିୟାଦି ନ କରନ୍ତି, ତେବେ ବିଦ୍ୟା, ଧର୍ମ, ରାଜ୍ୟ ଓ ଧନ ଆଦିର ବୃଦ୍ଧି କେବେ ବି ହୋଇପାରିବ ନାହିଁ ।** କାରଣ ବ୍ରାହ୍ମଣମାନେ ତ କେବଳ ଅଧ୍ୟୟନ-ଅଧ୍ୟାପନା ଓ କ୍ଷତ୍ରିୟାଦିଙ୍କଠାରୁ ଜୀବିକା ଅର୍ଜନ କରି ଜୀବନ ଧାରଣ କରନ୍ତି । ବ୍ରାହ୍ମଣମାନେ ଜୀବିକାର ଅଧୀନ ହୋଇଥିବାରୁ, କ୍ଷତ୍ରିୟାଦି ଆଜ୍ଞାଦାତା ଅଥଚ ଯଥାଯଥ ପରୀକ୍ଷକ ଦଣ୍ଡଦାତା ହୋଇ ନ ଥିଲେ, ବ୍ରାହ୍ମଣାଦି ସବୁ ବର୍ଣ୍ଣ ଛଳ-କପଟରେ ମାତି, ବିଦ୍ୟାଭ୍ୟାସ, ଧର୍ମ ପରିତ୍ୟାଗ କରି ପାଖଣ୍ଡରେ ହିଁ ମଜ୍ଜି ଯାଆନ୍ତି । ଯେତେବେଳେ କ୍ଷତ୍ରିୟାଦି ବିଦ୍ୱାନ୍ ହୁଅନ୍ତି, ସେତେବେଳେ ବ୍ରାହ୍ମଣମାନେ ବି ଅଧିକ ବିଦ୍ୟାଭ୍ୟାସ କରନ୍ତି ଓ ଧର୍ମ ପଥରେ ଚାଲନ୍ତି ଏବଂ ସେହି ବିଦ୍ୱାନ୍ କ୍ଷତ୍ରିୟାଦିଙ୍କ ନିକଟରେ ପାଖଣ୍ଡ ଓ ମିଥ୍ୟା ବ୍ୟବହାର ବି କରିପାରନ୍ତି ନାହିଁ । ଆଉ ଯେତେବେଳେ କ୍ଷତ୍ରିୟାଦି ବିଦ୍ୟାବିହୀନ ରହନ୍ତି ସେତେବେଳେ ବ୍ରାହ୍ମଣମାନେ ସ୍ୱେଚ୍ଛାଚାରୀ ହୁଅନ୍ତି, ଯାହା ମନକୁ ଆସିଲା ତାହା କରିଯାନ୍ତି ଓ କରାଇଥାନ୍ତି । ଅତଏବ ବ୍ରାହ୍ମଣମାନେ ଯଦି ନିଜର କଲ୍ୟାଣ କାମନା କରୁଥାନ୍ତି, ତେବେ ଅଧିକ ପ୍ରଯତ୍ନ ପୂର୍ବକ କ୍ଷତ୍ରିୟାଦିଙ୍କୁ ବେଦାଦି ସତ୍ୟ ଶାସ୍ତ୍ରର ଶିକ୍ଷା ଦେବେ । କାରଣ କ୍ଷତ୍ରିୟାଦି ହିଁ ବିଦ୍ୟା, ଧର୍ମ, ରାଜ୍ୟ ଓ ଲକ୍ଷ୍ମୀର ବୃଦ୍ଧି କରିଥାନ୍ତି । ସେମାନେ କେବେ ବି ଭିକ୍ଷାବୃତ୍ତି କରନ୍ତି ନାହିଁ । ତେଣୁ ସେମାନେ ବିଦ୍ୟା-ବ୍ୟବହାରରେ ପକ୍ଷପାତୀ ବି ହୁଅନ୍ତି ନାହିଁ । ତା' ଛଡ଼ା ଯେତେବେଳେ **ସବୁ ବର୍ଣ୍ଣ ଭିତରେ ବିଦ୍ୟା ଓ ସୁଶିକ୍ଷା ଥାଏ, ସେତେବେଳେ କେହି ବି ପାଖଣ୍ଡରୂପକ ଅଧର୍ମଯୁକ୍ତ ମିଥ୍ୟା ବ୍ୟବହାର କରିପାରନ୍ତି ନାହିଁ । ଏଥିରୁ ନିଷ୍କର୍ଷ ବାହାରୁଛି ଯେ କ୍ଷତ୍ରିୟ ଆଦିଙ୍କୁ ବ୍ରାହ୍ମଣ ଓ ସନ୍ନ୍ୟାସୀମାନେ ନିୟମାନୁସାରେ ଚଳାନ୍ତି ତଥା ବ୍ରାହ୍ମଣ ଓ ସନ୍ନ୍ୟାସୀଙ୍କୁ କ୍ଷତ୍ରିୟାଦି ସୁନିୟମରେ ପରିଚାଳିତ କରନ୍ତି । ଏଥିପାଇଁ ପ୍ରତ୍ୟେକ ବର୍ଣ୍ଣର ନର-ନାରୀଙ୍କ ଭିତରେ ବିଦ୍ୟା ଓ ଧର୍ମର ପ୍ରସାର ହେବା ଏକାନ୍ତ ଆବଶ୍ୟକ ।**

## ସତ୍ୟ-ଅସତ୍ୟର ପାଞ୍ଚ ପ୍ରକାରେ ପରୀକ୍ଷା

ଯାହା ପଢ଼ିବେ-ପଢ଼ାଇବେ ତାହା ସତ୍ୟ ନା ମିଥ୍ୟା ଉତ୍ତମ ରୂପେ ପରୀକ୍ଷା କରିବା ଉଚିତ । କୌଣସି ବିଷୟ ସତ୍ୟ ନା ମିଥ୍ୟା ଜାଣିବା ପାଇଁ ନିମ୍ନ ପାଞ୍ଚୋଟି ଉପାୟରେ ପରୀକ୍ଷା କରାଯାଇଥାଏ –

**୧.** ଯାହାସବୁ ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଓ ବେଦର ଅନୁକୂଳ ସେସବୁ ସତ୍ୟ । ଯେଉଁଗୁଡ଼ିକ ଈଶ୍ୱରଙ୍କ

ଗୁଣ-କର୍ମ-ସ୍ୱଭାବ ଓ ବେଦର ବିରୁଦ୍ଧ ସେସବୁ ଅସତ୍ୟ ।

**୨.** ଯାହା-ଯାହା ସୃଷ୍ଟିନିୟମର ଅନୁକୂଳ ସେ ସମସ୍ତ ସତ୍ୟ, ଏବଂ ଯାହା-ଯାହା ସୃଷ୍ଟିକ୍ରମର ବିରୁଦ୍ଧ ସେସବୁ ଅସତ୍ୟ । ଯଥା – ଯଦି କେହି କହେ ଯେ, 'ମାତା-ପିତାଙ୍କ ସଂଯୋଗ ବିନା ସନ୍ତାନ ଉତ୍ପନ୍ନ ହେଲା', ତେବେ ସୃଷ୍ଟି-ନିୟମର ବିରୁଦ୍ଧ ହୋଇଥିବାରୁ ଏହା ମିଥ୍ୟା ।

**୩.** ଯାହା 'ଆପ୍ତ' ଅର୍ଥାତ୍ ଧାର୍ମିକ, ବିଦ୍ୱାନ୍, ସତ୍ୟବାଦୀ, ନିଷ୍କପଟ ବ୍ୟକ୍ତିଙ୍କ ଉପଦେଶ ଓ ଆଚରଣର ଅନୁକୂଳ ସେସବୁ ସତ୍ୟ ଓ ଗ୍ରାହ୍ୟ । ଯେଉଁସବୁ ଏହାର ବିରୁଦ୍ଧ ସେସବୁ ମିଥ୍ୟା ଓ ଅଗ୍ରାହ୍ୟ ।

**୪.** ଯାହା ନିଜ ଆତ୍ମାର ପବିତ୍ରତା ଓ ବିଦ୍ୟାର ଅନୁକୂଳ ତାହା ସତ୍ୟ ଓ ଗ୍ରାହ୍ୟ । ଯଥା – ଯେପରି ନିଜକୁ ସୁଖ ପ୍ରିୟ ଓ ଦୁଃଖ ଅପ୍ରିୟ, ସେହିପରି ସର୍ବତ୍ର ବୁଝିବା ଉଚିତ ଯେ ଯଦି ମୁଁ ବି କାହାକୁ ଦୁଃଖ ବା ସୁଖ ଦିଏ ତେବେ ସେ ମଧ୍ୟ ଅପ୍ରସନ୍ନ ବା ପ୍ରସନ୍ନ ହେବ ।

**୫.** ନ୍ୟାୟ ଶାସ୍ତ୍ରୋକ୍ତ ଆଠ ପ୍ରମାଣ – ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ ।

**୧. ପ୍ରତ୍ୟକ୍ଷ ପ୍ରମାଣ –**

**ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟପଦେଶ୍ୟମବ୍ୟଭିଚାରି ବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍ ।**

(ନ୍ୟାୟ. ୧:୧:୪)

କର୍ଣ୍ଣ, ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ନାସିକା – ଏ ପାଞ୍ଚୋଟି ଇନ୍ଦ୍ରିୟର ଯଥାକ୍ରମେ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ସହିତ ଅବ୍ୟବହିତ ଅର୍ଥାତ୍ ଆବରଣରହିତ ସମ୍ବନ୍ଧ ହୋଇ, ଇନ୍ଦ୍ରିୟ ସହ ମନର ଓ ମନ ସହ ଆତ୍ମାର ସଂଯୋଗ ଦ୍ୱାରା ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ, ତାହାକୁ **'ପ୍ରତ୍ୟକ୍ଷ'** କହନ୍ତି । କିନ୍ତୁ ପ୍ରଥମତଃ ଏ ଜ୍ଞାନ **(ଅବ୍ୟପଦେଶ୍ୟ)** ଅବ୍ୟପଦେଶ୍ୟ ହୋଇଥିବା ଆବଶ୍ୟକ । ବ୍ୟପଦେଶ୍ୟ ଅର୍ଥାତ୍ ସଂଜ୍ଞା-ସଞ୍ଜ୍ଞୀ ସମ୍ବନ୍ଧରୁ ଉତ୍ପନ୍ନ ଜ୍ଞାନ ବା କୌଣସି ବସ୍ତୁର ନାମ ଓ ଗୁଣର କଥନରୁ ଜଣାଯାଉଥିବା ଜ୍ଞାନ । କିନ୍ତୁ 'ପ୍ରତ୍ୟକ୍ଷ' ଏପରି ନୁହେଁ । ଯଥା – ଜଣେ ବ୍ୟକ୍ତି ଅନ୍ୟ ଜଣକୁ କହିଲା, 'ପାଣି ଆଣ' । ସେ ବ୍ୟକ୍ତିଟି ପାଣି ଆଣି, କହିଥିବା ଲୋକକୁ କହିଲା, 'ପାଣି ନିଅ' । ସେଠାରେ ପାଣି ଆଣିବା ଲୋକ କି ମଗାଇଥିବା ଲୋକ କେହି ବି 'ପାଣି' ଏହି ଦୁଇ ଅକ୍ଷର ବିଶିଷ୍ଟ ନାମକୁ ଦେଖିନଥାନ୍ତି । ବରଂ ଯେଉଁ ପଦାର୍ଥର ନାମ 'ପାଣି' ସେ ପଦାର୍ଥଟିକୁ ଦେଖିଥାନ୍ତି । 'ପାଣି' ପଦାର୍ଥକୁ ଦେଖି ହେବା ଜ୍ଞାନ 'ପ୍ରତ୍ୟକ୍ଷ ପ୍ରମାଣ' ଏବଂ 'ପାଣି' ଏ ଶବ୍ଦ ଶୁଣି ଯେଉଁ ଜ୍ଞାନ ହୁଏ ତାହା 'ଶବ୍ଦ ପ୍ରମାଣ'ର ଅନ୍ତର୍ଗତ । **(ଅବ୍ୟଭିଚାରୀ)** ପ୍ରତ୍ୟକ୍ଷ ପ୍ରମାଣ କୁହାଯିବା ପାଇଁ ଦ୍ୱିତୀୟ ଆବଶ୍ୟକତା ହେଲା ଯେ ସେ ଜ୍ଞାନ 'ଅବ୍ୟଭିଚାରୀ' ହୋଇଥିବ । ଅର୍ଥାତ୍ ଓଲଟା ହୋଇନଥିବ, ଯଥାଯଥ ହୋଇଥିବ । ଉଦାହରଣ – ମନେକରନ୍ତୁ ଅନ୍ଧକାର ରାତିରେ କୌଣସି ବ୍ୟକ୍ତି କୌଣସି ଖୁଣ୍ଟକୁ ଦେଖି ତାହାକୁ ମଣିଷ ବୋଲି ଭାବିଲା । ତା' ପରେ ଯେତେବେଳେ ଦିନର ଆଲୁଅରେ ତାକୁ ପୁଣି ଦେଖିଲା, ସେତେବେଳେ ରାତିରେ ମଣିଷ ବୋଲି ବିଚାରି ଥିବା ତା'ର ଜ୍ଞାନ ସମାପ୍ତ ହୋଇଗଲା ଓ ଏଇଟା ଗୋଟିଏ ଖମ୍ବ ବୋଲି ଜ୍ଞାନ ହେଲା । ଏଭଳି ଭାବେ ବିନାଶ ହେଉଥିବା, ସମାପ୍ତ ହୋଇଯାଉଥିବା ବା ପରିବର୍ତ୍ତିତ ହେଉଥିବା ଜ୍ଞାନକୁ ବ୍ୟଭିଚାରୀ ଜ୍ଞାନ କୁହାଯାଏ । ଏପରି ଜ୍ଞାନକୁ ପ୍ରତ୍ୟକ୍ଷ ପ୍ରମାଣ କୁହାଯାଏ ନାହିଁ । ରାତିରେ ହେଉ କି ଦିନରେ ହେଉ ଖମ୍ବକୁ ଦେଖି ଖମ୍ବ ବୋଲି ହିଁ ସର୍ବଦା ବୁଝିଥିବା ଜ୍ଞାନ ଅପରିବର୍ତ୍ତିତ ରହେ । ଏହା ଅବ୍ୟଭିଚାରୀ ଜ୍ଞାନ । **(ବ୍ୟବସାୟାତ୍ମକ)** ପ୍ରତ୍ୟକ୍ଷ ପ୍ରମାଣ

କୁହାଯିବା ପାଇଁ ତୃତୀୟ ଆବଶ୍ୟକତା ହେଲା ସେ ଜ୍ଞାନ 'ବ୍ୟବସାୟାତ୍ମକ' ହୋଇଥିବ । ବ୍ୟବସାୟାତ୍ମକର ଅର୍ଥ ନିଶ୍ଚୟାତ୍ମକ । ଜଣେ ବ୍ୟକ୍ତି ଦୂରରୁ ନଦୀବାଲିକୁ ଦେଖିଲା । ଭାବିଲା, 'ସେଇଠି ଲୁଗା ଶୁଖୁଛି, ନା ପାଣି ଅଛି ନା ଆଉ କିଛି ?' ସେହିପରି କୌଣସି ବ୍ୟକ୍ତିକୁ ଦେଖି କେହି ଠିକ୍ ରୂପେ ଚିହ୍ନି ନପାରି ସନ୍ଦେହରେ ପଡ଼ିଲା, 'ଇଏ ଦେବଦତ୍ତ ନା ଯଜ୍ଞଦତ୍ତ ?' ଯେ ପର୍ଯ୍ୟନ୍ତ କୌଣସି ନିର୍ଣ୍ଣୟ ହୋଇପାରିନି, ସେତେବେଳ ଯାଏଁ ତାହା ପ୍ରତ୍ୟକ୍ଷ ଜ୍ଞାନ ନୁହେଁ । ଅତଏବ ଇନ୍ଦ୍ରିୟ-ବସ୍ତୁର ସନ୍ନିକର୍ଷରୁ ଉତ୍ପନ୍ନ ଯେଉଁ ଜ୍ଞାନ **ଅବ୍ୟପଦେଶ୍ୟ, ଅବ୍ୟଭିଚାରୀ ଓ ନିଶ୍ଚୟାତ୍ମକ ଅଟେ ତାହାକୁ 'ପ୍ରତ୍ୟକ୍ଷ' କହନ୍ତି ।**

**୨. ଅନୁମାନ ପ୍ରମାଣ-**

**ଅଥ ତତ୍ପୂର୍ବକଂ ତ୍ରିବିଧମନୁମାନଂ ପୂର୍ବବଚ୍ଛେଷବତ୍ସାମାନ୍ୟତୋଦୃଷ୍ଟଂ ଚ ।** (ନ୍ୟାୟ. ୧:୧:୫)

ଯାହା ପ୍ରତ୍ୟକ୍ଷପୂର୍ବକ ହୁଏ ଅର୍ଥାତ୍ କୌଣସି ବସ୍ତୁର କୌଣସି ଏକ ଭାଗକୁ ବା ସଂପୂର୍ଣ୍ଣ ବସ୍ତୁକୁ କୌଣସି ସ୍ଥାନରେ ପୂର୍ବରୁ ପ୍ରତ୍ୟକ୍ଷ କରିଥିଲେ, ପରବର୍ତ୍ତୀ ସମୟରେ ଦୂର ସ୍ଥାନରୁ ସେ ବସ୍ତୁର ସହଚାରୀ ବା ଏକ ଭାଗର ପ୍ରତ୍ୟକ୍ଷ ହେଲେ ଦେଖାଯାଉ ନଥିବା ଅବୟବୀର ଜ୍ଞାନ ହେବାକୁ **'ଅନୁମାନ'** କହନ୍ତି । ଯଥା - ପୁତ୍ରକୁ ଦେଖି ପିତାର, ପର୍ବତାଦିରେ ଧୂଆଁକୁ ଦେଖି ନିଆଁର, ସଂସାରରେ ସୁଖ-ଦୁଃଖର ତାରତମ୍ୟ ଦେଖି ପୂର୍ବଜନ୍ମର ଜ୍ଞାନ ହେବା । ଅନୁମାନ ତିନି ପ୍ରକାର - ପୂର୍ବବତ୍, ଶେଷବତ୍ ଓ ସାମାନ୍ୟତୋଦୃଷ୍ଟ ।

**କ. ପୂର୍ବବତ୍ -** ଯେଉଁ କ୍ଷେତ୍ରରେ କାରଣକୁ ଦେଖି କାର୍ଯ୍ୟର ଜ୍ଞାନ ହୁଏ, ତାହକୁ 'ପୂର୍ବବତ୍ ଅନୁମାନ' କୁହାଯାଏ । ଯଥା - ମେଘକୁ ଦେଖି ବର୍ଷାର, ବିବାହ ଦେଖି ସନ୍ତାନୋତ୍ପତ୍ତିର, ଅଧ୍ୟୟନରତ ବିଦ୍ୟାର୍ଥୀକୁ ଦେଖି ବିଦ୍ୟାଲାଭର ନିଶ୍ଚୟ ହୋଇଥାଏ ଇତ୍ୟାଦି ।

**ଖ. ଶେଷବତ୍ -** ଯେଉଁଠାରେ କାର୍ଯ୍ୟକୁ ଦେଖି କାରଣକୁ ଜାଣିହୁଏ, ତାହାକୁ 'ଶେଷବତ୍ ଅନୁମାନ' କୁହାଯାଏ । ଯଥା- ନଦୀରେ ପାଣି ବଢ଼ିଥିବା ଦେଖି ଉପର ମୁଣ୍ଡରେ ବର୍ଷା ହୋଇଥିବାର, ପୁତ୍ରକୁ ଦେଖି ପିତାର, ସୃଷ୍ଟିକୁ ଦେଖି 'ଅନାଦି କାରଣ'ର, ସୃଷ୍ଟିରେ 'ବୁଦ୍ଧିପୂର୍ବକ ପଦାର୍ଥଗୁଡ଼ିକର ରଚନା' ଦେଖି ସୃଷ୍ଟିର କର୍ତ୍ତା ଈଶ୍ୱରଙ୍କର, ଦୁଃଖ-ସୁଖ ଦେଖି ପାପ-ପୁଣ୍ୟ ଆଚରଣର ଜ୍ଞାନ ହୋଇଥାଏ ।

**ଗ. ସାମାନ୍ୟତୋଦୃଷ୍ଟ -** ଯେତେବେଳେ ଦୁଇଟି ଭିତରେ କାର୍ଯ୍ୟ-କାରଣ ସମ୍ବନ୍ଧ ନଥାଏ ଅର୍ଥାତ୍ କୌଣସିଟି ଅନ୍ୟଟିର କାର୍ଯ୍ୟ କି କାରଣ ହୋଇନଥାନ୍ତି, କିନ୍ତୁ ଦୁଇଟି ମଧ୍ୟରେ କୌଣସି ପ୍ରକାର ସାଧର୍ମ୍ୟ ଥାଏ ସେତେବେଳେ ସେ ସାଧର୍ମ୍ୟ ଆଧାରରେ ଯେଉଁ ଜ୍ଞାନ ହୁଏ, ତାହାକୁ 'ସାମାନ୍ୟତୋଦୃଷ୍ଟ ଅନୁମାନ' କୁହାଯାଏ । ଯଥା- କୌଣସି ବ୍ୟକ୍ତି ଗତି କରି ହିଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଏ, ଗତି ନକଲେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିପାରେ ନାହିଁ । ସେହିପରି ଜଣେ ବ୍ୟକ୍ତିକୁ ପୂର୍ବରୁ ଏକ ସ୍ଥାନରେ ଦେଖିଥିଲେ ଓ ପରେ ଅନ୍ୟ ସ୍ଥାନରେ ଦେଖିଲେ ସେହି ବ୍ୟକ୍ତି ମଧ୍ୟ ଗତି କରି ହିଁ ପୂର୍ବସ୍ଥାନରୁ ଏଇ ସ୍ଥାନକୁ ଆସଛି ବୋଲି ଜାଣିହୁଏ ।

**'ଅନୁମାନ'** ଶବ୍ଦର ଅର୍ଥ ହିଁ ଏହା ଯେ **'ଅନୁ'** ଅର୍ଥାତ୍ ପଛରେ ହେବା ଜ୍ଞାନ - **'ପ୍ରତ୍ୟକ୍ଷସ୍ୟ ପଶ୍ଚାନ୍ମୀୟତେ ଜ୍ଞାୟତେ ଯେନ ତଦନୁମାନମ୍'** - ପ୍ରତ୍ୟକ୍ଷ ପରେ ଉତ୍ପନ୍ନ ହେବା ଜ୍ଞାନ । ଯଥା- ଧୂଆଁକୁ ପ୍ରତ୍ୟକ୍ଷ ଦେଖିବା ପରେ ହିଁ ଅଦୃଷ୍ଟ ଅଗ୍ନିର ଜ୍ଞାନ ହେବା ।

**୩. ଉପମାନ -**

**ପ୍ରସିଦ୍ଧସାଧର୍ମ୍ୟାତ୍ ସାଧ୍ୟସାଧନମୁପମାନମ୍ ।** (ନ୍ୟାୟ. ୧:୧:୬)

ପ୍ରସିଦ୍ଧ ବା ଜ୍ଞାତ ସାଧର୍ମ୍ୟ-ସାଦୃଶ୍ୟରେ ସାଧ୍ୟ ଅର୍ଥାତ୍ ସିଦ୍ଧି ଯୋଗ୍ୟ ବସ୍ତୁର ସିଦ୍ଧି କରିବାର ସାଧନକୁ **'ଉପମାନ'** କହନ୍ତି । **'ଉପମୀୟତେ ଯେନ ତଦୁପମାନମ୍'** । ଉଦାହରଣ **–** ଜଣେ ବ୍ୟକ୍ତି ନିଜ ଭୃତ୍ୟକୁ କହିଲେ, 'ଅମୁକ ଜାଗାରେ ଯେଉଁ ଲୋକମାନେ ଅଛନ୍ତି, ସେଇଠି ଦେବଦତ୍ତର ସାଥୀ ବିଷ୍ଣୁମିତ୍ର ଅଛି । ତାକୁ ଡାକି ଆଣ ।' ସେ ଭୃତ୍ୟ ଜଣକ ଉତ୍ତର ଦେଲା, 'ମୁଁ ତାକୁ କେବେ ଦେଖି ନାହିଁ । ଜାଣିବି କେମିତି ଯେ ବିଷ୍ଣୁମିତ୍ର କିଏ ?' ମାଲିକ ତାକୁ କହିଲେ, 'ଦେବଦତ୍ତ ଦେଖିବାକୁ ଯେମିତି, ବିଷ୍ଣୁମିତ୍ର ବି ସେମିତି ହିଁ ଦେଖାଯାଏ ।' ଭୃତ୍ୟ ଜଣକ ସେଠାକୁ ଗଲା ଓ ଦେବଦତ୍ତ ଭଳି ଦେଖାଯାଉଥିବା ଲୋକକୁ ଦେଖି ନିଶ୍ଚିତ ହେଲା ଯେ ଇଏ ହିଁ ବିଷ୍ଣୁମିତ୍ର ଏବଂ ତାକୁ ନେଇ ଆସିଲା । ସେହିପରି ଜଣେ କହିଲା, 'ଜଙ୍ଗଲରେ ନୀଳଗାଈ ଥାଏ ।' ଶ୍ରୋତା ପଚାରିଲା, 'ନୀଳଗାଈକୁ କେମିତି ଜାଣିହେବ ?' ବକ୍ତା କହିଲା, 'ଗାଈ ଦେଖିବାକୁ ଯେମିତି, ନୀଳଗାଈ ବି ସେମିତି ।' ଶ୍ରୋତା କୌଣସି ଜଙ୍ଗଲରେ ଯେଉଁ ପଶୁକୁ ଗାଈ ଭଳି ଦେଖିଲା, ତାକୁ ନୀଳଗାଈ ବୋଲି ଜାଣି ପାରିଲା ।

**୪. ଶବ୍ଦ ପ୍ରମାଣ -**

**ଆପ୍ତୋପଦେଶଃ ଶବ୍ଦଃ ।** (ନ୍ୟାୟ. ୧:୧:୭)

ଆପ୍ତ ଅର୍ଥାତ୍ ପୂର୍ଣ୍ଣ ବିଦ୍ୱାନ୍, ଧର୍ମାତ୍ମା, ପରୋପକାରୀ, ସତ୍ୟବାଦୀ, ପୁରୁଷାର୍ଥୀ, ଜିତେନ୍ଦ୍ରିୟ ବ୍ୟକ୍ତି କୌଣସି ବିଷୟରେ ନିଜେ ଯେପରି ଜାଣିଥାନ୍ତି ଓ ଯଦ୍ଦ୍ୱାରା ନିଜେ ସୁଖ ପାଇଥାନ୍ତି, ସମସ୍ତଙ୍କ କଲ୍ୟାଣ ନିମିତ୍ତ ତାହା ଅନ୍ୟମାନଙ୍କୁ ଉପଦେଶ ଦେଇଥାନ୍ତି । ପୃଥିବୀଠୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ଯେତେ ପଦାର୍ଥ ଅଛି ସେ ବିଷୟରେ ଯଥାର୍ଥ ଜ୍ଞାନ ଲାଭ କରି ଯେଉଁମାନେ ଅନ୍ୟକୁ ଉପଦେଶ ଦେଇଥାନ୍ତି ସେମାନଙ୍କୁ ଆପ୍ତ କୁହାଯାଏ । ଏପରି ବ୍ୟକ୍ତିଙ୍କ ଉପଦେଶକୁ **'ଶବ୍ଦପ୍ରମାଣ'** କୁହାଯାଏ । ଋଷିଗଣ ଆପ୍ତ ପୁରୁଷ ଅଟନ୍ତି । ଏଣୁ ସେମାନଙ୍କ ଗ୍ରନ୍ଥଗୁଡ଼ିକ ଶବ୍ଦପ୍ରମାଣର ଅନ୍ତର୍ଗତ । ଈଶ୍ୱର ପ୍ରତ୍ୟେକ ବିଷୟକୁ ଯଥାର୍ଥ, ଅଭ୍ରାନ୍ତ ରୂପେ ଜାଣିଥିବାରୁ ସେ ପୂର୍ଣ୍ଣ ଆପ୍ତ । ଏଣୁ ତାଙ୍କ ଉପଦେଶ ବେଦ ହେଉଛି ସର୍ବଶ୍ରେଷ୍ଠ **'ଶବ୍ଦପ୍ରମାଣ'** ।

**ନ ଚତୁଷ୍ଟ୍ୱମୈତିହ୍ୟାର୍ଥାପତ୍ତିସମ୍ଭବାଭାବପ୍ରାମାଣ୍ୟାତ୍ ।** (ନ୍ୟାୟ. ୨:୨:୧)

ପ୍ରମାଣ କେବଳ ଚାରୋଟି ନୁହେଁ ; କାରଣ ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ - ଏଗୁଡ଼ିକୁ ମଧ୍ୟ ପ୍ରମାଣ ବୋଲି ସ୍ୱୀକାର କରାଯାଇଛି । ଅତଃ ପ୍ରମାଣ ୮ଟି ଅଟେ ।

**୫. ଐତିହ୍ୟ -**

**'ଇତି ହ'**ର ଅର୍ଥ 'ଏପରି ଥିଲା', ସେ ଏହିଭଳି କରିଛନ୍ତି । ଅତଃ କୌଣସି ବ୍ୟକ୍ତିର ଜୀବନଚରିତର ନାମ **'ଐତିହ୍ୟ'** ।

**୬. ଅର୍ଥାପତ୍ତି -**

**'ଅର୍ଥାଦାପଦ୍ୟତେ ସା ଅର୍ଥାପତ୍ତିଃ ।' –** ଜଣେ କୌଣସି କଥା କହିଲେ ତା'ର ବିପରୀତ ଥିବା ଅନ୍ୟ କଥାଟିକୁ ସ୍ୱତଃ ଜଣାଯିବାକୁ 'ଅର୍ଥାପତ୍ତି' କୁହାଯାଏ । କେନଚିଦୁଚ୍ୟତେ **– 'ସତ୍ସୁ ଘନେଷୁ ବୃଷ୍ଟିଃ, ସତି କାରଣେ କାର୍ଯ୍ୟଂ ଭବତୀତି'** । କିମତ୍ର ପ୍ରସଜ୍ୟତେ **– 'ଅସତ୍ସୁ ଘନେଷୁ ବୃଷ୍ଟିଃ, ଅସତି କାରଣେ ଚ କାର୍ଯ୍ୟଂ ନ ଭବତୀତି'** । କେହି ଜଣେ ଅନ୍ୟ ଜଣକୁ କହିଲା**–** 'ମେଘ ହେଲେ ବର୍ଷା ହୁଏ ଓ କାରଣ ଥିଲେ କାର୍ଯ୍ୟ ଉତ୍ପନ୍ନ

ହୁଏ ।' ଏଥିରୁ ନ କହି ମଧ୍ୟ ଅନ୍ୟ ଏକ କଥା ପ୍ରତିପାଦିତ ହେଉଛି ଯେ– 'ବିନା ମେଘରେ ବର୍ଷା ହୁଏ ନାହିଁ କି କାରଣ ନଥିଲେ କାର୍ଯ୍ୟ ହୋଇପାରେ ନାହିଁ ।'

**୭. ସମ୍ଭବ –**

**'ସମ୍ଭବତି ଯସ୍ମିନ୍ ସ ସମ୍ଭବଃ ।'** ଯାହା ସୃଷ୍ଟି-ନିୟମର ଅନୁକୂଳ, ତାହା ହିଁ **'ସମ୍ଭବ'** । ଯେଉଁସବୁ କଥା ସୃଷ୍ଟି-ନିୟମର ବିରୁଦ୍ଧ, ସେସବୁ ଅସମ୍ଭବ । ଯଦି କେହି କହେ ଯେ–'ମାତା-ପିତା ନଥାଇ ସନ୍ତାନ ଉତ୍ପନ୍ନ ହେଲା, କୌଣସି ଲୋକ ମୃତ ବ୍ୟକ୍ତିକୁ ଜୀଆଁଇ ଦେଲା, କେହି ପାହାଡ଼ ଉଠାଇ ଦେଲା, ସମୁଦ୍ରରେ ପଥର ଭସାଇଦେଲା, ଚନ୍ଦ୍ରକୁ ଦୁଇ ଖଣ୍ଡ କରିଦେଲା, ପରମେଶ୍ୱର ଅବତାର ଗ୍ରହଣ କଲେ, ମନୁଷ୍ୟର ଶିଙ୍ଗ ଦେଖିଲା ଓ ବନ୍ଧ୍ୟା ନାରୀର ପୁତ୍ର-କନ୍ୟାଙ୍କ ବିବାହ ହେଲା', ଇତ୍ୟାଦି ତେବେ ସୃଷ୍ଟି-ନିୟମର ବିରୁଦ୍ଧ ହୋଇଥିବାରୁ ଏ ସବୁ ଅସମ୍ଭବ ।

**୮. ଅଭାବ –**

**'ନ ଭବତି ଯସ୍ମିନ୍ ସୋଽଭାବଃ ।'** ଯେଉଁ ସ୍ଥାନରେ ଯାହା ଉପଲବ୍ଧ ନଥାଏ ତାହାକୁ ସେହି ସ୍ଥାନରେ ଅଭାବ କୁହାଯାଏ । ଜଣେ ଅନ୍ୟ ଜଣକୁ କହିଲା, 'ହାତୀଟିଏ ଆଣ' । ସେ ବ୍ୟକ୍ତି ସେହି ସ୍ଥାନରେ ହାତୀର ଅଭାବ-ଥିବା ବା ହାତୀ ନ ଥିବା ଦେଖି ହାତୀ ଥିବା ସ୍ଥାନରୁ ହାତୀଟିଏ ଆଣିଲା ।

ଏଗୁଡ଼ିକ ହେଲା ନ୍ୟାୟ ଶାସ୍ତ୍ରୋକ୍ତ ଆଠ(୮) ପ୍ରମାଣ । ଏ ଆଠଟି ମଧ୍ୟରୁ ଐତିହ୍ୟକୁ ଶବ୍ଦ ପ୍ରମାଣର ଅନ୍ତର୍ଗତ ମାନିଲେ ଏବଂ ଅର୍ଥାପତ୍ତି, ସମ୍ଭବ ଓ ଅଭାବ- ଏ ତିନୋଟିକୁ ଅନୁମାନ ପ୍ରମାଣରେ ଅନ୍ତର୍ଭୁକ୍ତ କଲେ, ପ୍ରମାଣ କେବଳ ଚାରୋଟି ହିଁ ରହେ । ଉପରୋକ୍ତ ପାଞ୍ଚ ପ୍ରକାର ପରୀକ୍ଷା ଦ୍ୱାରା ବ୍ୟକ୍ତି ସତ୍ୟ-ଅସତ୍ୟର ନିର୍ଣ୍ଣୟ କରିପାରେ, ଅନ୍ୟଥା ନୁହେଁ ।

*(କ୍ରମଶଃ...)*

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

## ମାଂସାହାର ମୃତ୍ୟୁ ଆଶଙ୍କା ବଢ଼ାଏ

ୱାଶିଂଟନ : ନିୟମିତ ଭାବେ ମାଂସ ଖାଉଥିବା ଲୋକଙ୍କଠାରେ ମୃତ୍ୟୁହାର ବଢ଼ିବାର ଯଥେଷ୍ଟ ଆଶଙ୍କା ଥାଏ ବୋଲି ୧.୫ ନିୟୁତ ଲୋକଙ୍କୁ ନେଇ ହୋଇଥିବା ଏକ ବ୍ୟାପକ ଅଧ୍ୟୟନରୁ ଜଣାପଡ଼ିଛି । ଆମେରିକାସ୍ଥିତ ମାୟୋ କ୍ଲିନିକ୍‌ର ଗବେଷକମାନେ ୬ଟି ଅଧ୍ୟୟନରେ ମୃତ୍ୟୁହାର ଉପରେ ଶାକାହାର ଓ ମାଂସାହାରର ପ୍ରଭାବ ନେଇ ବିଶ୍ଳେଷଣ କରିଥିଲେ । ଜୀବନ ଉପରେ ଖାଦ୍ୟର ପ୍ରଭାବ ନେଇ ପୂର୍ବରୁ ରହିଥିବା ଧାରଣାକୁ ଏହି ତଥ୍ୟ ସତ୍ୟ ପ୍ରମାଣିତ କରେ ବୋଲି ନ୍ୟୁୟର୍କ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି କଲେଜର ବ୍ରୁକ୍‌ଶିଲ୍ଟ ଲରେଣ୍ଟ କହିଛନ୍ତି । ୨୦୧୪ ରେ କରାଯାଇଥିବା ଏକ ଅଧ୍ୟୟନରେ ୧ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପ୍ରକ୍ରିୟାକୃତ ଓ କେତେଜଣଙ୍କୁ ଅଣପ୍ରକ୍ରିୟାକୃତ ମାଂସ ଖାଇବାକୁ ଦିଆଯାଇଥିଲା । ଶାକାହାରୀଙ୍କଠାରେ ୩.୬ ବର୍ଷ ଅଧିକ ଆୟୁଷ ସମ୍ଭାବନା ରହିଥିବା ଗବେଷକମାନଙ୍କ ମତ ।

**ସୌଜନ୍ୟ : ଧରିତ୍ରୀ (୧୬.୫.୨୦୧୬)**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୧୮୩ | ୪୪୦ | ୬୨୩ | ୧୭. | ନୟାଗଡ଼ | ୧୨ | ୨୮ | ୪୦ |
| ୦୨. | ଖୋର୍ଦ୍ଧା | ୧୧୭ | ୧୯୮ | ୩୧୫ | ୧୮. | ମୟୂରଭଞ୍ଜ | ୧୦ | ୩୬ | ୪୬ |
| ୦୩. | ବରଗଡ଼ | ୬୭ | ୧୧୯ | ୧୮୬ | ୧୯. | ଜଗତସିଂହପୁର | ୦୫ | ୩୪ | ୩୯ |
| ୦୪. | ସୁନ୍ଦରଗଡ଼ | ୫୯ | ୨୭୦ | ୩୨୯ | ୨୦. | ବୌଦ୍ଧ | ୦୫ | ୪୨ | ୪୭ |
| ୦୫. | କଟକ | ୪୭ | ୮୩ | ୧୩୦ | ୨୧. | କଳାହାଣ୍ଡି | ୦୫ | ୦୮ | ୧୩ |
| ୦୬. | କୋରାପୁଟ | ୩୯ | ୭୦ | ୧୦୯ | ୨୨. | ଢେଙ୍କାନାଳ | ୦୫ | ୧୨ | ୧୭ |
| ୦୭. | ବଲାଙ୍ଗିର | ୩୨ | ୧୩୧ | ୧୬୩ | ୨୩. | ଗଜପତି | ୦୪ | ୦୬ | ୧୦ |
| ୦୮. | ରାୟଗଡ଼ା | ୩୧ | ୫୪ | ୮୫ | ୨୪. | ଝାରସୁଗୁଡ଼ା | ୦୪ | ୦୫ | ୦୯ |
| ୦୯. | ବାଲେଶ୍ୱର | ୩୦ | ୨୨ | ୫୨ | ୨୫. | ଯାଜପୁର | ୦୩ | ୩୦ | ୩୩ |
| ୧୦. | ପୁରୀ | ୨୧ | ୨୪ | ୪୫ | ୨୬. | କେନ୍ଦ୍ରାପଡ଼ା | ୦୨ | ୧୦ | ୧୨ |
| ୧୧. | କନ୍ଧମାଳ | ୧୯ | ୧୦୪ | ୧୨୩ | ୨୭. | କେନ୍ଦୁଝର | ୦୨ | ୦୬ | ୦୮ |
| ୧୨. | ସମ୍ବଲପୁର | ୧୭ | ୭୦ | ୮୭ | ୨୮. | ନୂଆପଡ଼ା | ୦୧ | ୦୩ | ୦୪ |
| ୧୩. | ସୁବର୍ଣ୍ଣପୁର | ୧୫ | ୪୩ | ୫୮ | ୨୯. | ଦେବଗଡ଼ | ୦ | ୧୦ | ୧୦ |
| ୧୪. | ମାଲକାନଗିରି | ୧୫ | ୫୫ | ୭୦ | ୩୦. | ନବରଙ୍ଗପୁର | ୦ | ୦୪ | ୦୪ |
| ୧୫. | ଭଦ୍ରକ | ୧୪ | ୧୨ | ୨୬ | ୩୧. | ଅନ୍ୟାନ୍ୟ | ୨୧ | ୨୦ | ୪୧ |
| ୧୬. | ଅନୁଗୁଳ | ୧୨ | ୩୪ | ୪୬ | | **ମୋଟ** | **୭୯୭** | **୧୯୮୩** | **୨୭୮୦** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

## ବଲାଙ୍ଗିର ଜିଲ୍ଲା

୦୧ ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ
୦୨ ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ
୦୩ ଶ୍ରୀମାନ୍ ବିରଞ୍ଚି କୁମାର ମେହେର
୦୪ ଶ୍ରୀମାନ୍ ସତ୍ୟନାରାୟଣ ପ୍ରଧାନ
୦୫ ଶ୍ରୀମାନ୍ ନାରାୟଣ ଲୁହା
୦୬ ଶ୍ରୀମାନ୍ ସ୍ୱପ୍ନେଶ୍ୱର ମହାକୁଡ଼
୦୭ ଶ୍ରୀମାନ୍ ମହେଶ୍ୱର ନିଆଲ୍
୦୮ ଶ୍ରୀମାନ୍ ହୃଷିକେଶ ନାଥ
୦୯ ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ
୧୦ ଶ୍ରୀମାନ୍ ପ୍ରତାପ କୁମାର ବେହେରା
୧୧ ଶ୍ରୀମାନ୍ ସଞ୍ଜୟ କୁମାର ସାହୁ
୧୨ ଶ୍ରୀମତୀ ସାୟନ୍ତିନୀ ତ୍ରିପାଠୀ
୧୩ ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି

## ରାୟଗଡ଼ା ଜିଲ୍ଲା

୦୧ ଶ୍ରୀମାନ୍ ରାଜକିଶୋର ସାହୁ
୦୨ ଶ୍ରୀମାନ୍ ସୁବୋଧ କୁମାର ବେହେରା
୦୩ ଶ୍ରୀମାନ୍ ଶଙ୍କର୍ଷଣ ସାହୁ
୦୪ ଶ୍ରୀମାନ୍ କିଶୋର ଚନ୍ଦ୍ର ଜେନା
୦୫ ଶ୍ରୀମାନ୍ ରାମମୋହନ ପଟ୍ଟନାୟକ

## ବାଲେଶ୍ୱର ଜିଲ୍ଲା

୦୧ ଡାକ୍ତର ସୁକାନ୍ତି ଦାସ
୦୨ ସୁଶ୍ରୀ ଶୁଭଶ୍ରୀ ମହାପାତ୍ର
୦୩ ଶ୍ରୀମତୀ ଶୁଚିସ୍ମିତା ଦାସ
୦୪ ଶ୍ରୀମତୀ କାନନବାଳା ନାୟକ

## ପୁରୀ ଜିଲ୍ଲା

୦୧ ଶ୍ରୀମାନ୍ ରବିନାରାୟଣ ପ୍ରଧାନ
୦୨ ଶ୍ରୀମାନ୍ ପୀତବାସ ନନ୍ଦ

## କନ୍ଧମାଳ ଜିଲ୍ଲା

୦୧ ଶ୍ରୀମାନ୍ ସୁନିଲ କୁମାର ଗରିଆ
୦୨ ଶ୍ରୀମତୀ ନଳିନୀ ଆଚାର୍ଯ୍ୟ
୦୩ ଶ୍ରୀମତୀ ଜ୍ୟୋତିସ୍ମିତା ବଗର୍ତ୍ତି
୦୪ ଶ୍ରୀମାନ୍ ଗୌରଚରଣ ବିଶ୍ୱାଳ
୦୫ ଶ୍ରୀମାନ୍ ମାନସ ରଞ୍ଜନ ପାତ୍ର

# ସମାଚାର ସଂସାର

## ସ୍ୱାମୀ ସୁଧାନନ୍ଦଙ୍କୁ 'ବ୍ରହ୍ମଚାରୀ ରାଜସିଂହ ଆର୍ଯ୍ୟ ସ୍ମୃତି ସମ୍ମାନ'

ଓଡ଼ିଶାରେ ବେଦ ପ୍ରଚାର କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କୁ ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା ତରଫରୁ 'ବ୍ରହ୍ମଚାରୀ ରାଜସିଂହ ଆର୍ଯ୍ୟ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା ପକ୍ଷରୁ ମାର୍ଚ୍ଚ ୨୩ରେ ଆୟୋଜିତ ହୋଲି ମଙ୍ଗଳ ମିଳନ ଉତ୍ସବ ଅବସରରେ ଏହା ପ୍ରଦାନ କରାଯାଇଛି। ଦିଲ୍ଲୀ ସଭାର ସଂପାଦକ ବିନୟ ଆର୍ଯ୍ୟ ନିଜ ଅନୁଭୂତି ଉପସ୍ଥାପନ କରି କହିଲେ ଯେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୁଗୋପଯୋଗୀ ବୈଦିକ ସାହିତ୍ୟ ରଚନା, ପୁସ୍ତକ ପ୍ରକାଶନ, ସାମାଜିକ-ସାଂସ୍କୃତିକ-ଶୈକ୍ଷିକ ଅନୁଷ୍ଠାନଗୁଡିକ ମାଧ୍ୟମରେ ନିରନ୍ତର ବେଦ ପ୍ରଚାର କରି ଓଡ଼ିଶାର ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ବୈଦିକ ସିଦ୍ଧାନ୍ତ ପ୍ରତି ଏକ ନବୀନ ଜାଗରଣ ଆଣିଛନ୍ତି। କୌଣସି ଆଶ୍ରମ ଆଦି ସାଧନ ନ ଥାଇ ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୁତିନ୍ୟାସ ସହ ଏତେ ଅଧିକ ସଂଖ୍ୟକ ସମର୍ପିତ ଗୃହସ୍ଥ କାର୍ଯ୍ୟକର୍ତ୍ତା ଜଡ଼ିତ ହୋଇ ଓଡ଼ିଶାର ସମସ୍ତ ଜିଲ୍ଲାରେ ବୈଦିକ ବିଚାରର ପ୍ରସାର ପାଇଁ ଯେଉଁ ନିରଳସ ଓ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ତାହା ବାସ୍ତବରେ ଅଭିନନ୍ଦନୀୟ। ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମ ମାଧ୍ୟମରେ ସ୍ୱାମୀଜୀ ଓ ଶ୍ରୁତିନ୍ୟାସର ସହଯୋଗୀମାନଙ୍କ ବୈଦିକ ଜ୍ଞାନ ପ୍ରସାରର କାର୍ଯ୍ୟ ସ୍ତୁତ୍ୟ। 'ଶ୍ରୁତିସୌରଭ' ପତ୍ରିକାର ଗ୍ରାହକ ସଂଖ୍ୟା ଏତେ ଶୀଘ୍ର ଏତେ ଅଧିକ ହେବା ଶ୍ରୁତିନ୍ୟାସର ଶୁଭେଚ୍ଛୁ-ସହଯୋଗୀ-କାର୍ଯ୍ୟକର୍ତ୍ତାମାନଙ୍କ ସମ୍ମିଳିତ ପ୍ରୟାସର ଅନ୍ୟ ଏକ ଦୃଷ୍ଟାନ୍ତ । ଅତଃ ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା ପୂଜ୍ୟ ସ୍ୱାମୀ ସୁଧାନନ୍ଦଙ୍କୁ ଆଜି ସମ୍ମାନିତ କରି ଶ୍ରୁତିନ୍ୟାସର ସେ ସମସ୍ତ ସହଯୋଗୀ-କାର୍ଯ୍ୟକର୍ତ୍ତାଙ୍କ ସମର୍ପିତ ସଂଘବଦ୍ଧ ପ୍ରଚେଷ୍ଟାକୁ ସମ୍ମାନ ଜଣାଉଛି ଏବଂ ଆଶା କରୁଛି ଯେ ଓଡ଼ିଶାରେ ବେଦ ପ୍ରଚାର କ୍ଷେତ୍ରରେ ଶ୍ରୁତିନ୍ୟାସ ନବଦିଗନ୍ତକୁ ସ୍ପର୍ଶ କରିବ । ଏହି ସମ୍ମାନ ରୂପେ ସ୍ୱାମୀଜୀଙ୍କୁ ଉତ୍ତରୀୟ, ସ୍ମୃତିଚିହ୍ନ ଓ ୫୧,୦୦୦/- ସମ୍ମାନ ରାଶି ପ୍ରଦାନ ପୂର୍ବକ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ମାନର ଉତ୍ତରରେ ସ୍ୱାମୀଜୀଙ୍କ ବକ୍ତବ୍ୟ ଥିଲା ଯେ, ବେଦ ପ୍ରଚାର ପାଇଁ ଶ୍ରୁତିନ୍ୟାସର ଶୁଭେଚ୍ଛୁ-ସହଯୋଗୀ-କର୍ମକର୍ତ୍ତାଙ୍କ ସମ୍ମିଳିତ ଓ ସମର୍ପିତ ପ୍ରୟାସକୁ ଆଜି ଆର୍ଯ୍ୟଜଗତରେ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ ଓ ସ୍ୱୀକୃତି ମିଳିଛି। ଆର୍ଯ୍ୟଜଗତରେ ବହୁ ପୁରାତନ ସଂଗଠନ ଓ ପ୍ରକାଶନ ମଧ୍ୟ ପତ୍ରିକାର ଗ୍ରାହକ ଓ ପାଠକ ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ସମୟ ମଧ୍ୟରେ ଯାହା ହାସଲ କରିପାରିନାହାନ୍ତି, ଆଜି 'ଶ୍ରୁତିସୌରଭ' ସେ ଲକ୍ଷ୍ୟ ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହା ଓଡ଼ିଶାର ହଜାର-ହଜାର ବେଦପ୍ରେମୀଙ୍କର ଶ୍ରୁତିନ୍ୟାସକୁ ଭଲ ପାଉଥିବାର ନିଦର୍ଶନ।

ଏହି କାର୍ଯ୍ୟକ୍ରମରେ ସଂସଦ ସଦସ୍ୟ ଡଃ. ସତ୍ୟପାଳ ସିଂହ ଓ ଶ୍ରୀ ମନୋଜ ତିୱାରୀ ଯୋଗ ଦେଇ ଭାରତର ବିଭିନ୍ନ ପ୍ରାନ୍ତରେ ବନବାସୀ କ୍ଷେତ୍ରରେ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ସମ୍ବର୍ଦ୍ଧନ ନିମନ୍ତେ ଆର୍ଯ୍ୟସମାଜ ତରଫରୁ ଚାଲିଥିବା ସେବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଆର୍ଯ୍ୟସମାଜର ନୂତନ ସଭାପତି ଶ୍ରୀ ସୁରେଶ ଚନ୍ଦ୍ର ଆର୍ଯ୍ୟଙ୍କୁ ସାର୍ବଜନିକ ଅଭିନନ୍ଦନ କରାଯାଇଥିଲା। ଚଳିତ ବର୍ଷ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟଙ୍କ ୧୫୦ ତମ ଜୟନ୍ତୀ ବର୍ଷ। ଲାଲାଜୀଙ୍କ ଚତୁର୍ଥ ପୀଢ଼ି ମଧ୍ୟ ଆର୍ଯ୍ୟସମାଜର କାର୍ଯ୍ୟରେ ସଂଲଗ୍ନ ଥିବାରୁ ତାଙ୍କ ପୌତ୍ରବଧୂ ମାତା ରବିଭୂଷଣ ରାୟଙ୍କୁ ସାର୍ବଜନିକ ଅଭିନନ୍ଦନ କରାଯାଇଥିଲା ।

ଆର୍ଷ ସାହିତ୍ୟ ପ୍ରଚାର ଟ୍ରଷ୍ଟ ପକ୍ଷରୁ ପିଲାମାନଙ୍କ ପାଇଁ ପ୍ରକାସିତ ୬ଟି କମିକ୍ସକୁ ସ୍ୱାମୀ ସମ୍ପୂର୍ଣ୍ଣାନନ୍ଦ, ସ୍ୱାମୀ ସୁଧାନନ୍ଦ ଓ ସାଧ୍ୱୀ ଉତ୍ତମା ଯତୀ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ଆଫ୍ରିକା ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ଡଃ. ବି. ରାମବିଳାସ, ଦୈନିକ ବୀର ପ୍ରତାପର ସମ୍ପାଦିକା କିରଣ ଚୋପଡ଼ା, ଏମ୍.ଡି.ଏଚ୍‌ର ଚେୟାରମ୍ୟାନ୍ ମହାଶୟ ଧର୍ମପାଲ, ଟଙ୍କାରା ଟ୍ରଷ୍ଟର ଟ୍ରଷ୍ଟି ଅଜୟ ସହଗଲ୍, ଏମିଟି ଶିକ୍ଷଣ ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ କୁମାର ଚୌହାନ,

ମୁଞ୍ଜାଲ ଶୋଭା ଲିମିଟେଡ୍‌ର ଅଧ୍ୟକ୍ଷ ଯୋଗେଶ ମୁଞ୍ଜାଲ୍, ଗ୍ରୋଭର୍ ଗ୍ରୁପ୍ ଅଧ୍ୟକ୍ଷ ରାକେଶ ଗ୍ରୋଭର୍ ପ୍ରମୁଖଙ୍କ ସହ ଦିଲ୍ଲୀର ସମସ୍ତ ଆର୍ଯ୍ୟସମାଜରୁ ହଜାର-ହଜାର ସଂଖ୍ୟକ ସଦସ୍ୟ ଯୋଗ ଦେଇଥିଲେ ।

**ରାୟଗଡ଼ାରେ ବେଦ ପ୍ରବଚନ**

ରାୟଗଡ଼ାରେ ଆର୍ଯ୍ୟସମାଜ ପକ୍ଷରୁ ମାର୍ଚ୍ଚ ୪,୫ ଓ ୬ ତିନି ଦିନ ଧରି ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରବଚନରେ ସ୍ୱାମୀଜୀ କହିଲେ ଯେ ଧର୍ମ ହିଁ ମନୁଷ୍ୟର ବାସ୍ତବିକ ପରିଚୟ। ଧର୍ମ ବିହୀନ ବ୍ୟକ୍ତି ମାନବ ଶରୀର ଧାରୀ ହୋଇଥିଲେ ହେଁ ଶାସ୍ତ୍ର ଦୃଷ୍ଟିରୁ ପଶୁତୁଲ୍ୟ ଅଟେ । ଧର୍ମ ହିଁ ମନୁଷ୍ୟର ଇହକାଳ ଓ ପରକାଳର ସଖା । ଏଣୁ ବ୍ୟକ୍ତି ଜୀବନରେ ନିରଳସ ଭାବରେ ଧର୍ମ ସଞ୍ଚୟ ପାଇଁ ପ୍ରଯତ୍ନଶୀଳ ହେବା ଏକାନ୍ତ ଆବଶ୍ୟକ । ଧର୍ମକୁ ଜାଣିବା ପାଇଁ ମହର୍ଷି ମନୁ ବେଦକୁ ସର୍ବଶ୍ରେଷ୍ଠ ପ୍ରମାଣ ବୋଲି ଅଭିହିତ କରିଛନ୍ତି। ଆଜି ସମାଜ ବେଦକୁ ଛାଡ଼ି ବୁଦ୍ଧିହୀନ-ତର୍କହୀନ ଗ୍ରନ୍ଥଗୁଡ଼ିକୁ ଧର୍ମଗ୍ରନ୍ଥ ରୂପେ ସ୍ୱୀକାର କରି ଅନ୍ଧାରରେ ଅଣ୍ଡାଳି ହେଉଛି। ଧର୍ମ ନାମରେ ଯୁକ୍ତି-ତର୍କହୀନ ଆଚରଣ ଦ୍ୱାରା ଆମକୁ ଅଯଥା ଶାରୀରିକ-ମାନସିକ-ଆର୍ଥିକ କଷ୍ଟ ଉଠାଇବାକୁ ପଡୁଛି । ଏଣୁ ବ୍ୟଷ୍ଟି ଓ ସମଷ୍ଟିର କଲ୍ୟାଣ ନିମନ୍ତେ ଆମକୁ ବେଦର ରାଜପଥକୁ ଫେରିଯିବାକୁ ହେବ। ରାଜକିଶୋର ସାହୁ, ସୁବୋଧ କୁମାର ବେହେରା, ଶଙ୍କର୍ଷଣ ସାହୁ, ଅନସୂୟା ମହାରଣା, ଅଜିତ ପ୍ରସାଦ ପାଢ଼ି, ବାସୁଦେବ ପାଲକା, ବ୍ରହ୍ମାନନ୍ଦ ମହାରଣା ପ୍ରମୁଖଙ୍କ ସଦୁଦ୍ୟମରେ କାର୍ଯ୍ୟକ୍ରମ ସରସ-ସୁନ୍ଦର ରୂପେ ସମ୍ପନ୍ନ ହାଇଥିଲା।

ଇତ୍ୟବସରରେ ମାର୍ଚ୍ଚ ୬ ତାରିଖ ପୂର୍ବାହ୍ନରେ ରାୟଗଡ଼ା ନିକଟସ୍ଥ ଜେ.କେ.ପୁରଠାରେ ଏକ ତିନିକୁଣ୍ଡୀୟ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞୋପରାନ୍ତ ପ୍ରବଚନରେ ସ୍ୱାମୀଜୀ କହିଲେ ଭାରତୀୟ ପାରିବାରିକ ସଂଗଠନ ବିଶ୍ୱରେ ଆଦର୍ଶ। କିନ୍ତୁ ଆଜି ଆମ ସଂସ୍କୃତିର ମୂଳଭିତ୍ତି ଦୋହଲିଗଲାଣି। ଧୈର୍ଯ୍ୟ, ସହନଶୀଳତା, ସଂଯମ, ଉଦାରତା, ଗୁରୁଜନଙ୍କୁ ସମ୍ମାନ, ମିଳିମିଶି ଚଳିବାର ଭାବନା ଆଦି ଦିବ୍ୟ ଗୁଣ ଯାହାକି ଆମ ପାରିବାରିକ ଜୀବନର ଆଧାର ସେସବୁ ଲୋପପାଇବା ସ୍ଥିତିରେ। ଗୃହକୁ ସ୍ୱର୍ଗ କରିବା କି ନର୍କ କରିବା ଏହା ମୁଖ୍ୟତଃ ଗୃହିଣୀଙ୍କ ଉପରେ ନିର୍ଭର କରେ। କିନ୍ତୁ ଭୋଗବାଦୀ ପାଶ୍ଚାତ୍ୟ ସଂସ୍କୃତି ପଛରେ ଧାବମାନ ହୋଇ ଆମର ମାତୃବର୍ଗ ସ୍ୱ-କର୍ତ୍ତବ୍ୟ, ଦାୟିତ୍ୱ ପ୍ରତି ଉଦାସୀନ। ଫଳରେ ସନ୍ତାନଗଣ ଉଚ୍ଛୃଙ୍ଖଳ, ପ୍ରତିକ୍ରିୟାଶୀଳ। ଆମ ଗୃହକୁ ସ୍ୱର୍ଗ ସମ କରିବାକୁ ହେଲେ ମାଆମାନେ ଘରେ ପ୍ରତ୍ୟହ ଈଶ୍ୱରଙ୍କ ପ୍ରାର୍ଥନା-ଉପାସନା, ଶାସ୍ତ୍ରର ସ୍ୱାଧ୍ୟାୟ ଦ୍ୱାରା ଆଧ୍ୟାତ୍ମିକ ବାତାବରଣ, ଗୁରୁଜନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ ଦ୍ୱାରା କୃତଜ୍ଞତାର ପରିବେଶ ନିର୍ମାଣ କରିବା ଏକାନ୍ତ ଆବଶ୍ୟକ। କିଶୋର ଚନ୍ଦ୍ର ଜେନା, ଗୌରହରି ସାହୁ, ଅଭି ନାରାୟଣ ପ୍ରଧାନ, ସତ୍ୟ ନାରାୟଣ ମହାରଣା, ରାମ ମୋହନ ପଟ୍ଟନାୟକ, ହରିହର ଖମାରୀ ପ୍ରଭୃତିଙ୍କ ସଦୁଦ୍ୟମରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

**ଦଶପଲ୍ଲାରେ ବେଦ ପ୍ରବଚନ**

ମହାବୀର କ୍ଷେତ୍ର, ଦଶପଲ୍ଲାରେ ମାର୍ଚ୍ଚ ୧୮ରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀଜୀ କହିଲେ ଯେ, ଆମେ ଧର୍ମ ନାମରେ ଯାହା କରୁଛୁ, ତାହା ବାସ୍ତବରେ ଧର୍ମ କି ନୁହେଁ ତା' ଉପରେ ପ୍ରାୟତଃ ବିଚାର କରୁନାହୁଁ। ମହର୍ଷି ମନୁ ଧର୍ମର ୧୦ଟି ଲକ୍ଷଣ ମଧ୍ୟରେ ବୁଦ୍ଧି ପୂର୍ବକ କର୍ମକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛନ୍ତି । ମନୁ କହନ୍ତି- **'ଯସ୍ତର୍କେଣ ଅନୁସନ୍ଧତେ ସ ଧର୍ମ ବେଦ ନେତରଃ'**— ଯିଏ ତର୍କ ପୂର୍ବକ ଅନୁସନ୍ଧାନ କରେ ସିଏ ହିଁ ଧର୍ମକୁ ଯଥାଯଥ ଜାଣିପାରେ। ଯିଏ ତର୍କପୂର୍ବକ ଅନୁସନ୍ଧାନ ନ କରି ଆଚରଣ କରେ ସେ ପ୍ରାୟତଃ ଧର୍ମ ନାମରେ ଅଧର୍ମର ଆଚରଣ କରିଥାଏ । ଏଣୁ ଆମେ ଧର୍ମ ନାମରେ କିଛି ଶୁଣି ଦେବା ମାତ୍ରେ, ତା'ର ଆଚରଣ ନ କରି ବୁଦ୍ଧି ଦ୍ୱାରା ପରୀକ୍ଷା କରିବା ଉଚିତ। ବୁଦ୍ଧି ଈଶ୍ୱରଙ୍କ ଅମୂଲ୍ୟ ବରଦାନ। ତେଣୁ ତା'ର ଉପଯୋଗ ନ କରି ଧର୍ମକର୍ମ ନାମରେ ଯାହା-ତାହା କରିବା ଈଶ୍ୱରଙ୍କ ଦାନର ଅବମାନନା। ବୁଦ୍ଧିର ସହଯୋଗ, ମାର୍ଗଦର୍ଶନ ପାଇଁ ପରମାତ୍ମା ସ୍ୱକୀୟ ଜ୍ଞାନ ବେଦ ମଧ୍ୟ ଆମକୁ ଦେଇଛନ୍ତି । ତେଣୁ ଆମେ ବେଦର ସ୍ୱାଧ୍ୟାୟ ପୂର୍ବକ ବେଦୋପଦିଷ୍ଟ ମାର୍ଗରେ ଗତି କରି ଇହଲୋକରେ ଅଭ୍ୟୁଦୟ ଓ ପରଲୋକରେ ନିଃଶ୍ରେୟସର ଅଧିକାରୀ ହୋଇପାରିବା ।

❖❖❖






ବାଲିମେଳାରେ ଜୀବନ ନିର୍ମାଣ ଶିବିରରେ ମଞ୍ଚାସୀନ ଦ୍ୱିଜେନ୍ଦ୍ର କୁମାର ସାହୁ, ଆନନ୍ଦ ସାମନ୍ତରାୟ, ସୁବାସ ଚନ୍ଦ୍ର ମହାନ୍ତି, ଅର୍ଜୁନ ଖରା, କିଶୋର ଚନ୍ଦ୍ର ପାତ୍ର, ଧୋବେଇ ପ୍ରଧାନ। ପାଖରେ ଅଛନ୍ତି ଦାମୋଦର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ ଓ କବିତା ବିଶ୍ୱାଳ





ବାଲିକୁଦାରେ ଯୌତୁକବିହୀନ ଅଳ୍ପବ୍ୟୟରେ ହେଉଥିବା ଗଣବିବାହକୁ ପ୍ରୋତ୍ସାହନ ଜଣାଉଛନ୍ତି ଉପସ୍ଥିତ ଅତିଥିଗଣ

ଜେ.କେ. ପୁରରେ ସାମୂହିକ ବୈଦିକ ଯଜ୍ଞାନୁଷ୍ଠାନ






ରାୟଗଡ଼ାରେ ଆର୍ଯ୍ୟସମାଜ ପକ୍ଷରୁ ସ୍ୱାମୀ ସୁଧାନନ୍ଦଙ୍କ ବେଦ-ପ୍ରବଚନ

With Best Compliments From:

# PITAMBERA PATRA

## Computer Hardware Servicing Center

**133, Swarmayee Nagar, Back side of Hatibandha Street, BERHAMPUR,Ganjam**

**(Deals with Servicing of Computer Hardware, Sales of computer spares, refurbished computers at lowest price, Installation & maintenance of surveillance camera)**

***Contact No. 9238996411, 9337632109, 9437166155,***
***Email : pitambarapatra1951@gmail.com***

**RNI Regn. No. : ODIODI/2015/65938**
₹ 20/- Shruti Sourabha Vol. 1 Issue 4 May-June 2016



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ବିଦ୍ୟାମିତ୍ର ଠୁକରାଲ(ଦିଲ୍ଲୀ), ସ୍ୱାମୀ ସମ୍ପୂର୍ଣ୍ଣାନନ୍ଦ(ହରିଆନା), ଡା. ବି. ରାମବିଲାସ(ଦକ୍ଷିଣ ଆଫ୍ରିକା), ମହାଶୟ ଧର୍ମପାଲ(ଅଧ୍ୟକ୍ଷ, ଏମ୍.ଡି.ଏଚ୍), ସୁରେଶ ଚନ୍ଦ୍ର ଆର୍ଯ୍ୟ(ଅଧ୍ୟକ୍ଷ, ସାର୍ବଦେଶିକ)ଙ୍କ ଗହଣରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ



ଅନ୍ୟ ଅତିଥିଗଣ ସାଧ୍ୱୀ ଉତ୍ତମାଯତୀ(ଦିଲ୍ଲୀ), ଓମ୍ପ୍ରକାଶ ଗୋୟଲ୍(ପାନିପତ), ଯୋଗେଶ ମୁଞ୍ଜାଲ୍(ଚେୟାରମ୍ୟାନ୍, ହିରୋ ହୋଣ୍ଡା), କିରଣ ଚୋପଡ଼ା(ସମ୍ପାଦକ, ବୀର ପ୍ରତାପ), ଧର୍ମପାଳ ଆର୍ଯ୍ୟ(ଅଧ୍ୟକ୍ଷ, ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା)ଙ୍କ ସହ ସ୍ୱାମୀ ସୁଧାନନ୍ଦ

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, Sailashree Vihar, PO - Chandrasekharpur, BBSR - 21
**Editor : Padmanabha Swain**